ବର୍ଷ-୨୫, ସଂଖ୍ୟା-୩୦୦
ଭୁବନେଶ୍ୱର
୧୨, ନଭେମ୍ବର, ୨୦୨୫ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 300
Bhubaneswar
12, November, 2025 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

# ଦିଲ୍ଲୀ ବିସ୍ଫୋରଣର ସରଜମିନ ତଦନ୍ତ

**ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି):** ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣ ଘଟଣାର ତଦନ୍ତ ଦାୟିତ୍ୱ ବିଧିବଦ୍ଧ ଭାବେ ହାତକୁ ନେଇ ଜାତୀୟ ତଦନ୍ତକାରୀ ସଂସ୍ଥା ବା ଏନଆଇଏ। ସୋମବାର ଲାଲକିଲ୍ଲା ନିକଟରେ କାର୍ ଯୋଗେ ଆତ୍ମଘାତୀ ହମଲା କରାଯାଇଥିଲା। ଏଥିରେ ୧୩ ଜଣ ପ୍ରାଣ ହରାଇଥିବା ବେଳେ ପ୍ରାୟ ୩୦ ଜଣ ହତ ହୋଇଛନ୍ତି। ଘଟଣା ପରେ ଫରେନ୍ସିକ ଟିମ, ଏନଆଇଏ ଓ ଏନଏସଜି ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ। ହେଲେ ଏବେ ବିଧିବଦ୍ଧ ଭାବେ ଏନଆଇଏସ ସଂପୂର୍ଣ୍ଣ ଭାବେ ଘଟଣାର ଯାଞ୍ଚ ଦାୟିତ୍ୱ ନିଜ ହାତକୁ ନେଇଛି। ତେବେ ଏହା ଆତ୍ମଘାତୀ ନୁହେଁ ବରଂ ଆତଙ୍କବାଦୀ ଷଡ଼ଯନ୍ତ୍ର ବୋଲି ସୁରାକ ମିଳିଛି।





ଆଇ ୨୦ କାର୍‌ରେ ଆମୋନିୟମ ନାଇଟ୍ରେଟ, ତେଲ ଓ ଡିଟେନୋଟର୍ସେ ଜରିଆରେ ଲାଲକିଲ୍ଲାର ମେଟ୍ରୋ ଷ୍ଟେସନରେ ବଡ ଧରଣର ବିସ୍ଫୋରଣ କରାଯାଇଥିଲା। ଏବେ ଏନଆଇଏ ଏହା ପଛର କାରଣ ଓ ଏହା ପଛରେ ଥିବା ଲୋକଙ୍କୁ ଖୋଜି ବାହାର କରିବ।

ବିସ୍ଫୋରଣରେ ସାମିଲ ଥିବା ଡାକ୍ତର ମହମ୍ମଦ ଉମର ନବିକୁ ନେଇ ବଡ଼ ତଥ୍ୟ ସାମ୍ନାକୁ ଆସିଛି।ବିସ୍ଫୋରଣର ୩ ଦିନ ପୂର୍ବରୁ ହିଁ ଉମର ଅଣ୍ଡରଗ୍ରାଉଣ୍ଡ ହୋଇଯାଇଥିଲା। ସେ ଶୁକ୍ରବାର ଶେଷଥର ପରିବାର ଲୋକଙ୍କ ସହ କଥା ହୋଇଥିଲା। ଏହାପରେ ନିଜର ଫୋନକୁ ଅଫ କରି ଦେଇଥିଲା ପରିବାର ଲୋକ ତାକୁ ଯୋଗାଯୋଗ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ।

ଜୈଶ ପୋଷ୍ଟର ମାରିବା ଘଟଣାରେ ଡାକ୍ତର ଆଦିଲ ଓ ତା ଲିଙ୍କରେ ଫରିଦାବାଦରୁ ଡାକ୍ତର ମୁଜାମିଲ ଗିରଫ ହେବା ପରେ ଉମର ପୂରା ଡରି ଯାଇଥିଲା ।ଏହି ଦୁଇ ଜଣଙ୍କୁ ପୁଲିସ୍ ଗିରଫ କରିବା ସହ ଫରିଦାବାଦରୁ ୨୯୦୦ କେଜି ଓଜନର ବିସ୍ଫୋରକ ଜବତ କରିଥିଲା ଜଣେ ମହିଳା ଡାକ୍ତରକୁ ମଧ୍ୟ ପୁଲିସ୍ ଗିରଫ କରିଥିଲା।

ନିଜର ୩ ସହଯୋଗୀ ଗିରଫ ହେବାରୁ ଉମରକୁ ବି ଗିରଫଦାରୀର ଭୟ ଘାରିଥିଲା। ଏଥିପାଇଁ ସେ ଫୋନ ଅଫ କରି ଫରିଦାବାଦରୁ ଫେରାର ହୋଇଯାଇଥିଲା ।ଏହାପରେ ସୋମବାର ସନ୍ଧ୍ୟାରେ ସେ ଲାଲକିଲ୍ଲା ନିକଟରେ କାର ବିସ୍ଫୋରଣ କରିଥିଲା ଏଥିରେ ୧୩ ଜଣ ପ୍ରାଣ ହରାଇଥିବା ବେଳେ ୩୦ ଜଣ ଆହତ ହୋଇଛନ୍ତି ।ଉମର ବିସ୍ଫୋରଣରେ ବ୍ୟବହୃତ ହୋଇଥିବା ଆଇ ୨୦ କାର ଚଳାଉଥିବା ଜଣାପଡ଼ିବା ପରେ କଶ୍ମୀରର ପୁଲାମା ଅନ୍ତର୍ଗତ କୋୟାଲ ଗାଁରେ ରହୁଥିବା ତା ପରିବାର ଲୋକ ପୂରା ସ୍ତବ୍ଧ ହୋଇଯାଇଛନ୍ତି। ୩୩ ବର୍ଷୀୟ ଉମର ଆତ୍ମଘାତୀ ହମଲାକାରୀ ବୋଲି ଜଣାପଡ଼ିବା ପରେ ପୂରା ଗାଁରେ ଆତଙ୍କ ସୃଷ୍ଟି ହୋଇଛି ।ଦିଲ୍ଲୀ ବିସ୍ଫୋରଣ ପରେ ଜମ୍ମୁ-କଶ୍ମୀର ପୁଲିସ୍ ବିଭିନ୍ନ ସ୍ଥାନରେ ସୋମବାର ରାତିରୁ ହିଁ ରେଡ ଆରମ୍ଭ କରି ଦେଇଛି। କୋୟାଲ ଗାଁରରେ ଥିବା ଡାକ୍ତର ଉମରର ଘରେ ପୁଲିସ୍ ରେଡ କରି ତାର ଦୁଇ ଭାଇ ଓ ମାଙ୍କୁ ଉଠାଇ ନେଇଛି ଆତ୍ମଘାତୀ ହମଲାକାରୀର ଡିଏନଏ ସହ ମେଳ କରିବାକୁ ଉମରର ମାଙ୍କ ଡିଏନଏ ସଂଗ୍ରହ କରାଯାଇଛି ଆଜି ପୁଲିସ୍ ଉମରର ବାପାଙ୍କୁ ମଧ୍ୟ ଅଟକ ରଖି ଡିଏନଏ ସଂଗ୍ରହ କରିଛି ।ଗତକାଲି ତାଙ୍କ ମାନସିକ ସ୍ୱାସ୍ଥ୍ୟାବସ୍ଥା ଯୋଗୁ ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲା । ଅଲ ଫଲାହ ବିଶ୍ୱବିଦ୍ୟାଳୟର କାର୍ଯ୍ୟରତ ଡାକ୍ତର ସାଜଦଙ୍କୁ ମଧ୍ୟ ପୁଲିସ୍ ଅଟକ ରଖି ଜେରା କରୁଛି ।ସେ ଉମର ବନ୍ଧୁ ତଥା ସହକର୍ମୀ ଡାକ୍ତର ସାଜଦଙ୍କୁ ଅଧିକ ତଥ୍ୟ ପାଇଁ ଅଟକ ରଖାଯାଇଛି ନା ସେ ଟେରର ମଡ୍ୟୁଲର ଅଂଶବିଶେଷ ସେକଥା ଜଣାପଡ଼ିନି। କୋୟାଲି ଗାଁ ଠାରୁ ୨୦ କିମି ଦୂର ସମ୍ବୋରା ଗାଁରେ ମଧ୍ୟ ରେଡ କରି ଦୁଇ ଭାଇ ଆମୀର ଓ ଉମର ରାଶିଦକୁ ଗିରଫ କରିଛି। ବିସ୍ଫୋରଣରେ ବ୍ୟବହୃତ ଆଇ ୨୦ କାରକୁ ଆମୀର ଗୋଟିଏ ଏଜେନ୍ସି ଠାରୁ କିଣିଥିଲା। ସେହି ଫଟୋ ଭାଇରାଲ ହେବା ପରେ ପୁଲିସ୍ ତାକୁ ମଧ୍ୟ ଗିରଫ କରିଛି।

ତେବେ ଆମୀରଙ୍କ ପରିବାର ଲୋକ କିଛି ଅଲଗା ଦାବି କରିଛନ୍ତି ।ସେମାନଙ୍କ କହିବା କଥା ଯେ ଆମୀର କେବେ ବି ଜମ୍ମୁ-କଶ୍ମୀର ବାହାରକୁ ଯାଇ ନାହିଁ ତେଣୁ ହରିୟାଣାର ଫରିଦାବାଦରେ ସେ କାର ସହ ଫଟୋ ଉଠାବା ଖବର ମିଛ।

ସେମାନଙ୍କ କହିବା କଥା ଯେ ପୁଲିସ୍ ରାତି ପ୍ରାୟ ୧୦.୩୦ରେ ଘରେ ରେଡ କରିଥିଲା ଏହାପରେ ଘରର ଦୁଇ ପୁଅ ଆମୀର ଓ ଉମରକୁ ଉଠାଇ ନେଇଥିଲା ପୁଲିସ ଏଯାଏ ଏହି ଦୁଇ ଟେରର ପ୍ଲଟର ଅଂଶବିଶେଷ କି ନାହିଁ, ସେକଥା ସ୍ପଷ୍ଟ କରିନି ।

## ପାକିସ୍ତାନରେ ବିସ୍ଫୋରଣ, ୧୨ ମୃତ

**ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି):**ଭାରତ ପରେ ପାକିସ୍ତାନରେ ବିସ୍ଫୋରଣ । ମଙ୍ଗଳବାର ଇଲାମାବାଦ ହାଇକୋର୍ଟ ବାହାରେ ଦ୍ୱି-ପହର ସମୟରେ ବଡ଼ ଧରଣ ବିସ୍ଫୋରଣ ଘଟିଛି । ଏହି ଅଘଟଣରେ ବର୍ତ୍ତମାନ ସୁଦ୍ଧା ୧୨ ଜଣ ଲୋକ ଆଖି ବୁଜିଥିବାବେଳେ, ଅନେକ ଆହତ ହୋଇଛନ୍ତି । ତେବେ ଏହି ବିସ୍ଫୋରଣ ଇସାଲାମାବାଦ କୋର୍ଟ ପରିସରରେ ଥିବା ପାର୍କିଂରେ ହୋଇଛି । ପାର୍କିଂରେ ରହିଥିବା ଏକ କାରରେ ବିସ୍ଫୋରଣ ଘଟିଛି, ଯାହାକି ବଡ଼ ଭୟଙ୍କର ହେବା ସହିତ ଏକାଧିକ ଲୋକଙ୍କ ଜୀବନ ଯାଇଛି । ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହିତ କହିଛନ୍ତି, ଆମେ ଯୁଦ୍ଧ ସ୍ଥିତିରେ ଅଛେ । ଏହି ଆକ୍ରମଣ ପଛରେ ଆଫଗାନିସ୍ତାନ ସହ ଜଡ଼ିତ ଆତଙ୍କବାଦୀଙ୍କ ହାତ ଅଛି ବୋଲି ସେ କହିଛନ୍ତି । ଏହାକୁ ରୋକିବାକୁ ପାକିସ୍ତାନ ପୂରାପୂରି ସକ୍ଷମ ବୋଲି କହିବା ସହିତ ପାକିସ୍ତାନ ପ୍ରତି ଏହା ବିପଦ ବୋଲି ସେ କହିଛନ୍ତି । ସ୍ଥାନୀୟ ପୁଲିସର କହିବା ଅନୁସାରେ, ଏହି ବିସ୍ଫୋରଣ ସମୟରେ କୋର୍ଟ ପରିସରରେ ଅନେକ ଲୋକ ଥିଲେ । ଏହି ଅଘଟଣରେ କୋର୍ଟ ପରିସରରେ ଥିବା ଅନେକ ଓକିଲ ଆହତ ହୋଇଛନ୍ତି । ତା ସହିତ କିଛି ସାଧାରଣ ଲୋକ ମଧ୍ୟ ଆହତ ହୋଇଛନ୍ତି । ଯେଉଁମାନଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ସୁରକ୍ଷା ବାହିନୀ ଏବଂ ଫରେନ୍ସିକ୍ ଦଳକୁ ନିୟୋଜିତ କରାଯାଇଛି ଏବଂ ବିସ୍ଫୋରଣର କାରଣ, ସମ୍ଭାବ୍ୟ ଅବହେଳା ଏବଂ ଅନ୍ୟାନ୍ୟ କାରଣଗୁଡ଼ିକର ତଦନ୍ତ କରୁଛନ୍ତି । ଏହି ଘଟଣା ପରେ, କୋର୍ଟ କମ୍ପ୍ଲେକ୍ସ ଏବଂ ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା । ସମସ୍ତ କୋର୍ଟ କାର୍ଯ୍ୟକଳାପକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖାଯାଇଛି ଏବଂ ପୁଲିସ ଜନସାଧାରଣଙ୍କୁ ସତର୍କତା ଅବଲମ୍ବନ କରିବାକୁ ଅନୁରୋଧ କରିଛି ।

## ଷଡ଼ଯନ୍ତ୍ରକାରୀଙ୍କୁ ଛଡା ଯିବ ନାହିଁ : ମୋଦୀ

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ଦେଶକୁ ଦୋହଲାଇ ଦେଇଥିବା ଦିଲ୍ଲୀ ୧୦/୧୧ ବିସ୍ଫୋରଣକୁ ନେଇ ବଡ ବୟାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବର୍ତ୍ତମାନ ଭୁଟାନ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ମୋଦି ସେଠାରୁ ଲାଲକିଲ୍ଲା ବିସ୍ଫୋରଣକୁ ନେଇ ବଡ ସଙ୍କେତ ଦେଇଛନ୍ତି।



ସୋମବାର ସନ୍ଧ୍ୟାରେ ହୋଇଥିବା ଆତ୍ମଘାତୀ କାର ବିସ୍ଫୋରଣରେ ୧୩ ଜଣ ପ୍ରାଣ ହରାଥିବା ବେଳେ ୨୦ରୁ ଅଧିକ ଆହତ ହୋଇଛନ୍ତି। ଏଥିରେ ଗଭୀର ଶୋକ ପ୍ରକାଶ କରି ଘଟଣା ପଛରେ ଥିବା କାହାକୁ ବି ଛଡା ଯିବନାହିଁ ବୋଲି ପ୍ରଧାନମନ୍ତ୍ରୀ ସତର୍କ କରାଇଛନ୍ତି।

ଭୁଟାନର ଥିମ୍ପୁରେ ମୋଦି କହିଛନ୍ତି, "ଏହା ପଛରେ ଥିବା ଷଡଯନ୍ତ୍ରକାରୀମାନଙ୍କୁ ଆଦୌ ଛଡା ଯିବ ନାହିଁ। ଏଥିପାଇଁ ଦାୟୀ ସମସ୍ତ ଲୋକଙ୍କୁ ନ୍ୟାୟର କାଠଗଡାକୁ ଅଣାଯିବ।" ଥିମ୍ପୁରେ ଗୋଟିଏ ସାଧାରଣ ସଭାକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ମୋଦି ବିସ୍ଫୋରଣକୁ ଭୟଙ୍କର ବୋଲି କହିଛନ୍ତି। ଏଥିସହ ପ୍ରଭାବିତ ପରିବାରର ଦୁଃଖକୁ ସେ ବୁଝିପାରୁଥିବା ମତ ରଖିଛନ୍ତି। ସେ କହିଛନ୍ତି, " ଆଜି ମୁଁ ଏଠାକୁ ଅତ୍ୟନ୍ତ ଦୁଃଖ ମନରେ ଆସିଛି। ଗତକାଲି ଦିଲ୍ଲୀରେ ଯାହା ଘଟିଛି, ତାହା ସମସ୍ତଙ୍କୁ ମର୍ମାହତ କରିଛି। ମୁଁ ପ୍ରଭାବିତ ଲୋକଙ୍କ ପରିବାରର ଦୁଃଖ ଓ ଯନ୍ତ୍ରଣାକୁ ବୁଝି ପାରୁଛି। ପୂରା ଦେଶ ଆଜି ପ୍ରଭାବିତ ଲୋକଙ୍କ ସହ ରହିଛି। ରାତି ସାରା ମୁଁ ସମସ୍ତ ତଦନ୍ତକାରୀ ଏଜେନ୍ସି ସହ ଯୋଗାଯୋଗରେ ରହିଥିଲି।

ଆମ ଏଜେନ୍ସିଗୁଡିକ ଏହି ଷଡଯନ୍ତ୍ରର ମୂଳରେ ପହଞ୍ଚିବେ।" ଏସବୁ ହିନ୍ଦୀରେ କହିଥିବା ମୋଦି ହଠାତ୍ ଇଂରାଜୀ ଭାଷାର ପ୍ରୟୋଗ କରିଥିଲେ। ସେ କହିଛନ୍ତି, "ଏଥିପାଇଁ ଦାୟୀ ସମସ୍ତ ଲୋକଙ୍କୁ ନ୍ୟାୟର କାଠଗଡାକୁ ଅଣାଯିବ।" ଏପ୍ରିଲ ୨୨ ପହଲଗାମ ନରସଂହାର ପରେ ଦେଶକୁ ସମ୍ବୋଧନ କରିବା ବେଳେ ପ୍ରଧାନମନ୍ତ୍ରୀ ମୋଦି ସମାନ ଢଙ୍ଗରେ ନିଜର ହିନ୍ଦୀ ସମ୍ବୋଧନକୁ ଇଂରାଜୀକୁ ବଦଳାଇ ଦେଇଥିଲେ। ସେ ହଠାତ୍ କହିଥିଲେ ଯେ "ଭାରତ ନିଶ୍ଚିତ ଭାବେ ସମସ୍ତ ଆତଙ୍କବାଦୀ ଓ ସେମାନଙ୍କ ସମର୍ଥକଙ୍କୁ ଚିହ୍ନଟ କରିବ, ଧରିବ ଓ ଦଣ୍ଡଦେବ।" ଏପରି ଇଂରାଜୀ ବୟାନର ଗୋଟିଏ ସପ୍ତାହ ପରେ ଭାରତୀୟ ସେନା ପହଲଗାମ ନରସଂହାରର ବଦଲା ନେବାକୁ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀରରେ ଅପରେସନ ସିନ୍ଦୂର ଜରିଆରେ ଏୟାର ଷ୍ଟ୍ରାଇକ କରିଥିଲା।

## ଏମିତି ରଚାଯାଇଥିଲା ଷଡ଼ଯନ୍ତ୍ର

ନୂଆଦିଲ୍ଲୀ,୧୧।୧୧: ବିସ୍ଫୋରଣ ପୂର୍ବରୁ ୩ ଘଣ୍ଟା ଧରି ଐତିହାସିକ ସୁନେହରି ମସଜିଦ ନିକଟରେ ଗାଡିଟି ପାର୍କିଂ ହୋଇଥିଲା। ଏହି ସ୍ଥାନଟି ବିସ୍ଫୋରଣ ସ୍ଥଳରୁ ମାତ୍ର କିଛି ମିନିଟ ଦୂରତାରେ ରହିଛି। ସିସିଟିଭିରୁ ଜଣାପଡିଛି ଯେ ସିଲଭର ଆଇ ୨୦ ମସଜିଦକୁ ଲାଗି ରହିଥିବା ପାର୍କିଂ ସ୍ଥଳକୁ ଦିନ ୩.୧୯ରେ ପ୍ରବେଶ କରିଥିଲା ଓ ସେଠାରେ ସନ୍ଧ୍ୟା ୬.୨୨ ଯାଏ ରହିଥିଲା। ଏହାପରେ ରେଡ ଫୋର୍ଟ ମେଟ୍ରୋ ଷ୍ଟେସନ ପାଖ ଟ୍ରାଫିକ ନିକଟରେ ପହଞ୍ଚି ବିସ୍ଫୋରଣ କରିଥିଲା ।ସିସିଟିଭି ଫୁଟେଜ ଓ ଟୋଲ ବୁଥ ରେକର୍ଡରୁ ଦିଲ୍ଲୀ ପୁଲିସ୍‌ର ସ୍ପେଶାଲ ସେଲ ନଭେମ୍ବର ୧୦ରେ କାର କେଉଁ ସବୁ ସ୍ଥାନକୁ ଯାଇଥିଲା, ତା'ର ତଥ୍ୟ ହାସଲ କରିଛି। ଦିଲ୍ଲୀରେ ପ୍ରବେଶ ଠାରୁ ଆରମ୍ଭ କରି ବିସ୍ଫୋରଣ ହେବା ଯାଏ ସବୁ ତଥ୍ୟ ଏବେ ପୁଲିସ୍ ହାତରେ ଲାଗିଛି। ସକାଳ ୮.୦୪: ବଦାରପୁର ଟୋଲ ବୁଥ ଦେଇ କାରଟି ଦିଲ୍ଲୀରେ ପ୍ରବେଶ କରିଥିଲା। ଫରିଦାବାଦ ପଟୁ ଏହା ଆସିଥିଲା ସକାଳ ୮.୨୦: ଓଖଲା ଶିଳ୍ପାଞ୍ଚଳରେ ଥିବା ଗୋଟିଏ ପେଟ୍ରୋଲ ପମ୍ପରେ ଗାଡିକୁ ଦେଖିବାକୁ ମିଳିଥିଲା। ସେଠାରେ ଗାଡିଟି କିଛି ସମୟ ରହିଥିଲା।

ଦିନ ବେଳା: ପେଟ୍ରୋଲ ପମ୍ପରୁ ବାହାରି ଗାଡିଟି ଦରିୟା ଗଞ୍ଜ, କଶ୍ମିରୀ ଗେଟ ଅଞ୍ଚଳକୁ ଯାଇଥିଲା। କେନ୍ଦ୍ରୀୟ ଓ ପୁରୁଣା ଦିଲ୍ଲୀ ଅଞ୍ଚଳରେ ଦିନତମାମ ବୁଲିବା ପରେ ଅପରାହ୍ନ ସମୟରେ ସୁନେହରି ମସଜିଦ ନିକଟରେ ପହଞ୍ଚିଥିଲା





ଅପରାହ୍ନ ୩.୧୯: ହୁଣ୍ଡାଇ ଆଇ ୨୦ ରେଡ ଫୋର୍ଟ ନିକଟ ପାର୍କିଂ ସ୍ଥଳରେ ପ୍ରବେଶ କରିଥିଲା। ଏହି ସ୍ଥାନଟି ଐତିହାସିକ ସୁନେହରି ମସଜିଦ ନିକଟରେ ରହିଛି।

ସନ୍ଧ୍ୟା ୬.୨୨: କାରଟି ପାର୍କିଂ ସ୍ଥଳରୁ ବାହାରିଥିଲା।

ସନ୍ଧ୍ୟା ୬.୨୮: ପାର୍କିଂରୁ ବାହାରି କାରଟି ଚାନ୍ଦନୀ ଚୌକ ଯିବା ସହ ଲାଲକିଲ୍ଲା ନିକଟରେ ୟୁ-ଟର୍ଣ୍ଣ ନେଇଥିଲା। ଶେଷରେ ଲାଲକିଲ୍ଲା ମେଟ୍ରୋ ଷ୍ଟେସନର ଗେଟ ନମ୍ବର ୧ ନିକଟ ସୁଭାଷ ନଗର ମାର୍ଗରେ ଅଟକିଥିଲା। ଟ୍ରାଫିକ ସିଗ୍ନାଲ ରେଡ ହେବା କ୍ଷଣି ୬.୫୨ରେ କାରରେ ବିସ୍ଫୋରଣ ହୋଇଥିଲା।

କାରଟି ଦୀର୍ଘ ସମୟ ଧରି ସୁନେହରି ମସଜିଦ ନିକଟରେ ଅଟକିବା ଓ ଦିନ ତମାମ ବିଭିନ୍ନ ସ୍ଥାନରେ ବୁଲିବାର ଅର୍ଥ ଆତଙ୍କବାଦୀମାନେ ବିସ୍ଫୋରଣ ପୂର୍ବରୁ ରେକି କରିଥିଲେ। ଦିଲ୍ଲୀ ପୁଲିସ ସ୍ପେଶାଲ ସେଲ ସହ କେନ୍ଦ୍ରୀୟ ଗୁଇନ୍ଦା ଏଜେନ୍ସି ଗୁଡିକ କାରରୁ ପୂରା ଯାତ୍ରାମାର୍ଗକୁ ତନନ୍ କରି ଛାନଭିନ କରୁଛନ୍ତି।

କାର ଯେଉଁ ସବୁ ସ୍ଥାନରେ ଅଟକି ଥିଲା, ସେଠାରେ ମଧ୍ୟ ପଚରାଉଚରା କରାଯାଉଛି। ୩ ଘଣ୍ଟା ଧରି ପାର୍କିଂ ସ୍ଥଳରେ ଗାଡି ରହିଥିବା ବେଳେ ଏହାର ଚାଳକ ଡାକ୍ତର ମହମ୍ମଦ ଉମର କ'ଣ କୌଣସି ହ୍ୟାଣ୍ଡେଲର ସହ କଥା ହୋଇଥିଲା କି ବୋଲି ମଧ୍ୟ ପ୍ରଶ୍ନ ଉଠିବାରେ ଲାଗିଛି।

ଦିଲ୍ଲୀ ବିସ୍ଫୋରଣର ପରିଧି କଶ୍ମୀର ଯାଏ ଲମ୍ବିଛି। ବିସ୍ଫୋରଣ ପରେ ଜମ୍ମୁ-କଶ୍ମୀରର ବିଭିନ୍ନ ସ୍ଥାନରେ ରେଡ କରାଯାଇଛି। ଶୋପିଆନ ପୁଲିସ୍ ନନ୍ଦିଗାମରେ ଥିବା ଇମ୍ରାନ ଓରଫ ମୌଲବୀଙ୍କ ଘରେ ରେଡ କରି ତାଙ୍କୁ ଉଠାଇ ନେଇଛି। ପୁଲଓ୍ୱାମାରେ ୩୮ ବର୍ଷୀୟ ଟିପ୍ପର ଡ୍ରାଇଭର ତାରିକ ଅହମଦ ଦାରକୁ ମଧ୍ୟ ଅଟକ ରଖାଯାଇଛି।

## ୬ ମାଓବାଦୀ ନିପାତ୍

ନୂଆଦିଲ୍ଲୀ,୧୧।୧୧: ଆଜି ଛତିଶଗଡ଼ର ବିଜାପୁର ଜିଲ୍ଲାରେ ସୁରକ୍ଷା ବାହିନୀ ସହ ହୋଇଥିବା ଏକ ଏନକାଉଣ୍ଟରରେ ଅତି କମରେ ଛଅ ଜଣ ମାଓବାଦୀ ନିହତ ହୋଇଛନ୍ତି। ପୋଲିସ ଗୁଳିବିନିମୟ ସ୍ଥାନରୁ ଏକ ରାଇଫଲ୍, ଏକ ଷ୍ଟେନ୍ ବନ୍ଧୁକ, ଏକ



.୩୦୩ ରାଇଫଲ୍, ବିସ୍ଫୋରକ ଏବଂ ମାଓ ବୁକ ସମେତ ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ର ଜବତ କରିଛି। ଘନ ଜଙ୍ଗଲ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ବିଷୟରେ

ଗୁଇନ୍ଦା ସୂଚନା ଆଧାରରେ ବିଜାପୁର ଏବଂ ଦାନ୍ତେୱାଡ଼ାର ଜିଲ୍ଲା ରିଜର୍ଭ ଗାର୍ଡ ଏବଂ ସ୍ପେଶାଲ୍ ଟାସ୍କ ଫୋର୍ସ ର ଏକ ମିଳିତ ଦଳ ସର୍ଚ୍ଚ ଅପରେସନ୍ ଆରମ୍ଭ କରିବା ସମୟରେ ସକାଳ ପ୍ରାୟ ୧୦ ଟା ସମୟରେ ବିଜାପୁର ଜିଲ୍ଲାର ଜାତୀୟ ଉଦ୍ୟାନ ଅଞ୍ଚଳରେ ଏହି ଏନକାଉଣ୍ଟର ହୋଇଥିଲା।

# ଏନଡିଏ ସପକ୍ଷରେ ବିହାର ଏକଜିଟ୍ ପୋଲ୍

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ହାଇଭୋଲଟେଜ ବିହାର ବିଧାନସଭା ପାଇଁ ଭୋଟିଂ ଶେଷ ହୋଇଛି। ନଭେମ୍ବର ୬ ପ୍ରଥମ ପର୍ଯ୍ୟାୟରେ ୧୨୧ଟି ଓ ଅରଜି ବାକି ଥିବା ୧୨୨ଟି ଆସନ ପାଇଁ ମତଦାନ ଶେଷ ହୋଇଛି ।ମତଦାନ ଶେଷ ହେବା ସହ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ ହୋଇଯାଇଛି। ଆସନ୍ତା ୧୪ ତାରିଖରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ସନ୍ଧ୍ୟା ୫ଟା ସୁଦ୍ଧା ବିହାରର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହାର ପ୍ରାୟ ୬୭.୧୪% ରହିଛି।



ଭୋଟିଂ ଶେଷ ହେବା ପରେ ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ବୁଥ ବାହୁଡ଼ା ମତ ବା ଏକଜିଟ ପୋଲ ରେଜଲ୍ଟ ଜାରି କରାଯାଇଛି। ଅଧିକାଂଶ ସର୍ଭେ ସଂସ୍ଥା ବିହାର ଶାସନରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ସଙ୍କେତ ଦେଇଛନ୍ତି ଅର୍ଥାତ ବିଜେପି ନେତୃତ୍ୱାଧୀନ ଏନଡିଏ ପୁଣି ବିହାରରେ ଶାସନ ଜାରି ରଖିବ। ସେହିପରି ବିହାର ବିଜୟ ପାଇଁ ବିରୋଧୀ ମେଣ୍ଟ ଯେଉଁ ସ୍ୱପ୍ନ ଦେଖିଥିଲା, ତାହା ଏଥର ପୁଣି ଅଧା ରହିବ ବୋଲି ଏକଜିଟ ପୋଲରେ ଦାବି କରାଯାଇଛି।

ବିହାରରେ ୨୦୦୫ରୁ ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ଭାବେ କାମ କରିଆସୁଛନ୍ତି ସେ କେତେବେଳେ ବିଜେପି ତ ଆଉ କେତେବେଳେ ବିରୋଧୀ ଆରଜେଡି ସହ ମିଶି ସରକାର ଗଠନ କରିବାର ନଜିର ରହିଛି। ୨୦୨୦ରେ ନୀତୀଶଙ୍କ ଜେଡିୟୁ ୪୩ଟି ଆସନ ଜିତିଥିଲେ ହେଁ ୭୪ ଆସନ ଜିତିଥିବା ବିଜେପି ତାଙ୍କୁ ମେଣ୍ଟ ସରକାରରେ ମୁଖ୍ୟମନ୍ତ୍ରୀ କରିଥିଲା ।୨୦୧୫ରେ ସେ ଆରଜେଡି ସହ ମିଶି ସରକାର ଗଠନ କରିଥିଲେ। କିନ୍ତୁ

୨୦୧୭ରେ ସେ ମେଣ୍ଟରୁ ଓହରି ବିଜେପି ସହ ମିଶି ପୁଣି ମୁଖ୍ୟମନ୍ତ୍ରୀ ହୋଇଥିଲେ । ତେବେ ୨୦୨୫ରେ ବିରୋଧୀ ମେଣ୍ଟ ମହାଗଠବନ୍ଧନ(ଆରଜେଡି, କଂଗ୍ରେସ ଓ ବାମଦଳ) କ୍ଷମତାକୁ ଫେରିବ ବୋଲି ଆଶା କରିଥିଲେ କିନ୍ତୁ ଅଧିକାଂଶ ଏକଜିଟ ପୋଲ ମହାଗଠବନ୍ଧନ ବିରୋଧରେ ଜନମତ ଯିବ ବୋଲି କହିଛନ୍ତି ବିଜେପି ନେତୃତ୍ୱାଧୀନ ଏନଡିଏ ବିହାରରେ କ୍ଷମତା ବଜାୟୀ ରଖିବ ବୋଲି ପ୍ରାୟ ସବୁ ସଂସ୍ଥା ଆକଳନ କରିଛନ୍ତି । ନିର୍ବାଚନ ରଣନୀତିଜ୍ଞ ପ୍ରଶାନ୍ତ କିଶୋରଙ୍କ ଜନ ସୂରାଜ ପାର୍ଟି ଏଥର ଡେବ୍ୟୁ କରିଥିଲା। କିନ୍ତୁ ଏହାର ପ୍ରଭାବ ଭୋଟରଙ୍କ ଉପରେ ପଡ଼ି ନଥିବା ଏକଜିଟ ପୋଲରେ କୁହାଯାଇଛି ।

**ଦୈନିକ ଭାସ୍କର:** ଏନଡିଏ ୧୪୫-୧୬୦, ମହାଗଠବନ୍ଧନ ୭୩-୯୧, ଜନ ସୂରାଜ ପାର୍ଟି ୦-୦ ଓ ଅନ୍ୟାନ୍ୟ ଦଳ ୫-୧୦ ଆସନ।

**ମ୍ୟାଟ୍ରିଜ:** ଏନଡିଏ ୧୪୭-୧୬୭, ମହାଗଠନବନ୍ଧନ ୭୦-୯୦, ଜନ ସୂରାଜ ପାର୍ଟି ୦-୨ ଓ ଅନ୍ୟାନ୍ୟ ଦଳ ୨ରୁ ୮ ଆସନ ।

**ପିପୁଲ୍ସ ପଲ୍ସ:** ଏନଡିଏ ୧୩୩-୧୫୯, ମହାଗଠନବନ୍ଧନ ୭୫-୧୦୧, ଜନ ସୂରାଜ ପାର୍ଟି ୦-୫ ଓ ଅନ୍ୟାନ୍ୟ ଦଳ ୨ରୁ ୮ ଆସନ।

**ପିପୁଲ୍ସ ଇନସାଇଟ:** ଏନଡିଏ ୧୩୩-୧୪୮, ମହାଗଠନବନ୍ଧନ ୮୭-୧୦୨, ଜନ ସୂରାଜ ପାର୍ଟି ୦-୨ ଓ ଅନ୍ୟାନ୍ୟ ଦଳ ୩-୬ ଆସନ ।

**ପି-ମାର୍କ-:** ଏନଡିଏ ୧୪୨-୧୬୨, ମହାଗଠବନ୍ଧନ ୮୦-୯୮, ଜନ ସୂରାଜ ପାର୍ଟି ୧-୪ ଓ ଅନ୍ୟାନ୍ୟ ଦଳ ୦-୩ ଆସନ ।

**ଜେଭିସି:** ଏନଡିଏ ୧୩୫-୧୫୦, ମହାଗଠବନ୍ଧନ ୮୮-୧୦୩, ଜନ ସୂରାଜ ପାର୍ଟି ୦-୧ ଓ ଅନ୍ୟାନ୍ୟ ଦଳ ୩-୬ ଆସନ ।

**ଚାଣକ୍ୟ ଷ୍ଟ୍ରାଟେଜିସ:** ଏନଡିଏ ୧୩୦-୧୩୮, ମହାଗଠବନ୍ଧନ ୧୦୦-୧୦୮, ଜନ ସୂରାଜ ପାର୍ଟି ୦-୦ ଓ ଅନ୍ୟାନ୍ୟ ଦଳ ୩-୫ ଆସନ।

**ଡିଭି ରିସର୍ଚ୍ଚ:** ଏନଡିଏ ୧୩୭-୧୫୨, ମହାଗଠବନ୍ଧନ ୮୩-୯୮, ଜନ ସୂରାଜ ପାର୍ଟି ୨-୪ ଓ ଅନ୍ୟାନ୍ୟ ଦଳ ୧-୮ ଆସନ ।

**ଟିଆଇଏଫ ରିସର୍ଚ୍ଚ:** ଏନଡିଏ ୧୪୫-୧୬୩, ମହାଗଠବନ୍ଧନ ୭୬-୯୫, ଜନ ସୂରାଜ ପାର୍ଟି ୦-୦ ଓ ଅନ୍ୟାନ୍ୟ ଦଳ ୩-୬ ଆସନ।

**ପୋଲଷ୍ଟ୍ରାଟ:** ଏନଡିଏ ୧୩୩-୧୪୮, ମହାଗଠବନ୍ଧନ ୮୭-୧୦୨, ଜନ ସୂରାଜ ପାର୍ଟି ୦-୦ ଓ ଅନ୍ୟାନ୍ୟ ଦଳ ୩-୫ ଆସନ ।

## ଘାଣ୍ଟିବ ସିବିଆଇ

ଭୁବନେଶ୍ୱର,୧୧।୧୧(ମହାଭାରତ): ଓଡିଶା ପୋଲିସ ସବ୍-ଇନସ୍ପେକ୍ଟର ନିଯୁକ୍ତି ପରୀକ୍ଷାର ତଦନ୍ତ କେନ୍ଦ୍ରୀୟ ଅନୁସନ୍ଧାନ ସଂସ୍ଥା ସିବିଆଇ ଦ୍ୱାରା କରାଯିବ। ଏଥିପାଇଁ କେନ୍ଦ୍ର ସରକାର ଆବଶ୍ୟକ ଅନୁମୋଦନ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ପୋଲିସ ସବ୍-ଇନସ୍ପେକ୍ଟର ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଅଭିଯୋଗ ହେବା ପରେ ରାଜ୍ୟ ସରକାରଙ୍କ କ୍ରାଇମ ବ୍ରାଂଚ ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଉଥିଲା। ତେବେ ଏହି ତଦନ୍ତରୁ ଦୁର୍ନୀତିର ଚେର ଆନ୍ଧ୍ର ପ୍ରଦେଶ, ପଶ୍ଚିମ ବଙ୍ଗ ସହିତ ଅନ୍ୟାନ୍ୟ ରାଜ୍ୟକୁ ମଧ୍ୟ ବ୍ୟାପୀ ଥିବାର ସନ୍ଦେହ କରାଯାଉଛି। ଏଥିରେ ଆନ୍ତରାଜ୍ୟ ସଂଗଠିତ କ୍ରିମିନାଲ ଗ୍ୟାଙ୍ଗର ସଂପୃକ୍ତି ଥିବାର ସନ୍ଦେହ ମଧ୍ୟ ରହିଛି। ତେଣୁ ଏହାର ଉପଯୁକ୍ତ ବିସ୍ତୃତ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ସିବିଆଇ ତଦନ୍ତ ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକୁ ଗ୍ରହଣ କରି କେନ୍ଦ୍ର ସରକାର ଏହାର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ଦୁର୍ନୀତି ପାଇଁ ହୋଇଥିବା ଉଦ୍ୟମ, ପ୍ରୋତ୍ସାହନ ଓ ଷଡଯନ୍ତ୍ର ସମ୍ପର୍କରେ ସିବିଆଇ ତଦନ୍ତ କରିବ।

## ୧୪ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍

ନୂଆପଡ଼ା,୧୧।୧୧(ମହାଭାରତ):ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି। ଶେଷ ଖବର (ରାତି ସାଢ଼େ ୧୦ଟା )ସୁଦ୍ଧା ୮୧.୬୩ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି। ନିର୍ବାଚନ ମଇଦାନରେ ୧୪ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଛି ଓ ଆସନ୍ତା ୧୪ତାରିଖରେ ଗଣତି ସହ ଫଳାଫଳ ଘୋଷଣା ହେବାର କାର୍ଯ୍ୟକ୍ରମ ରହିଛି। ୩ ପ୍ରମୁଖ ଦଳଙ୍କର ପରସ୍ପର ପ୍ରତି ଆରୋପ-ପ୍ରତ୍ୟାରୋପ ମଧ୍ୟରେ ନୂଆପଡ଼ାରେ ମତଦାନ ଶାନ୍ତିପୂର୍ଣ୍ଣ ହୋଇଥିବା ନିର୍ବାଚନ ଆୟୋଗଙ୍କ ପକ୍ଷରୁ କୁହାଯାଇଛି।

ଉପନିର୍ବାଚନ ପାଇଁ ସକାଳ ୭ଟାରୁ ଭୋଟଗ୍ରହଣ ଆରମ୍ଭ ହୋଇଥିଲା । ସକାଳ ୯ଟା ସୁଦ୍ଧା ମାତ୍ର ୧୪.୯୯ ପ୍ରତିଶତ ମତଦାନ ରେକର୍ଡ କରାଯାଇଥିବାବେଳେ ୩ଟା ସୁଦ୍ଧା ଏହା ୬୫.୨୦ ପ୍ରତିଶତ ଓ ୫ଟା ସୁଦ୍ଧା ୭୫.୩୭ପ୍ରତିଶତ ରେକର୍ଡ କରାଯାଇଥିଲା। ୨୦୨୪ ସାଧାରଣ ନିର୍ବାଚନରେ ନୂଆପଡ଼ା ବିଧାନସଭା ଆସନରେ ୭୫.୪୪% ମତଦାନ ହୋଇଥିଲା ମତଦାନ ପାଇଁ ସ୍ଥାନୀୟ ଭୋଟରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ବିଶେଷକରି ଗ୍ରାମାଂଚଳରେ ଭୋଟରମାନେ ବହୁ ସଂଖ୍ୟାରେ ନିଜର ମତାଧିକାର ସାବ୍ୟସ୍ତ କରିଥିବା ଦେଖିବାକୁ ମିଳିଛି। ନୂଆପଡ଼ା ବିଧାନସଭା ମଣ୍ଡଳୀରେ ମୋଟ ପ୍ରାୟ ୨ଲକ୍ଷ ୫୩ହଜାର ୬୨୪ ଭୋଟର ଥିବାବେଳେ ନିର୍ବାଚନ କମିଶନଙ୍କ ଶେଷ ତଥ୍ୟ ଅନୁସାରେ(ରାତି ସାଢ଼େ ୧୦ଟା ସୁଦ୍ଧା) ମୋଟ ମତଦାନ ୮୧.୬୩% ରେକର୍ଡ କରାଯାଇଛି।

ସନ୍ଧ୍ୟାରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର.ଏସ୍ ଗୋପାଳନ କହିଛନ୍ତି ଯେ, ନୂଆପଡ଼ା ବିଧାନସଭା ମଣ୍ଡଳୀର ସମସ୍ତ ୪୭ଟି ସମ୍ବେଦନଶୀଳ ବୁଥରେ ଭୋଟିଂ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ସୁନାବେଡ଼ାର ୮ଟି ଅତି ସମ୍ବେଦନଶୀଳ ବୁଥରେ ମତଦାନ ଶେଷ ହୋଇଛି ।ସୁନାବେଡ଼ାରୁ ହେଲିକପ୍ଟର ଯୋଗେ ପୋଲିଂ ପାର୍ଟି ଫେରି ଆସିଛନ୍ତି। ୧୬୫ଟି ବୁଥରେ ମତଦାନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଶେଷ ହୋଇଛି। ବାକି ମତଦାନ କେନ୍ଦ୍ରଗୁଡ଼ିକରେ ୫ଟା ସୁଦ୍ଧା ମତଦାନ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି ।ଭୋଟ୍ କେନ୍ଦ୍ରଗୁଡ଼ିକରେ ସିସିଟିଭି କ୍ୟାମେରା ମାଧ୍ୟମରେ ନଜର ରଖାଯାଇଥିଲା ଏବଂ ଜିଲ୍ଲା ଓ ରାଜ୍ୟ ମୁଖ୍ୟାଳୟରୁ ଏହାର ସିଧାସଳଖ ତଦାରଖ କରାଯାଉଥିଲା। ସମସ୍ତ ସମ୍ବେଦନଶୀଳ କେନ୍ଦ୍ର ସମେତ ସବୁ ଅଂଚଳରେ ଭୋଟ୍ ଗ୍ରହଣ ଶାନ୍ତିପୂର୍ଣ୍ଣ ରହିଥିଲା। ଷ୍ଟ୍ରଙ୍ଗରୁମ୍ ଯାଂଚ ସରିଛି।

## ଲେମ୍ବୁ ରେସିପ

ଆଜି ଆମେ ଆପଣଙ୍କୁ ଲେମ୍ବୁ ଚୋପାରୁ ତିଆରି ଦୁଇଟି ଭଲ ରେସିପି ବିଷୟରେ କହିବାକୁ ଯାଉଛୁ। ସାଧାରଣତଃ ଆମେ ଲେମ୍ବୁକୁ ଚିପୁଡି ସାରିଲା ପରେ ଏହାର ଚୋପାକୁ ଫୋପାଡ଼ି ଦେଇ ଥାଉ । କିନ୍ତୁ ଏହାକୁ ନ ଫୋପାଡ଼ି ଏଥିରେ ଗୋଟିଏ ମଜାଦାର ରେସିପି ତିଆରି କରି ପାରିବେ । ଆସନ୍ତୁ ଜାଣିବା କେମିତି ତିଆରି କରିବା ସେହି ରେସିପିକୁ ।

ପ୍ରଥମ ରେସିପିରେ ଏହି ଲେମ୍ବୁର ଚୋପାକୁ ଦୁଇ ଫାଳ କିମ୍ବା ଚାରି ଫାଳ କରି ଦିଅନ୍ତୁ । ଏହା ପରେ ଏହି ଚୋପାକୁ ଗୋଟିଏ ପାତ୍ରରେ ରଖି ସେଥିରେ କିଛି ଲେମ୍ବୁ ରସ, ଦୁଇ ଚାମଚ ଲୁଣ, ଗୋଟିଏ ଚାମଚ ଲଙ୍କା ଗୁଣ୍ଡ, ଅଧା ଚାମଚ ହଳଦୀ ପାଉଡର ମିଶାଇ ଦିଅନ୍ତୁ । ବର୍ତ୍ତମାନ ଏହାକୁ ଭଲ ଭାବରେ ମିଶାଇ ଦିଅନ୍ତୁ । ଏହା ପରେ ଏହି ମିଶ୍ରଣକୁ ଗୋଟିଏ ଡ଼ବାରେ ରଖି ଖରାରେ ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ରଖନ୍ତୁ ।

ଏହା ଦ୍ୱାରା ଲେମ୍ବୁ ଚୋପା ଗୁଡିକ ଅଳ୍ପ ନରମ ହୋଇଯିବ। ଏହା ପରେ ଆପଣ ଏହି ଲେମ୍ବୁର ଚୋପାକୁ ସେବନ କରି ପାରିବେ ଓ ଏହା ବହୁତ ସ୍ୱାଦିଷ୍ଟ ବି ଲାଗିବ।



ଖବର

## ଧର୍ମେନ୍ଦ୍ରଙ୍କ ପରଲୋକ ଖବରକୁ ଖଣ୍ଡନ କଲେ ଝିଅ ଇଶା



ଧର୍ମେନ୍ଦ୍ରଙ୍କ ପରଲୋକ ଖବରକୁ ଖଣ୍ଡନ କରିଛନ୍ତି ଝିଅ ଇଶା ଦେଓଲ। ସେ କହିଛନ୍ତି ବାପାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ସେ ଧୀରେ ସୁସ୍ଥ ହେଉଛନ୍ତି। ପରିବାରର ଗୋପନୀୟତା ବଜାୟ ରଖିବାକୁ ଅପିଲ କରିଛନ୍ତି। ଅସୁସ୍ଥ ଥିବା ବଲିଉଡର ବର୍ଷୀୟାନ ଅଭିନେତା ଧର୍ମେନ୍ଦ୍ର ପ୍ରାୟ ଏକ ସପ୍ତାହ ହେବ ମୁମ୍ବଇସ୍ଥିତ ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତେବେ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାପରେ ସୋମବାର ଧର୍ମେନ୍ଦ୍ରଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି। ଡିସେମ୍ବର ୮ରେ ଧର୍ମେନ୍ଦ୍ର ୯୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛନ୍ତି। ଗତ ଏପ୍ରିଲରେ ତାଙ୍କର ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଥିଲା। ୧୯୬୦ରେ 'ଦିଲ ଭି ତେରା, ହମ୍ ଭି ତେରେ' ଚଳଚ୍ଚିତ୍ରରୁ ଧର୍ମେନ୍ଦ୍ର ତାଙ୍କର ବଲିଉଡ କ୍ୟାରିୟର ଆରମ୍ଭ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ସେ ଚରିତ୍ର ଅଭିନେତା ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେୟ ପରବର୍ତ୍ତୀ ସମୟରେ ସେ ନାୟକ ଭୂମିକାରେ ଅଭିନୟ କରି ଲୋକପ୍ରିୟତା ହାସଲ କରିଥିଲେ। ଦୀର୍ଘ ଛଅ ଦଶନ୍ଧିର କ୍ୟାରିୟରରେ ସେ ୩୦୦ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିସାରିଛନ୍ତି।

## ଫଙ୍ଗାଲ୍ ଇନଫେକ୍ସନ୍ ପାଇଁ ଭଲ ଲେମ୍ବୁ ମଞ୍ଜି

ଆମେ ସାଧାରଣତଃ ଲେମ୍ବୁ ଓ କମଳା ଖାଇବା ବେଳେ ଏହାର ମଞ୍ଜିକୁ ବାହାର କରି ଫିଙ୍ଗି ଦେଇଥାଉ। ହେଲେ ଆପଣ ଜାଣିଛନ୍ତି କି ଲେମ୍ବୁ ଓ କମଳା ମଞ୍ଜିରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି। ଏହି ମଞ୍ଜିକୁ ଖାଇଲେ ଆପଣ ଅନେକ ସ୍ୱାସ୍ଥ୍ୟଜନିତ ସମସ୍ୟାରୁ ମୁକ୍ତି ପାଇପାରିବେ। ତା' ହେଲେ ଆସନ୍ତୁ ଜାଣିବା ଲେମ୍ବୁ ମଞ୍ଜିରେ କ'ଣ ସବୁ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି।



୧. ଅଧିକାଂଶ ସମୟରେ ଆପଣ ମୁଣ୍ଡ ବିନ୍ଧାକୁ ଶୀଘ୍ର ଠିକ୍ କରିବା ପାଇଁ ଏସ୍ପିରିନ୍ ଖାଇଥା'ନ୍ତି। ଲେମ୍ବୁ ମଞ୍ଜିରେ ପ୍ରଚୁର ମାତ୍ରାରେ ସେଲିସିଲିକ ଏସିଡ୍ ରହିଛି, ଯାହା ଏସ୍ପିରିନର ଏକ ଅଂଶୟ।ତେଣୁ ମୁଣ୍ଡ ବିନ୍ଧା ସମୟରେ ଲେମ୍ବୁ ମଞ୍ଜି ଖାଇଲେ ଉପଶମ ମିଳିଥାଏ।

୨. ଲେମ୍ବୁ ମଞ୍ଜିରେ ଆଂଟି-ବ୍ୟାକ୍ଟେରିଆଲ୍ ଗୁଣ ରହିଛି, ଯାହା ଆପଣଙ୍କ ମୁହଁରେ ହେଉଥିବା ବ୍ରଣକୁ ଭଲ କରିବା ପାଇଁ ସାହାଯ୍ୟ କରିଥାଏ। ତେଣୁ ବ୍ରଣ ଭଲ କରିବା ପାଇଁ ଲେମ୍ବୁ ମଞ୍ଜିର ତେଲକୁ ବ୍ୟବହାର କରନ୍ତୁ। ଯଦି ନିୟମିତ ଭାବରେ ଲେମ୍ବୁ ମଞ୍ଜିକୁ ମୁହଁରେ ବ୍ୟବହାର କରିବେ, ତେବେ କିଛିଦିନ ମଧ୍ୟରେ ଆପଣଙ୍କ ବ୍ରଣ ଓ ଦାଗ ଭଲ ହୋଇଯିବ।

୩. ଆହୁରି ମଧ୍ୟ ଲେମ୍ବୁ ମଞ୍ଜିରେ ଭିଟାମିନ୍ ସି ରହିଛି, ଯାହା ତ୍ୱଚାକୁ ସୁସ୍ଥ ରଖି ଉଜ୍ଜ୍ୱଳ କରିଥାଏ। ତ୍ୱଚାରେ ପ୍ରତିଦିନ ଲେମ୍ବୁ ମଞ୍ଜି ବ୍ୟବହାର କଲେ, ଆପଣଙ୍କ ତ୍ୱଚା ମଶ୍ଚୋରାଇଜ୍ ରହିଥାଏ।

୪. ସାଧାରଣତଃ ହାତ ଓ ପାଦ ଆଙ୍ଗୁଳିରେ ଫଙ୍ଗାଲ୍ ଇନ୍ଫେକସନ୍ ଅଧିକ ହୋଇଥାଏ। ସେହି ସ୍ଥାନରେ ଲେମ୍ବୁ ମଞ୍ଜିର ତେଲ ଲଗାଇଲେ, ଇନ୍ଫେକ୍ସନ୍ ଭଲ ହୋଇଥାଏ। ଏହା ସହିତ ତ୍ୱଚାରେ ହେଉଥିବା ଆଲର୍ଜି ମଧ୍ୟ ଦୂର ହୋଇଥାଏ। ତେଣୁ ଫଙ୍ଗାଲ୍ ଇନଫେକସନ୍ରୁ ରକ୍ଷା ପାଇବା ପାଇଁ ଆପଣ ଲେମ୍ବୁ ମଞ୍ଜିକୁ ବ୍ୟବହାର କରିପାରିବେ।

## ଗାଜର ଜୁସ୍ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ହିତକର

ଗାଜର ଜୁସ ସ୍ୱାସ୍ଥ୍ୟ ପାଇଁ ବହୁତ ହିତକର। ଗାଜରରେ ବିଟା-କ୍ୟାରୋଟିନ ନାମକ ଔଷଧୀୟ ତତ୍ତ୍ୱ ରହିଛି ଯାହା କ୍ୟାନସରକୁ ନିୟନ୍ତ୍ରଣ କରିଥାଏ। ଗାଜର ଜୁସ ସେବନ ଦ୍ୱାରା ପାଚନ ତନ୍ତ୍ର ମଜବୁତ ହୋଇଥାଏ। ବୟସ ବଢ଼ିବା ସହ ଶରୀର ଦୁର୍ବଳ ହୋଇଥାଏ। ଗାଜର ଜୁସ ସେବନ ଦ୍ୱାରା ଏହି ଦୁର୍ବଳତା ଦୂର ହୋଇଥାଏ। ଗାଜର ଜୁସ ଗର୍ଭବତୀ ମହିଳାଙ୍କ ପାଇଁ ମଧ୍ୟ ଲାଭଦାୟକ। ଏହାର ଆହୁରି ଅନେକ ଫାଇଦା ରହିଛି।



ଗାଜର ଜୁସ ସେବନ ଦ୍ୱାରା ଶରୀରରେ ରକ୍ତ ମାତ୍ରା ବୃଦ୍ଧି ପାଇଥାଏ। ଦୃଷ୍ଟି ଶକ୍ତି ପାଇଁ ଗାଜର ବହୁତ ଲାଭଦାୟକ। ଗାଜର ସେବନ ଦ୍ୱାରା ଆଖି ସମସ୍ୟା ଦୂର ହୋଇଥାଏ। ଗାଜର ଜୁସରେ ବିଟା-କ୍ୟାରୋଟିନ ଭରପୁର ମାତ୍ରାରେ ରହିଛି। ଏକ ରିସର୍ଚ୍ଚରୁ ଜଣାପଡିଛି ବିଟା-କ୍ୟାରୋଟିନ ଆକ୍ସିଡେଟିଭ ଷ୍ଟ୍ରେସ କମ କରିବାରେ ସାହାଯ୍ୟ କରିଥାଏ। ଏହା ଗ୍ଲୁଟାଥିୟୋନ ମେଟାବୋଲିଜିମରେ ସୁଧାର ଆଣିଥାଏ।

ଗାଜରରେ ପ୍ରଚୁର ମାତ୍ରାରେ ଭିଟାମିନ-ଏ ରହିଛି। ନିୟମିତ ଗୋଟିଏ ଗ୍ଲାସ ଗାଜର ଜୁସ ସେବନ କଲେ ତ୍ୱଚା ସୁନ୍ଦର ଓ ଚିକ୍କଣ ହୋଇଥାଏ ଏବଂ ମୁହଁ ଉଜ୍ଜ୍ୱଳ ଦିଶିଥାଏ।

ଗାଜର ଜୁସ ସେବନ ଦ୍ୱାରା କ୍ୟାନସର ବିପଦ କମ ଥାଏ। ଗାଜରରେ ଏଣ୍ଟି-କ୍ୟାନସର ଗୁଣ ରହିଛି କ୍ୟାନସରରୁ ରକ୍ଷା କରିଥାଏ। ଏହାସହ ଗାଜର ଜୁସ ଗର୍ଭବତୀ ମହିଳାଙ୍କ ପାଇଁ ମଧ୍ୟ ବହୁତ ଲାଭଦାୟକ।

ଗାଜର ଜୁସ ହୃଦୟ ସମ୍ବନ୍ଧୀୟ ରୋଗ କମ କରିବାରେ ସାହାଯ୍ୟ କରିଥାଏ। ଗାଜର ଜୁସ ସେବନ କଲେ ରକ୍ତ ସଞ୍ଚାଳନ ମଧ୍ୟ ଭଲ ଭାବେ ହୋଇଥାଏ।

## ମନ୍ଦିର ଦର୍ଶନ ଓ ତୀର୍ଥଯାତ୍ରାର ସୁଫଳି ଜିନିଷ



ଆଧୁନିକ ଯୁଗରେ ମଣିଷ ନିଜ କାମ ଏବଂ ସମସ୍ୟା ଜଞ୍ଜାଳ ଭିତରେ ଏତେ ଘାଣ୍ଟି ହୋଇଯାଇଛି ଯେ ମନ୍ଦିର ଏବଂ ତୀର୍ଥ ଯାତ୍ରାକୁ ଯିବା ତ' ଦୂରର କଥା ସେ ସମ୍ପର୍କରେ ଭାବିବା ପାଇଁ ମଧ୍ୟ ସମୟ ପାଉନାହିଁ । ସାଧାରଣତଃ ଲୋକମାନେ ତୀର୍ଥ ଯାତ୍ରାକୁ ଦାନ-ପୁଣ୍ୟ, ପାପରୁ ମୁକ୍ତି ଆଦି ପାଇଁ ଗ୍ରହଣ କରିଥାନ୍ତି । କିନ୍ତୁ ବାସ୍ତବରେ ମନ୍ଦିର ଏବଂ ତୀର୍ଥ ଯାତ୍ରାକୁ ଯିବା ଦ୍ୱାରା ଅନ୍ୟ କେତେକ ଫାଇଦା ମଧ୍ୟ ମିଳିଥାଏ । ତୀର୍ଥ ଆଧାରିତ ଗ୍ରନ୍ଥରେ ଉଲ୍ଲେଖ ରହିଛି ନିୟମିତ ତୀର୍ଥ କରିବା ଏବଂ ମନ୍ଦିରକୁ ଯିବା ଦ୍ୱାରା ୪ଟି ବିଶେଷ ଲାଭ ମିଳିଥାଏ ।

ପ୍ରଥମତଃ ମନ୍ଦିର ଏବଂ ତୀର୍ଥ ସ୍ଥାନକୁ ଦୈବୀ ଶକ୍ତିର କେନ୍ଦ୍ର ବୋଲି ଗ୍ରହଣ କରାଯାଇଥାଏ । ଏଠାରେ ଥିବା ବିଶେଷ ଐଶ୍ୱରିକ ଶକ୍ତି ଅନ୍ୟ କୌଣସି ଠାରେ ଦେଖିବାକୁ ମିଳିନଥାଏ । ଏହି କାରଣରୁ ମନ୍ଦିର କିମ୍ବା ତୀର୍ଥ ସ୍ଥାନକୁ ଯାଇ ମନୁଷ୍ୟର ମନ ଶାନ୍ତ ଏବଂ ଶକ୍ତିମାନ ହୋଇଥାଏ । ନିୟମିତ ମନ୍ଦିର ଯାଉଥିବା ଲୋକର ମନରେ ସର୍ବଦା ସକାରାତ୍ମକ ଚିନ୍ତାଧାରା ପୂରି ରହିଥାଏ । ସେ ନିଜ କାମରେ ସମ୍ପୂର୍ଣ୍ଣ ଭାବେ ମନୋନିବେଶ କରିଥାଏ ଏବଂ ସମ୍ପୂର୍ଣ୍ଣ ଶକ୍ତି ବିନିଯୋଗ କରି ଜୀବନର ଆନନ୍ଦ ଉପଭୋଗ କରିଥାଏ । ଦ୍ୱିତୀୟତଃ ସ୍ୱାସ୍ଥ୍ୟ ଲାଭ ଦୃଷ୍ଟିରୁ ମଧ୍ୟ ତୀର୍ଥ ଯାତ୍ରା ଗୁରୁତ୍ୱପୂର୍ଣ୍ଣ । କେତେକ ସ୍ଥାନକୁ ଛାଡ଼ିଦେଲେ ମନ୍ଦିର ଏବଂ ତୀର୍ଥସ୍ଥଳୀ ଥିବା ସ୍ଥାନର ବାତାବରଣ ସମ୍ପୂର୍ଣ୍ଣ ସ୍ୱଚ୍ଛ ହୋଇଥାଏ । ଏଠାକାର ପବିତ୍ର ବାତାବରଣ ମାନସିକତା ଉପରେ ପ୍ରଭାବ ପକାଇଥାଏ । ଚାଲି ତୀର୍ଥ କରିବାକୁ ଗଲେ ଶାରୀରିକ ଶ୍ରମ ମଧ୍ୟ ହୋଇଥାଏ, ଯାହା ଶରୀରକୁ ସୁସ୍ଥ ରଖିବାରେ ସହାୟତା କରିଥାଏ । ମାନସିକ ଶାନ୍ତି ମିଳୁଥିବାରୁ ମନୁଷ୍ୟ ମାନସିକ ଭାବେ ମଧ୍ୟ ସୁସ୍ଥ ରୁହେ । ମନ୍ଦିରର ଶିଢ଼ି ଚଢ଼ିବା, ଭଜନ-କୀର୍ତ୍ତନ କରିବା ସମୟରେ ତାଳି ବଜାଇବା ଦ୍ୱାରା ପାଦ ଏବଂ ହାତରେ ସ୍ୱତନ୍ତ୍ର ଚାପ ପଡ଼ିଥାଏ । ଯାହା ଆକ୍ୟୁପ୍ରେସର ଭଳି କାମ କରିଥାଏ ଏବଂ ରୋଗ ଦୂର କରିବାରେ ସହାୟକ ହୁଏ । ତୃତୀୟତଃ ତୀର୍ଥ ଯାତ୍ରା ଦ୍ୱାରା ଜ୍ଞାନ ମଧ୍ୟ ବୃଦ୍ଧି ହୁଏ । ନୂଆ ସ୍ଥାନକୁ ଯାତ୍ରା କରିବା ଦ୍ୱାର ବ୍ୟକ୍ତି ନୂଆ ନୂଆ ତଥ୍ୟ ସମ୍ପର୍କରେ ଅବଗତ ହୋଇପାରିଥାଏ । ତୀର୍ଥ ଯାତ୍ରା ଫଳରେ ମନୁଷ୍ୟର ଆଧ୍ୟାତ୍ମିକ, ଭୌଗଳିକ ଏବଂ ଐତିହାସିକ ଜ୍ଞାନ ବଢ଼େ । ଯାତ୍ରା ସମୟରେ ଅନେକ ସ୍ଥାନର ଇତିହାସ ଏବଂ ମହତ୍ତ୍ୱ ଜାଣିବାକୁ ମିଳିଥାଏ । ଏଥିସହିତ ଉକ୍ତ ସ୍ଥାନର କଳା, ସଂସ୍କୃତି, ପରମ୍ପରା ଆଦି ସମ୍ପର୍କରେ ମଧ୍ୟ ଜ୍ଞାନ ପ୍ରାପ୍ତ ହୋଇଥାଏ । ମଣିଷ ନୂଆ ନୂଆ ଅଭିଜ୍ଞତା ଅର୍ଜନ କରିଥାଏ, ଯାହା ଜୀବନରେ ଆଗକୁ ବଢ଼ିବା ଲାଗି ମନୁଷ୍ୟକୁ ପ୍ରେରଣା ଯୋଗାଏ । ଚତୁର୍ଥତଃ ତୀର୍ଥ ଯାତ୍ରା ଫଳରେ ମନୁଷ୍ୟ ନିଜ ଘର-ପରିବାର ବ୍ୟତୀତ ଅନ୍ୟ ଲୋକଙ୍କ ସମ୍ପର୍କରେ ମଧ୍ୟ ଆସିଥାଏ । ଯାହାଦ୍ୱାରା ଜ୍ଞାନ ଏବଂ ପରିଚୟ ବୃଦ୍ଧି ପାଇଥାଏ ।

## ପ୍ରଥମାଷ୍ଟମୀ

ଏହି ପର୍ବ ଓଡ଼ିଆ ପାଞ୍ଜି ଅନୁଯାୟୀ ମାର୍ଗଶୀର ମାସର କୃଷ୍ଣ ପକ୍ଷର ଅଷ୍ଟମୀ ତିଥିରେ ପଡ଼େ। ଏହି ଦିନ ପରିବାରର ପ୍ରଥମ ଜନ୍ମିତ ସନ୍ତାନକୁ ପୋଢୁଆଁ କୁହାଯାଏ ଏବଂ ତାଙ୍କୁ ନୂଆ ପୋଷାକ ପିନ୍ଧାଇ ବନ୍ଦାପନା



କରାଯାଏ। ଘରର ବରିଷ୍ଠ ମହିଳାମାନେ, ବିଶେଷ କରି ମାଆ ଓ ମାଉସୀ, ପ୍ରଥମଜାତ ସନ୍ତାନର ଆରତି କରି ତାଙ୍କର ମଙ୍ଗଳ କାମନା କରନ୍ତି। ପରମ୍ପରା ଅନୁଯାୟୀ, ଜ୍ୟେଷ୍ଠ ସନ୍ତାନର ମାମୁଁଘରୁ ତାଙ୍କ ପାଇଁ ନୂଆ ଲୁଗାପଟା, ନଡ଼ିଆ, ଗୁଡ଼, ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀ ଆସିଥାଏ, ଯାହାକୁ ଅଷ୍ଟମୀ ବନ୍ଧୁ କୁହାଯାଏ। ଏହି ଦିନରେ ଏକ ସ୍ୱତନ୍ତ୍ର ପିଠା 'ଏଣ୍ଡୁରି ପିଠା' ତିଆରି କରାଯାଏ, ଯାହା ହଳଦୀ ପତ୍ରରେ ଗୁଡ଼ାଇ ଭାବରେ ତିଆରି ହୋଇଥାଏ। ଏହି ପିଠା ପ୍ରଥମେ ଦେବୀ ଷଷ୍ଠୀଙ୍କୁ ଅର୍ପଣ କରାଯାଏ। ପୁରୀ ଶ୍ରୀମନ୍ଦିରରେ ମଧ୍ୟ ଏହି ପର୍ବ ପାଳନ ହୁଏ । ମାଧବାନନ୍ଦ ଜୀଉଙ୍କ ମନ୍ଦିରରୁ ପ୍ରଭୁ ଜଗନ୍ନାଥଙ୍କ ପାଇଁ ନୂଆ ଲୁଗା ଓ ଏଣ୍ଡୁରି ପିଠା ଭୋଗ ଆସିଥାଏ। ଏହା ଏକ ପାରିବାରିକ ଉତ୍ସବ ଯାହା ଓଡ଼ିଆ ସଂସ୍କୃତିରେ ପରିବାରର ମୁଖ୍ୟ ଭାବରେ ପ୍ରଥମଜାତ ସନ୍ତାନର ଗୁରୁତ୍ୱକୁ ଦର୍ଶାଏ।



# ନୂଆପଡାରେ ଭୟଙ୍କର ଭୋଟ ଚୋରି ହୋଇଛି : ଭକ୍ତ

ଭୁବନେଶ୍ୱର,୧୧।୧୧(ମହାଭାରତ): ଏକ ପ୍ରେସବାର୍ତ୍ତା ମାଧ୍ୟମରେ ଓଡିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଗମ୍ଭୀର ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ବର୍ତ୍ତମାନ ଭୟଙ୍କର ଭାବେ ଭୋଟ ଚୋରୀ ଆରମ୍ଭ ହୋଇଯାଇଛି, ପୁଲିସ ବଳର ସମ୍ପୂର୍ଣ୍ଣ ଅପ ପ୍ରୟୋଗ କରା ଯାଇଛି। କୋମନାର ଜିତମିତ୍ର ହାଇସ୍କୁଲ ବୁଥରେ ଜଣେ ମହିଳାଙ୍କ ଭୋଟ ଅନ୍ୟ କିଏ ଦେଇଛି। ତେଣୁ ଭୋଟ ପରିଚାଳନା ଅଧିକାରୀ ତାଙ୍କୁ ଭୋଟ ଦେବାକୁ ବାରଣ କଲେ। ସୁନାବେଡ଼ା ଜଙ୍ଗଲ ମଧ୍ୟରେ ଥିବା ଏକ ବୁଥକୁ ପୋଲିସ ଛାଉଣୀ ଘେରିକି ରଖିଛି।

ବିଜେପି ଝଣ୍ଡା ଲଗାଯାଇ ଲୋକଙ୍କୁ ବୁହା ଯାଉଥିଲା ତାକୁ କଂଗ୍ରେସ ଏଜେଣ୍ଟ ବାରଣ କରିବାରୁ ପୋଲିସ ଆମେ ଯାହା କରୁଛୁ ଚୁପଚାପ ଦେଖ କିଛି ପ୍ରତିବାଦ କରନାହିଁ ବୋଲି ଧମକ ଦେଇଥିବା ଖବର ଆସିଛି। ସମସ୍ତ ଆଭ୍ୟନ୍ତରୀଣ ଅଞ୍ଚଳରେ ଗୋଟିଏ ପ୍ଲାନିଂ ଅନ୍ତର୍ଗତ ପୋଲିସ ସେଠାରେ ଭୋଟିଙ୍ଗ କରୁଛି ଖଡ଼ିଆଳର



ଗୋଟିଏ ସ୍ଥାନରେ ବୁଥ ପରିସର ମଧ୍ୟରେ ନରେନ୍ଦ୍ର ମୋଦୀ, ମୋହନ ମାଝି ଏବଂ ଢୋଲକିଆଙ୍କ ଫଟୋ ଲଗା ଚିରକୁଟ ବଣ୍ଟନ କରା ଯାଉଥିଲା । ଭାଲୁକନା ଗ୍ରାମ ୨୫୯ ନମ୍ବର ବୁଥରେ ଜଣେ ଇଭିଏମରେ ହାତ ଚିହ୍ନରେ ଟିପୁଥିବା ବେଳେ ବିଜେପି ଚିହ୍ନରେ ଲାଇଟ ଜଳୁଛି। ଡୁମେରବାହାଲ ଗ୍ରାମ ବୁଥ ନମ୍ବର ୩୩୯ ରେ କଂଗ୍ରେସର ସ୍ଥାନୀୟ ନେତା ପାସା ମହାନନ୍ଦଙ୍କ ସ୍ତ୍ରୀ ଭୋଟ ଦେଇ ଗଲାବେଳକୁ ଦେଖିଲେ ଖଡ଼ିଆଳ ଅଞ୍ଚଳର ଜଣେ ବିଜେପି ନେତା ସେଠାରେ ଟଙ୍କା ବଣ୍ଟନ କରୁଥିଲେ । ଏବିଷୟରେ ଶ୍ରୀ ମହାନନ୍ଦ ସମ୍ପୃକ୍ତ ବିଜେପି ନେତାଙ୍କୁ ବିରୋଧ କରିବାରୁ ସେ ଓଲଟା ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ସରକାରୀ ଦଳ ସମସ୍ତ ସରକାରୀ କଳର ଅପବ୍ୟବହାର କରୁଛନ୍ତି। ଶୁଣାଯାଉଛି, ଗୋଟିଏ ଟ୍ରକରେ ୧୦୦ ଗୋଟି ଇଭିଏମ ଆସିଛି ତାକୁ ବ୍ୟବହାର କରାଯାଇ ଭୋଟ ଚୋରୀ କରାଯିବ ସରକାରୀ ଦଳ ଜିତିବା ପାଇଁ ସମସ୍ତ ପ୍ରକାର ଅନୈତିକ ବ୍ୟବସ୍ଥା କରିଛି।ତେଣୁ ସେମାନେ କେତେ ସଂଖ୍ୟାରେ ନିର୍ବାଚନ ଜିତିବେ ଆଗୁଆ। କହୁଛନ୍ତିଏସବୁ ବିଷୟ ପ୍ରତି ପ୍ରଶାସନ କିମ୍ବା ନିର୍ବାଚନ ଅଧିକାରୀଙ୍କ ଧ୍ୟାନ ନାହିଁ ରାଜ୍ୟ ନିର୍ବାଚନ ଅଧିକାରୀ ଏସବୁ ବିଷୟକୁ ଗମ୍ଭୀରତାର ସହ ନେଇ ପ୍ରତିକାର କରନ୍ତୁ ନହେଲେ କଂଗ୍ରେସ ଆଗାମୀ ଦିନରେ ଆନ୍ଦୋଳନ କରିବ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି।

# ଅବଦୁର ରେହମାନ ଜାମିନ ଖାରଜ

କଟକ,୧୧।୧୧(ମହାଭାରତ) ଆତଙ୍କବାଦୀ କାର୍ଯ୍ୟ କଳାପରେ ଲିପ୍ତ ଥିବା କଟକ ସାଲେପୁରର ଅବଦୁର ରେହମାନକୁ ହାଇକୋର୍ଟରୁ ଝଟକା ଲାଗିଛି । ମଙ୍ଗଳବାର ଓଡ଼ିଶା ଉଚ୍ଚ ନ୍ୟାୟଳୟ ଅବଦୁରର ଜାମିନ ଆବେଦନକୁ ଖାରଜ କରଛନ୍ତି । ପୂର୍ବରୁ ମଧ୍ୟ ଦୁଇ ଦୁଇ ଥର ରେହମାନର ଜାମିନ ଖାରଜ ହୋଇଛି । ଦେଶ ବିରୋଧୀ ଅପରାଧରେ ଲିପ୍ତ ଥିବାରୁ ଜାମିନ ଦେବାକୁ କୋର୍ଟ ମନା କରିଦେଇଛନ୍ତି । ଅବଦୁର ରେହମାନ ପାକିସ୍ତାନୀ ଆତଙ୍କୀ ସଂଗଠନ ସହିତ ଦେଶ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିଲା



। ୨୦୧୫, ଡିସେମ୍ବର ୧୬ ତାରିଖରେ ଜଗତପୁର ଥାନା ଅନ୍ତର୍ଗତ ପଶ୍ଚିମକଚ୍ଛରୁ ଦିଲ୍ଲୀ ପୋଲିସ ଅବଦୁରକୁ ଗିରଫ କରିଥିଲା । ବେଆଇନ ମଦ୍ରାସା ଚଳାଇବା , ଅସ୍ତ୍ରଶସ୍ତ୍ର ତାଲିମ ଦେବା ଓ ଉତ୍ତେଜନା ପ୍ରବଣ ଭାଷଣ ଦେବା ଆଦିର ପ୍ରମାଣ ଦିଲ୍ଲୀ ପୋଲିସ ହାତରେ ଲାଗିଥିଲା। ଦିଲ୍ଲୀ ପୋଲିସ ଚାର୍ଜସିଟରେ ଦର୍ଶାଇଥିଲା ଅବଦୁର ରେହମାନ ପାକିସ୍ତାନ ଯାଇଥିଲା । ସେଠାରେ ୨୬/୧୧ ମୁମ୍ବାଇ ଆକ୍ରମଣର ମୋଷ୍ଟ ୱାଣ୍ଟେଡ୍ ଜାକି-ଉର-ରେହମାନ ଓ ସାଜିଦକୁ ଭେଟିଥିଲା । ପାକିସ୍ତାନ ଗସ୍ତ କରି ସେଠାରେ ଆତଙ୍କବାଦୀ ତାଲିମ ନେଇ ଫେରିଥିଲା ।

# ଆମେମାନେ ସୁରକ୍ଷିତ ଅଛୁ : ଆଇନ ମନ୍ତ୍ରୀ

ଭୁବନେଶ୍ୱର୧୧।୧୧(ମହାଭାରତ) : ଦିଲ୍ଲୀରେ ବିସ୍ଫୋରଣ ପରେ ଓଡ଼ିଶାରେ ହାଇ ଆଲର୍ଟ ଜାରି ହୋଇଛି । ପୋଲିସ ବିଭାଗ ସହ ଆଲୋଚନା କରି ସବୁ ସ୍ଥାନରେ ସୁରକ୍ଷା କଡ଼ାକଡ଼ି କରାଯାଇଛି । ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ଭାବରେ ସୁରକ୍ଷାକୁ ଅଧିକ ମାତ୍ରାରେ ବୃଦ୍ଧି କରାଯାଇଛି । ରାଜ୍ୟର ସମସ୍ତ ରେଲୱେ ଷ୍ଟେସନ, ବିମାନବନ୍ଦରରେ ମଧ୍ୟ ସୁରକ୍ଷା ବୃଦ୍ଧି । ସମସ୍ତ ପର୍ଯ୍ୟଟନସ୍ଥଳୀ ଏବଂ ସ୍ଥପତି ନିକଟରେ ମଧ୍ୟ ସୁରକ୍ଷା ବଢ଼ାଯିବ । ସ୍ଥାନୀୟ ଜିଲ୍ଲା ପ୍ରଶାସନକୁ ଚେକିଂ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଓଡ଼ିଶା ଉପରେ ବିପଦ ନାହିଁ, ଆମେମାନେ ସୁରକ୍ଷିତ ଅଛୁ । ସମସ୍ତ ବିପଦର ମୁକାବିଲା ପାଇଁ ପ୍ରସ୍ତୁତ ଅଛୁ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ସୂଚନା ଅନୁଯାୟୀ ଦିଲ୍ଲୀ ଲାଲ୍‌କିଲ୍ଲାର ମେଟ୍ରୋ ରେଳ ଷ୍ଟେସନ୍ ନିକଟରେ ସୋମବାର ହୋଇଥିବା ଭୟଙ୍କର ବିସ୍ଫ ?ାରଣରେ ୯ ଜଣଙ୍କର ମୃତ୍ୟୁ ହୋଇଛି । ୨୦ରୁ ଅଧିକ ଆହତ ହୋଇଛନ୍ତି । ସୁରକ୍ଷା ଦୃଷ୍ଟିରୁ ଏଏସଆଇ ଆଜି ଲାଲକିଲ୍ଲାକୁ ଆଗାମୀ ତିନି ଦିନ ପାଇଁ ବନ୍ଦ କରିଦେଇଛି। ଏହା ସହ ନେତାଜୀ ସୁଭାଷ ମାର୍ଗକୁ ସାଧାରଣ ଲୋକଙ୍କ ପାଇଁ ବନ୍ଦ କରିଦିଆଯାଇଛି।ବିସ୍ଫୋରଣ ପରେ ତୁରନ୍ତ ଦିଲ୍ଲୀ ପୋଲିସ ସମସ୍ତ ସମ୍ବେଦନଶୀଳ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିଛି। ଆଇଜିଆଇ ବିମାନବନ୍ଦର, ଇଣ୍ଡିଆ ଗେଟ୍, ସଂସଦ ଭବନ ଏବଂ ସୀମାବର୍ତ୍ତୀ ଅଞ୍ଚଳରେ ଯାଞ୍ଚ କଡ଼ାକଡ଼ି କରାଯାଇଛି। ପ୍ରତ୍ୟେକ ଯାନବାହାନ ଯାଞ୍ଚ କରାଯାଉଛି ଏବଂ ପୋଲିସ ଲୋକଙ୍କୁ ଯେକୌଣସି ସନ୍ଦିଗ୍ଧ ବସ୍ତୁ କିମ୍ବା କାର୍ଯ୍ୟକଳାପ ବିଷୟରେ ତୁରନ୍ତ ରିପୋର୍ଟ କରିବାକୁ ଅନୁରୋଧ କରିଛି।

# ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ପ୍ରତିନିଧିଙ୍କ ଆଲୋଚନା

ଭୁବନେଶ୍ୱର,୧୧।୧୧(ମହାଭାରତ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ସହ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ପ୍ରତିନିଧି ତଥା ରାଷ୍ଟ୍ର ଶାଖା ନିର୍ଦ୍ଦେଶକ ଏଲିଜାବେଥ ଫୋରେ ସାକ୍ଷାତ କରି ରାଜ୍ୟରେ ଖାଦ୍ୟ ନିରାପତ୍ତା ଓ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ରାଜ୍ୟରେ ଉତ୍ତମ ପୋଷଣ ଓ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ସୁଦୃଢ କରିବା ସମ୍ପର୍କରେ ଉକ୍ତ ସାକ୍ଷାତ ବୈଠକରେ ଆଲୋଚନା ହୋଇଛି। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଓ ରାଜ୍ୟ ସରକାରଙ୍କ ସହାୟତାରେ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ଉପରେ ମଧ୍ୟ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହୋଇଥିଲା। ଓଡିଶାକୁ ଖାଦ୍ୟ ନିରାପତ୍ତାର ଉତ୍କର୍ଷ କେନ୍ଦ୍ର ଭାବେ ପରିଗଣିତ କରିବା ଦିଗରେ କାର୍ଯ୍ୟ



କରିବା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ସେହିଭଳି ଖାଦ୍ୟ ପୃଷ୍ଟି ନିରାପତ୍ତା ଅନ୍ତର୍ଗତ ହିତାଧିକାରୀଙ୍କ ପାଇଁ ଖାଦ୍ୟ ଉପଲବ୍ଧତାରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ଗ୍ରହଣ କରିଥିବା ଅନେକ ଅଗ୍ରଣୀ ପଦକ୍ଷେପ ଉପରେ ମନ୍ତ୍ରୀ ଶ୍ରୀ ପାତ୍ର ଅବଗତ କରାଇଥିଲେ। ସେହିଭଳି ଜନ ପୋଷଣ କେନ୍ଦ୍ର ମାଧ୍ୟମରେ ପୁଷ୍ଟିଯୁକ୍ତ ଶସ୍ୟ ଯୋଗାଣ, ସରକାରୀ ସୁଲଭ ମୂଲ୍ୟ ଦୋକାନ ଗୁଡିକର ସୁଦୃଢ଼ୀକରଣ ଏବଂ ହିତାଧିକାରୀ ମାନଙ୍କ ସୁବିଧା ପାଇଁ ଅଧିକରୁ ଅଧିକ ଅନ୍ନପୂର୍ତ୍ତି ତଥା ଶସ୍ୟ ଏଟିଏମ ଖୋଲିବା ଓ ଏହାର ଲୋକପ୍ରିୟତା ବୃଦ୍ଧି ଦିଗରେ ମଧ୍ୟ ଆଲୋଚନା ହୋଇଛି।

## ଡିସେମ୍ବରରେ ଓଟିଇଟି ପରୀକ୍ଷା

ଭୁବନେଶ୍ୱର,୧୧।୧୧(ମହାଭାରତ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ) ପକ୍ଷରୁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)-୨୦୨୫ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ଡିସେମ୍ବର ୧୭ ତାରିଖରେ ଓଟିଇଟି -୨୦୨୫ ପରୀକ୍ଷା ଅନୁଷ୍ଠିତ ହେବ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଡିସେମ୍ବର ୧୭ ତାରିଖରେ ଏହି ପରୀକ୍ଷା ଦୁଇଟି ସିଟିଂରେ କରାଯିବ। ନଭେମ୍ବର ୧୨ ତାରିଖଠାରୁ ପରୀକ୍ଷା ପାଇଁ ଅନ୍‌ଲାଇନରେ ଆବେଦନ ଆରମ୍ଭ ହେବ। ଆବେଦନ କରିବାର ଶେଷ ତାରିଖ ହେଉଛି ନଭେମ୍ବର ୨୫ ତାରିଖ। ଆଶାୟୀ ପ୍ରାର୍ଥୀମାନେ ବିଏସ୍‌ଇର ଅଫିସିଆଲ୍ ୱେବସାଇଟ୍‌କୁ ଯାଇ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆବେଦନ କରିବା ପାଇଁ ପରାମର୍ଶ ଦିଆଯାଇଛି।

# ନୂଆପଡ଼ାରେ ନକଲି ଭୋଟରଙ୍କୁ ଆୟୁଧ କରିଛି ବିଜେପି: ବିଜେଡି

ଭୁବନେଶ୍ୱର,୧୧।୧୧(ମହାଭାରତ): ନୂଆପଡ଼ା ଉପନିର୍ବାଚନରେ ନକଲି ଭୋଟର ନୂଆପଡ଼ାର ଅସଲି ଭୋଟରଙ୍କ ଜାଗାରେ ଭୋଟ ଦେଇଛନ୍ତି ଛତିଶଗଡ଼ରୁ ଆସିଥିବା ଲୋକ ଆଜି ମତଦାନକୁ ନେଇ ଏପରି ସାଙ୍ଘାତିକ ଅଭିଯୋଗ ଆଣି ବିଜେପି ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି ବିଜୁ ଜନତା ଦଳ। ବିଜେଡି ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ ଅଭିଯୋଗ ପତ୍ରରେ କୁହାଯାଇଛି ଯେ, ନୂଆପଡ଼ା ଉପନିର୍ବାଚନରେ ବ୍ୟାପକ ହେରଫେରରେ ବିଜେପି ସାମିଲ ଅଛି। ଏକ ବଡ଼ ଷଡ଼ଯନ୍ତ୍ରକ୍ରମେ ବିଜେପି ଛତିଶଗଡ଼ ଓ ଅନ୍ୟାନ୍ୟ ସ୍ଥାନରୁ ଲୋକଙ୍କୁ ଆଣି ସଂଗଠିତ ଭାବେ ବିଭିନ୍ନ ବୁଥ୍ ନିକଟରେ ରଖିଥିଲା ସେମାନେ ନକଲି ପରିଚୟପତ୍ର ବଳରେ ବିଭିନ୍ନ ବୁଥ୍ରେ ପଶି ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ସପକ୍ଷରେ ଭୋଟ ଦେଇଛନ୍ତି



ବୋଲି ବିଜେଡି ପ୍ରତିନିଧି ଦଳ ଅଭିଯୋଗ କରିଛନ୍ତି ।ବିଜେଡ କହିଛି ଯେ, କ୍ଷମତା ହାତେଇବା ନିଶାରେ ବିଜେପି ନେତାମାନେ ଲୋକତନ୍ତ୍ରକୁ ଥଟ୍ଟା ମଜାରେ ପରିଣତ କରିଛନ୍ତି। ନୂଆପଡ଼ାବାସୀଙ୍କ ଆକ୍ରୋଶ ଭୋଟରେ ପ୍ରତିଫଳିତ ହେଉଥିବା ଦେଖି ବିଜେପି ବିରାଟ ବଡ଼ ଷଡ଼ଯନ୍ତ୍ର କ୍ରମେ ନକଲି ଭୋଟରଙ୍କ ସହାୟତା ନେଇ ଗଣତନ୍ତ୍ରକୁ ହତ୍ୟା କରିବା ପାଇଁ ପଛାଇ ନାହିଁ । ସୁଚିନ୍ତିତ ଯୋଜନାକ୍ରମେ ଅପରାହ୍ନ ୩.୩୦ ପରେ ନକଲି ଭୋଟର ମାନଙ୍କୁ ବିଭିନ୍ନ ବୁଥ୍ରେ ପଶିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଦୂରଦୂରାନ୍ତରୁ ନିଜ ମତାଧିକାର ସାବ୍ୟସ୍ତ କରିବା ପାଇଁ କାହିଁ କେତେ ସାଧାରଣ ଭୋଟର ଧାଇଁ ଆସିଥିଲେ। କିନ୍ତୁ ନକଲି ଭୋଟର ଓ ପ୍ରଶାସନିକ ବିଫଳତା ପାଇଁ ସେମାନେ ନିଜ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହେଲେ। ନୂଆପଡ଼ାର ସମସ୍ତ ଅତିସମ୍ବେଦନଶୀଳ ବୁଥ୍ ଗୁଡ଼ିକ ସମ୍ପର୍କରେ ବିଜେଡି ଆଗୁଆ ସୂଚନା ଦେଇ ବିହିତ ପଦକ୍ଷେପ ନେବା ଲାଗି ଅନୁରୋଧ କରିଥିଲା। ଏହାକୁ ବିଜେଡି ଘୋର ନିନ୍ଦା କରିବା ସହିତ ନିର୍ବାଚନର ପବିତ୍ରତା ରକ୍ଷା କରିବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି । ବିଜେଡିର ଏହି ପ୍ରତିନିଧି ଦଳରେ ସୁଲତା ଦେଓ, ଲେନିନ୍ ମହାନ୍ତି, ମିହିର ରାୟ, ତୁମ୍ନାଥ ପଣ୍ଡା, ଶ୍ରୀମତୀ ଇପସୀତା ସାହୁ, ନାରାୟଣ ଜେନା, ସୋଫିଆ ଆଲାମ, ଓ ଅଂଶୁ ତ୍ରିପାଠୀ ସାମିଲ ଥିଲେ।

# ସୋଆ ଆଇଏଏସ୍‌ରେ ମାଣ୍ଡିଆ ଦିବସ ପାଳିତ

ଭୁବନେଶ୍ୱର,୧୧।୧୧(ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ ସାଇନ୍‌ସେସ୍ (ଆଇଏଏସ୍)ରେ ସୋମବାର ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ଓଡିଶା କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ ଡିନ୍ (ଏକସଟେନସନ) ଡକ୍ଟର ଚକ୍ରଧର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସ୍ୱନାମଧନ୍ୟ କ୍ଷେତ୍ରବିଜ୍ଞାନୀ ବିଦ୍ୟାଧର ମହାରଣା ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଡକ୍ଟର ଜିତେନ୍ଦ୍ର କୁମାର ନାୟକ ଲଘୁ ଶସ୍ୟ ଗବେଷଣାରେ ସୋଆ ବିଶ୍ୱବିଦ୍ୟାଳୟର ଅଗ୍ରଗତି ଓ ଶ୍ରୀ କୁମାର ସମ୍ଭବ ଗିରି ମାଣ୍ଡିଆରୁ ପ୍ରସ୍ତୁତ ମୂଲ୍ୟଯୁକ୍ତ ଦ୍ରବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ଅଧକ୍ଷତା କରିଥିଲେ। ମାଣ୍ଡିଆ ଫସଲର ପୋଷକ ଗୁଣ, ଚାଷ ପ୍ରଣାଳୀ,



ଆର୍ଥିକ ଲାଭ ଓ ମନୁଷ୍ୟର ସ୍ୱାସ୍ଥ୍ୟ ଉପରେ ଅନୁକୂଳ ପ୍ରଭାବ ସମ୍ବନ୍ଧରେ ଆଲୋଚନା କରିବା ସହିତ ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା।ଏହି ଅବସରରେ କ୍ଷେତ୍ର ବିଜ୍ଞାନ ବିଭାଗର ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ଲିଖିତ ପୁସ୍ତିକା 'ବୈଜ୍ଞାନିକ ପ୍ରଣାଳୀରେ ଲଘୁଶସ୍ୟ ଚାଷ' ଉନ୍ମୋଚିତ ହୋଇଥିଲା। ମୁଖ୍ୟବକ୍ତା ଶ୍ରୀ ବିଦ୍ୟାଧର ମହାରଣା ଜଳବାୟୁ ସହନଶୀଳତା, ଖାଦ୍ୟ, ପୋଷଣ ଓ ଆର୍ଥିକ ସୁରକ୍ଷା ପାଇଁ ଲଘୁ ଶସ୍ୟ ଚାଷ ସଂପର୍କରେ ଆଲୋଚନା କରିଥିଲେ।ଏହି ସଭାରେ ଡକ୍ଟର ଶ୍ୱେତା ରଥ ମଂଚ ସଂଚାଳନ କରିଥିବାବେଳେ ଡକ୍ଟର ସରୋଜ କୁମାର ମହାନ୍ତି , ଡକ୍ଟର ଶୁଭପ୍ରଦ ଦାଶ, ଡକ୍ଟର ଗାୟତ୍ରୀ ମିଶ୍ର, ଡକ୍ଟର ବିଷ୍ଣୁପ୍ରିୟା ପାତ୍ର, ଡକ୍ଟର ସ୍ତୁତିଦେବପ୍ରିୟା ବେହେରା, ଡକ୍ଟର କୌଶିକାସ ଏବଂ ଡକ୍ଟର ରିତନ ଚୌଧୁରୀ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ମୁଖ୍ୟ, ପ୍ରଫେସର, ପ୍ରାଧ୍ୟାପକ, ଅଧ୍ୟାପକ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଏହି ସଭାରେ କ୍ଷେତ୍ର ବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର ବାସୁଦେବ ବେହେରା ଅତିଥିମାନଙ୍କୁ ସ୍ୱାଗତ ଦେଇଥିବାବେଳେ ପ୍ରଫେସର ଡକ୍ଟର ମନମୋହନ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଦ୍ୱାରା ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଅଭିଯାନ

ଭୁବନେଶ୍ୱର୧୧।୧୧(ମହାଭାରତ) : ରେଳବାଇ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀମାନଙ୍କୁ ଜୀବନ ପ୍ରମାଣପତ୍ର ଦାଖଲ କରାଇବା କ୍ଷେତ୍ରରେ ସହଜ ସେବା ଉପଲବ୍ଧ କରାଇବା ପାଇଁ ରେଳ ମନ୍ତ୍ରଣାଳୟର ପରାମର୍ଶ ଅନୁଯାୟୀ ଦେଶବ୍ୟାପୀ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଅଭିଯାନ ୪.୦ ନଭେମ୍ବର ମାସ ପହିଲା ଠାରୁ ୩୦ ନଭେମ୍ବର, ୨୦୨୫ ପର୍ଯ୍ୟନ୍ତ ଆୟୋଜିତ ହେଉଛି । ଏହି ଅନୁଯାୟୀ, ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀମାନଙ୍କୁ ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଦାଖଲ କରିବାରେ ଅସୁବିଧାମୁକ୍ତ କରିବା ପାଇଁ ପ୍ରମୁଖ ଷ୍ଟେସନ ଏବଂ ସ୍ଥାନଗୁଡ଼ିକରେ ମେଗା ଡିଜିଟାଲ୍ ଜୀବନ ପ୍ରମାଣପତ୍ର ଶିବିର ଆୟୋଜନ କରୁଛି ।ହିତାଧିକାରୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୁନିଶ୍ଚିତ କରିବା ପାଇଁ, ରେଳମଣ୍ଡଳ ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନଗୁଡ଼ିକରେ ବ୍ୟାନର ଏବଂ ସୂଚନା ପ୍ରଦର୍ଶନ ମାଧ୍ୟମରେ ପ୍ରଚାର କାର୍ଯ୍ୟକ୍ରମ ଗ୍ରହଣ କରିଥିଲାବେଳେ ସେମାନଙ୍କ ସୂଚନା ପାଇଁ ବିବିଧ ପଦକ୍ଷେପ ଗ୍ରହଣ କରିଥିଲା । ପଲାସା, ବ୍ରହ୍ମପୁର, ବାଲୁଗାଁ ଏବଂ ପୁରୀରେ ଚାରିଟି ଡିଏଲସି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇସାରିଛି ।

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅଧୀନରେ ଆଗାମୀ ମେଗା ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍ (ଡିଏଲସି) ଶିବିରଗୁଡ଼ିକ ମଧ୍ୟରେ ୧୩ ନଭେମ୍ବର ୨୦୨୫ରେ ଖୋର୍ଦ୍ଧା ରୋଡ୍ ମୁଖ୍ୟାଳୟ (ଟ୍ରାଫିକ୍ କଲୋନି କଲ୍ୟାଣ ମଣ୍ଡପ) ଠାରେ ସ୍ୱାସ୍ଥ୍ୟ ଶିବିର ସହିତ ଆୟୋଜିତ ହେବାକୁ ଥିବାବେଳେ ୧୫ ନଭେମ୍ବର ୨୦୨୫ରେ ଭୁବନେଶ୍ୱର (ଷ୍ଟେସନ୍), ୧୭ ନଭେମ୍ବର ୨୦୨୫ରେ କଟକ ରେଳ ଇନସ୍ଟିଚ୍ୟୁଟ, ୧୯ ନଭେମ୍ବର ୨୦୨୫ରେ କେନ୍ଦୁଝରଗଡ଼ ରେଳ ଷ୍ଟେସନ, ୨୦ ନଭେମ୍ବର ୨୦୨୫ରେ ଅନୁଗୁଳ (ଇଲେକ୍ଟ୍ରିକ୍ ଲୋକୋ ସେଡ୍ ମିଟିଂ ହଲ୍), ୨୪ ନଭେମ୍ବର ୨୦୨୫ରେ ତାଳଚେର ରେଳ ଷ୍ଟେସନ, ୨୭ ନଭେମ୍ବର ୨୦୨୫ରେ ଭଦ୍ରକ ରେଳ ଷ୍ଟେସନ ଏବଂ ୨୮ ନଭେମ୍ବର ୨୦୨୫ରେ ପାରାଦୀପ (ଏରିଆ ମ୍ୟାନେଜର ବିଲଡିଂ)ରେ ଏହି ମେଗା ଶିବିର ଆୟୋଜନ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି ।ସମସ୍ତ ପେସନଭୋଗୀ ଏବଂ ପରିବାର ପେନସନଭୋଗୀମାନଙ୍କୁ ସେମାନଙ୍କର ଡିଜିଟାଲ୍ ଜୀବନ ପ୍ରମାଣପତ୍ର ସୁଗମ ଭାବରେ ଦାଖଲ କରିବା ପାଇଁ ନିକଟତମ ଶିବିରରେ ଯୋଗଦେବାକୁ ଅନୁରୋଧ କରାଯାଇଛି ଏବଂ ସେମାନଙ୍କୁ ସେମାନଙ୍କର ଆଧାର କାର୍ଡ, ପେନସନ ପେ ଅର୍ଡର (ପିପିଓ) ନମ୍ବର, ପେନସନ ଆକାଉଣ୍ଟ ନମ୍ବର ଏବଂ ଆଧାର ସହିତ ଲିଙ୍କ୍ ଥିବା ପଞ୍ଜିକୃତ ମୋବାଇଲ୍ ନମ୍ବର/ଫୋନ ଆଣିବାକୁ ପରାମର୍ଶ ଦିଆଯାଇଛି । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସମସ୍ତ ସମ୍ପୃକ୍ତ ପେନସନଭୋଗୀ ଏବଂ ପରିବାର ପେନସନଭୋଗୀମାନଙ୍କୁ ଅନୁରୋଧ କରୁଛି ଯେ ସେମାନେ ସେମାନଙ୍କର ଡିଜିଟାଲ୍ ଜୀବନ ପ୍ରମାଣପତ୍ର ସମୟସୀମାରେ ଦାଖଲ କରିବା ପାଇଁ ଏହି ଶିବିରଗୁଡ଼ିକର ସୁବିଧା ନିଅନ୍ତୁ ଯାହା ଦ୍ୱାରା ନିରବଚ୍ଛିନ୍ନ ପେନସନ ବଣ୍ଟନ ସୁନିଶ୍ଚିତ ହୋଇପାରିବ ।

## ସହଦେବ ହତ୍ୟା ମାମଲାର ମାଷ୍ଟରମାଇଣ୍ଡ ଗିରଫ

ଭୁବନେଶ୍ୱର,୧୧।୧୧(: ସହଦେବ ନାୟକ ହତ୍ୟା ମାମଲା। ୧୦ ମାସ ପରେ ମାଷ୍ଟମାଇଣ୍ଡ ସୁଲେଇ ନାୟକକୁ ବାନ୍ଧିଲା ମଞ୍ଚେଶ୍ୱର ଥାନା ପୁଲିସ। ପୂର୍ବରୁ ସୁଲେଇ ନାଁରେ ଗିରଫ ପରୱାନା ଜାରି କରିଥିଲା କମିସନରେଟ୍ ପୁଲିସ। ସୁଲେଇକୁ ଗିରଫ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି। ପୂର୍ବୁ ସହଦେବ ନାୟକ ୬ରୁ ଅଧିକ ଅଭିଯୁକ୍ତକୁ ଗିରଫ କରିଥିଲା ପୁଲିସ।ସୂଚନାନୁଯାୟୀ, କେଦାରପଲ୍ଲୀ ବସ୍ତିର ସହଦେବ ନାୟକ ବିଏମ୍ସି ସଫେଇ କର୍ମଚାରୀ ସଂଘର ସଭାପତି ଥିଲେ। ସେ କିଛି ମାସ ଧରି ପଳାଶୁଣୀର ଏକ ଭଡାଘରେ ରହୁଥିଲେ । ଜାନୁଆରୀ ତାରିଖ ସକାଳ ୮ଟା ବେଳେ ଝିଅକୁ ସ୍କୁଲରେ ଛାଡି ଏକ ନାଲି ରଙ୍ଗ ସ୍କୁଟିରେ ଭଡାଘରକୁ ଫେରୁଥିବାବେଳେ ଆକ୍ରମଣ ହୋଇଥିଲା।

# ରାଜଧାନୀରେ ସିରିଜ ଦୁର୍ଘଟଣା ଘଟାଇ ଧରାପଡିଲା ମଦୁଆ ଡ୍ରାଇଭର

ଭୁବନେଶ୍ୱର ୧୧।୧୧(ମହାଭାରତ): ରାଜଧାନୀ ପୁଣି ଥାର ଆତଙ୍କ। ପାତ୍ରପୋଡ଼ା ହଟି ଆଣ୍ଡ ରନ୍ ଘଟଣା ମନରୁ ନ ଲିଭୁଣୁ ପୁଣି ଭୁବନେଶ୍ୱରରେ ସିରିଜ ଦୁର୍ଘଟଣା ଘଟାଇଛି କଳା ଥାର। ଏଜି ଛକରୁ ଆଚାର୍ଯ୍ୟବିହାର ଛକ ପର୍ଯ୍ୟନ୍ତ ଯୋଉ ଗାଡ଼ିସାମ୍ନାକୁ ଆସିଲା ତାକୁ ପିଟିଛି। ସିରିଜ ଦୁର୍ଘଟଣାରେ ଏକାଧିକ ଗାଡ଼ି ନଷ୍ଟ ହୋଇଛି। ଶେଷରେ ଥାର ଚକା ଫାଟି ବେରିଙ୍ଗ ଭାଙ୍ଗି ଯିବାରୁ ଅଟକିଛି। ଏହି ଉତ୍ପାତ ଘଟାଇଥିବା କାର୍ ଚାଳକକୁ ଧରିଛି ପିସିଆର୍ ।



ସୂଚନା ଅନୁଯାଇ, ଦିଲ୍ଲୀରେ ଭୟଙ୍କ ବିସ୍ଫୋରଣ ପରେ ସାରା ଦେଶ ଆତଙ୍କ ଖେଳିଯାଇଥିଲା। ଓଡ଼ିଶାରେ ମଧ୍ୟ ହାଇଆଲର୍ଟ ଜାରି କରାଯାଇଥିଲା। ସହର ଗୁଡିକ ପ୍ରବେଶ ଓ ପ୍ରସ୍ଥାନ ପଥ ଗୁଡ଼ିକରେ ରାତି ତମାମ ଚେକିଂ ଏବଂ ବ୍ଲକିଙ୍ଗ ଆରମ୍ଭ କରିଥିଲା ପୁଲିସ। ହେଲେ ଆଜି ଦିନ ଦ୍ୱିପ୍ରହରରେ ରାଜଧାନୀରେ ଜଣେ ମଦୁଆ ଥାର୍ ଡ୍ରାଇଭର ଆତଙ୍କ ଖେଳାଇଥିଲା । ଅଫିସ ସମୟରେ ଟ୍ରାଫିକ ଭିଡ଼ ଥିବା ବେଳେ ସିରିଜ ଦୁର୍ଘଟଣା ଘଟାଇଥିଲା । ଗୋଟିଏ ପରେ, ଗୋଟିଏ ଗାଡିକୁ ଏଜି ଛକରୁ ପିଟି ପିଟି ଆଚାର୍ଯ୍ୟ ବିହାର ଟ୍ରାଫିକ୍ ସିଗନାଲ୍ ଭାଙ୍ଗିଥିଲା। ଦୁର୍ଘଟଣାରେ ଗାଡିର ଚକା ଫାଟି ଯିବାରୁ ରିମ୍ ସାହାଯ୍ୟରେ ପ୍ରାୟ ୫୦୦ ମିଟର ଗାଡି ଦୌଡ଼ାଇଥି । ବେରିଙ୍ଗ ଏକ୍‌ସେଲ ଭାଙ୍ଗିଯିବାରୁ ଆପୋଲୋ ରୋଡ଼ରେ ଥାର୍ ଗାଡିକୁ ଅଟକାଇବାକୁ ବାଧ୍ୟ ହୋଇଥିଲା ଡ୍ରାଇଭର। ଘଟଣାସ୍ଥଳରେ ପିସିଆର ପହଞ୍ଚି ଉକ୍ତ ଥାର୍ ଗାଡିକୁ ଥାନାକୁ ଉଠାଇ ନେଇଥିବା ବେଳେ ଗାଡି ଡ୍ରାଇଭରକୁ ଅଟକ ରଖିଛି ।

ଉଲ୍ଲେଖଯୋଗ୍ୟ ଯେ, ଗତ ରାକ୍ଷୀ ପୂର୍ଣ୍ଣିମା ଦିନ ଭୁବନେଶ୍ୱର ପାତ୍ରପଡ଼ା ଛକରେ ଥାର୍ ଧକ୍କାରେ ଜଣେ ୮ ବର୍ଷର ଝିଅର ମୃତ୍ୟୁ ହୋଇଥିଲା । ଦୁଇ ଜଣ ଗୁରୁତର ହୋଇ ଏମ୍ସରେ ଚିକିତ୍ସିତ ହେଉଥିଲେ । ମାତ୍ର କିଛି ଦିନ ପରେ ଚିକିତ୍ସାଧିନ ଅବସ୍ଥାରେ ମା'ଙ୍କର ଜୀବନ ଚାଲିଯାଇଥିଲା । ଥାର୍ ଗାଡିଟି ଜଟଣୀ ଅଞ୍ଚଳର ହୋଇଥିବା ଜଣାପଡିଥିଲା । ରିଲ୍ସ କରିବା ନିଶା ଯୋଗୁଁ କାର୍ ରେସିଂ କରୁଥିବା ବେଳେ ଦୁର୍ଘଟଣା ଘଟିଥିଲା । ଏହି ଘଟଣାରେ ଥାର୍ ମାଲିକ ସୋମନାଥ ବେହେରାଙ୍କ ସମେତ ମୋଟ୍ ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏହି ଦୁର୍ଘଟଣା ପରେ ଗାଡ଼ି ଚଳାଇଲା ବେଳେ, ଚାଳକ କିମ୍ବା ପାସେଞ୍ଜର ରିଲ୍ସ କରିବା ସହ ରେସିଂ ନକରିବାକୁ ସରକାରଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି ।

# ମହାନଦୀ ବୋଇତ ଦୌଡ଼ ପ୍ରତିଯୋଗିତା ଆରମ୍ଭ

କଟକ /ଭୁବନେଶ୍ୱର,୧୧।୧୧(ମହାଭାରତ): ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ମହାନଦୀ ବୋଇତ ଦୌଡ଼ ପ୍ରତିଯୋଗିତା ୨୦୨୫କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଦ୍ୱାରା, କଟକ ଜିଲ୍ଲା ପ୍ରଶାସନ ସହିତ ମିଳିତ ଭାବରେ ଆୟୋଜିତ, ଏହି କାର୍ଯ୍ୟକ୍ରମ ଗଡ଼ଗଡିଆ ଘାଟ ଏବଂ ସିଲଭର ସିଟି ବୋଟ୍ କ୍ଲବ୍ ମଧ୍ୟରେ ଏକ ସ୍ପନ୍ଦନଶୀଳ ସଙ୍ଗମରେ କ୍ରୀଡା, ସଂସ୍କୃତି ଏବଂ ଐତିହ୍ୟକୁ ଏକତ୍ରିତ କରିଥିଲା ।

ମହାନଦୀ ବୋଇତା ଦୌଡ଼ ଓଡ଼ିଶାର ପ୍ରାଚୀନ ସାଧବମାନଙ୍କ (ସାମୁଦ୍ରିକ ବ୍ୟବସାୟୀ)ଙ୍କ ଠାରୁ ପ୍ରେରଣା ଆଣେ, ଯେଉଁମାନେ ଥରେ ମହାନଦୀରୁ ବାଲି, ଜାଭା, ସୁମାତ୍ରା ଏବଂ ଶ୍ରୀଲଙ୍କାର ଦୂର କୂଳକୁ ଯାତ୍ରା କରିଥିଲେ, ବାଣିଜ୍ୟ, ସଂସ୍କୃତି ଏବଂ ବନ୍ଧୁତାର ଆତ୍ମାକୁ ନିଜ ସହିତ ବହନ କରିଥିଲା। ଏହି ଦୌଡ଼ ପ୍ରତିଯୋଗିତା ବାଲିଯାତ୍ରା ଉତ୍ସବର ଏକ ପ୍ରମୁଖ ଆକର୍ଷଣ, ସମୁଦ୍ର ସହିତ ଓଡ଼ିଶାର ପୁରୁଣା ସମ୍ପର୍କ ଏବଂ ଏହାର ସ୍ଥାୟୀ ସାମୁଦ୍ରିକ ଐତିହ୍ୟର ପ୍ରତୀକ । ମହାନ ପତାକା ପ୍ରଦର୍ଶନ ପରେ, ନଦୀକୂଳରେ ଏକ ଚମତ୍କାର ଫ୍ଲାଏ ଡଙ୍ଗା ପ୍ରଦର୍ଶନୀ ଦେଖାଗଲା, ଯାହା ଚମତ୍କାର ଗଠନ ଏବଂ ଗତି ପ୍ରଦର୍ଶନ ସହିତ ଦର୍ଶକଙ୍କୁ ମୋହିତ କରିଥିଲା । ଡଙ୍ଗା ଦୌଡ଼ ପ୍ରତିଯୋଗିତା ଆରମ୍ଭ ହେବା ସହିତ ଉତ୍ସାହ ଜାରି ରହିଲା, ଯେଉଁଥିରେ ୧୦୦୦ ମିଟର, ୫୦୦ ମିଟର ଏବଂ ୨୦୦ ମିଟରର ପ୍ରତିଯୋଗିତାମୂଳକ ଫର୍ମାଟ ଥିଲା, ଯାହା ଅଂଶଗ୍ରହଣକାରୀ ଦଳଗୁଡ଼ିକର ଧୈର୍ଯ୍ୟ ଏବଂ ସମନ୍ୱୟ ପରୀକ୍ଷା କରିଥିଲା । ସାରା ଭାରତରୁ ମୋଟ ୧୫ ଟି ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ - ଯେଉଁଥିରେ ବିହାର, ଦିଲ୍ଲୀ, ହରିୟାଣା, ଝାଡ଼ଖଣ୍ଡ, ପଞ୍ଜାବ, ରାଜସ୍ଥାନ, ଉତ୍ତର ପ୍ରଦେଶ, ଛତିଶଗଡ଼ ଏବଂ ଓଡ଼ିଶାର ପ୍ରତିନିଧିତ୍ୱ କରୁଥିବା ୧୦ ପୁରୁଷ ଦଳ ଏବଂ ୫ ମହିଳା ଦଳ ଅନ୍ତର୍ଭୁକ୍ତ ଥିଲେ, ଯାହା ଏହି କାର୍ଯ୍ୟକ୍ରମକୁ ଜଳ କ୍ରୀଡା ମନୋଭାବ ଏବଂ ଜାତୀୟ ଏକତାର ଏକ ସ୍ପନ୍ଦନଶୀଳ ପ୍ରଦର୍ଶନ କରିଥିଲା ।

# ବାଲି ଯାତ୍ରା ପାଇଁ କଟକ ରେଳ ଷ୍ଟେସନରେ ଅତିରିକ୍ତ ଟିକେଟ କାଉଣ୍ଟର ଏବଂ ବର୍ଦ୍ଧିତ ଯାତ୍ରୀ ସୁବିଧା



ଭୁବନେଶ୍ୱର,୧୧।୧୧(ମହାଭାରତ): ଯାତ୍ରୀ ମାନଙ୍କ ପାଇଁ ପୂର୍ବତଟ ରେଳପଥ ସୁଗମ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରୁଛି ।ବାଲି ଯାତ୍ରା ମହୋତ୍ସବ ସମୟରେ କଟକ ଆସୁଥିବା ବହୁ ସଂଖ୍ୟକ ଯାତ୍ରୀ ମାନଙ୍କୁ ସୁବିଧା ଯୋଗାଇବା ପାଇଁ, ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ସୁଗମ ଟିକେଟିଂ ବ୍ୟବସ୍ଥା, ଯାତ୍ରୀ ସୁବିଧା ଏବଂ ଯାତ୍ରୀ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି ।

ବାଲି ଯାତ୍ରା ସମୟରେ ମାତ୍ରାଧିକ ଯାତ୍ରୀ ଭିଡ଼କୁ ପରିଚାଳନା କରିବା ପାଇଁ କଟକ ରେଳ ଷ୍ଟେସନରେ ଅତିରିକ୍ତ ଟିକେଟ ବୁକିଂ କାଉଣ୍ଟର ଖୋଲାଯାଇଛି ଏବଂ ହଠାତ୍ ବୃଦ୍ଧି ପାଉଥିବା ଚାହିଦାକୁ ପୂରଣ କରିବା ପାଇଁ ଏଟିଭିଏମ (ଇଞ୍ଚଠଗ) ରୁ ଟିକେଟ୍ ପାଇବାରେ ସାହାଯ୍ୟ କରିବା ପାଇଁ କର୍ମଚାରୀମାନଙ୍କୁ ନିୟୋଜିତ କରାଯାଇଛି । ଯାତ୍ରୀମାନଙ୍କୁ ସହାୟତା କରିବା ଏବଂ ଦ୍ରୁତ ଟିକେଟ୍ ସେବା ସୁନିଶ୍ଚିତ କରିବା ପାଇଁ ବାଣିଜ୍ୟ ବିଭାଗ ତରଫରୁ ପର୍ଯ୍ୟାପ୍ତ ମାନବସମ୍ବଳ ନିୟୋଜିତ କରାଯାଇଛି।

ଯାତ୍ରୀଙ୍କ ନିରାପତ୍ତା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ରେଳ ସୁରକ୍ଷା ବଳ କୁ ସତର୍କ ରଖାଯାଇଛି । କଟକ ଷ୍ଟେସନ ଏବଂ ଏହାର ଆଖପାଖ ପରିସରରେ ନିରନ୍ତର ଭିଡ଼ ତଦାରଖ ଏବଂ ନିୟନ୍ତ୍ରଣ ପଦକ୍ଷେପ କାର୍ଯ୍ୟକାରୀ କରାଯାଉଛି । ସୁଗମ ଯାତ୍ରୀ ଭିଡ଼ ଗତିବିଧି ପାଇଁ ଯାତ୍ରୀମାନଙ୍କୁ ମାର୍ଗଦର୍ଶନ ଏବଂ ସହାୟତା କରିବା ପାଇଁ ବାଣିଜ୍ୟିକ ବିଭାଗରୁ ଅତିରିକ୍ତ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି ।

ବାଲି ଯାତ୍ରା ସମୟରେ ଏକ ସୁରକ୍ଷିତ ଏବଂ ସୁଖଦ ଯାତ୍ରା ଅଭିଜ୍ଞତା ପାଇଁ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ସମସ୍ତ ଯାତ୍ରୀଙ୍କୁ ରେଳ କର୍ମଚାରୀ ଓ ଅଧିକାରୀମାନଙ୍କୁ ସହଯୋଗ କରିବା ଏବଂ ଷ୍ଟେସନ ପରାମର୍ଶ ପାଳନ କରିବାକୁ ଅନୁରୋଧ କରାଯାଉଅଛି ।

# ଇଣ୍ଡିଆନ ରୋଡ କଂଗ୍ରେସ ଆଶା ଓ ସମ୍ଭାବନା

ଇଣ୍ଡିଆନ୍ ରୋଡ୍ସ କଂଗ୍ରେସ IRC ଏକ ପ୍ରମୁଖ ବୈଷୟିକ ସଂସ୍ଥା ଯାହା ଭାରତରେ ରାସ୍ତା ବିକାଶ ପାଇଁ ନିର୍ଦ୍ଦେଶାବଳୀ ପ୍ରସ୍ତୁତ ଏବଂ ଅଦ୍ୟତନ କରେ। ଓଡିଶାରେ, IRC ରାଜ୍ୟର ଭିତିଭୂମି ଗଠନରେ, ବିଶେଷକରି ରାସ୍ତା ଏବଂ ରାଜପଥ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି ଲେଖାଟି IRC ର ପଦକ୍ଷେପ ଏବଂ ଓଡିଶାର ରାସ୍ତା ନେଟୱାର୍କ ଉପରେ ପ୍ରଭାବ ଉପରେ ଏକ ଗଭୀର ଦୃଷ୍ଟିକୋଣ ପ୍ରଦାନ କରିବାର ଲକ୍ଷ୍ୟ ରଖିଛି। ପୂର୍ବ ଭାରତର ଏକ ଉପକୂଳବର୍ତୀ ରାଜ୍ୟ, ଓଡିଶା, ଏହାର ସମୃଦ୍ଧ ପ୍ରାକୃତିକ ସମ୍ପଦ, ରଣନୈତିକ ସ୍ଥାନ ଏବଂ ଭିତିଭୂମି ବିକାଶ ଦ୍ୱାରା ଚାଳିତ ହୋଇ ସାମ୍ପ୍ରତିକ ବର୍ଷଗୁଡିକରେ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଅଭିବୃଦ୍ଧି ଦେଖିଛି। ରାଜ୍ୟର ରାସ୍ତା ନେଟୱାର୍କ, ଯାହା ୪୩୮୨ କିଲୋମିଟରରୁ ଅଧିକ ଜାତୀୟ ରାଜପଥ, ୧୩,୩୯୫ କିଲୋମିଟର ରାଜ୍ୟ ରାଜପଥ ଏବଂ ୫୭,୬୪୭ କିଲୋମିଟର ଜିଲ୍ଲା ରାସ୍ତା ପରିବ୍ୟାପ୍ତ, ସାମଗ୍ରୀ ଏବଂ ଲୋକଙ୍କ ପରିବହନକୁ ସହଜ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଇଣ୍ଡିଆନ୍ ରୋଡ୍ସ କଂଗ୍ରେସ ଓଜଉ ରାସ୍ତା ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପାଇଁ ବୈଷୟିକ ବିଶେଷଜ୍ଞତା ମାର୍ଗଦର୍ଶିକା ଏବଂ ମାନଦଣ୍ଡ ପ୍ରଦାନ କରି ରାଜ୍ୟର ରାସ୍ତା ଭିତିଭୂମି ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଓଜଉ ୧୯୨୮ ମସିହାରେ ପ୍ରତିଷ୍ଠିତ ହୋଇଥିଲା ଏବଂ ସେବେଠାରୁ ଏହା ଓଡିଶାରେ ରାସ୍ତା ବିକାଶକୁ ପ୍ରୋତ୍ସାହିତ କରିବାରେ ସକ୍ରିୟ ଭାବରେ ସାମିଲ ହୋଇଆସୁଛି। ରାଜ୍ୟର ପ୍ରଥମ ରାସ୍ତା ବିକାଶ ଯୋଜନା ୧୯୫୧ ମସିହାରେ ପ୍ରଣୟନ କରାଯାଇଥିଲା, ଯାହା ପ୍ରମୁଖ ସହର ଏବଂ ସହରଗୁଡିକୁ ସବୁଦିନିଆ ରାସ୍ତା ସହିତ ସଂଯୋଗ କରିବା ଉପରେ ମାନ ଦେଇଥିଲା। ବର୍ଷ ବର୍ଷ ଧରି, ଓଜଉ ରାଜ୍ୟର ରାସ୍ତା ନେଟୱାର୍କକୁ ଉନ୍ନତ କରିବା ପାଇଁ ଓଡିଶା ସରକାରଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିଛି, ରାସ୍ତା ନିର୍ମାଣ ଏବଂ ରକ୍ଷଣାବେକ୍ଷଣରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ସର୍ବୋତମ ଅଭ୍ୟାସ ପ୍ରଚଳନ କରିଛି। ରାଜ୍ୟର ରାସ୍ତା ଭିତିଭୂମିକୁ ଉନ୍ନତ କରିବା ପାଇଁ ଓଜଉ ଓଡିଶାରେ ଅନେକ ପ୍ରମୁଖ ପଦକ୍ଷେପ ଗ୍ରହଣ କରିଛି। କିଛି ଉଲ୍ଲେଖନୀୟ ପଦକ୍ଷେପ ମ୍ନରେ ଅନ୍ତର୍ଭୁକ୍ତ। ୧. ଭାରତମାଳା ପରିଯୋଜନା : ସାରାଦେଶରେ ରାଜପଥ ଏବଂ ରାସ୍ତାର ନେଟୱାର୍କ ବିକାଶ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା କେନ୍ଦ୍ର ସରକାରଙ୍କ ଯୋଜନା ଭାରତମାଳା ପରିଯୋଜନା କାର୍ଯ୍ୟକାରୀ କରିବାରେ ଓଜଉ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଓଡିଶାରେ, ଏହି ପ୍ରକଳ୍ପରେ ୭,୫୪୮ କିଲୋମିଟର ଜାତୀୟ ରାଜପଥର ଉନ୍ନତିକରଣ ଅନ୍ତର୍ଭୁକ୍ତ, ଯାହା ଯାହା ସଂଯୋଗୀକରଣକୁ ବୃଦ୍ଧି କରିବ ଏବଂ ଯାତ୍ରା ସମୟ ହ୍ରାସ କରିବା, ୨. ରାଜପଥ ରକ୍ଷଣାବେକ୍ଷଣ : ଓଜଉ ନବସୃଜନଶୀଳ ସମାଗ୍ରୀ ଏବଂ ପ୍ରଯୁକ୍ତିବିଦ୍ୟା ବ୍ୟବହାର ସମେତ ରାଜପଥ ରକ୍ଷଣାବେକ୍ଷଣରେ ସର୍ବୋତମ ଅଭ୍ୟାସଗୁଡିକୁ ପ୍ରୋତ୍ସାହିତ କରିଆସୁଛି। ଓଡିଶାରେ, ଓଜଉ ରାଜ୍ୟ ସରକାରଙ୍କ ସହିତ ଏକ ରକ୍ଷଣାବେକ୍ଷଣ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ କାମ କରିଛି, ଯାହା ନିଶ୍ଚିତ କରେ ଯେ ରାସ୍ତାଗୁଡିକ ଭଲ ଅବସ୍ଥାରେ ରହିଛି। ୩. ସଡକ ସୁରକ୍ଷା : ଓଡିଶାରେ ସଡକ ସୁରକ୍ଷା ଏକ ପ୍ରମୁଖ ଚିନ୍ତାର ବିଷୟ ଏବଂ ଓଜଉ ସଡକ ସୁରକ୍ଷା ପଦକ୍ଷେପଗୁଡିକ ପ୍ରୋତ୍ସାହିତ କରିବାରେ ସକ୍ରିୟ ଭାବରେ ଜଡିତ। ଓଜଉ ରାସ୍ତା ଡିଜାଇନ୍ ଏବଂ ନିର୍ମାଣରେ ସୁରକ୍ଷାର ଗୁରୁତ୍ୱକୁ ଆଲୋକପାତ କରି ରାସ୍ତା ବ୍ୟବହାରକାରୀ, ଇଞ୍ଜିନିୟର ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଛି। ୪. କ୍ଷମତା ନିର୍ମାଣ : ଓଜଉ ରାସ୍ତା ଏବଂ ରାଜପଥ ବିଭାଗରେ କ୍ଷମତା ନିର୍ମାଣ ପାଇଁ ଓଡିଶା ସରକାରଙ୍କ ସହିତ କାମ କରୁଛି। ଓଜଉ ଇଞ୍ଜିନିୟର ଏବଂ ଅନ୍ୟ ଅଧିକାରୀମାନଙ୍କୁ ତାଲିମ ଏବଂ ବୈଷୟିକ ସହାୟତା ପ୍ରଦାନ କରିଛି, ରାସ୍ତା ନିର୍ମାଣ ଏବଂ ରକ୍ଷଣାବେକ୍ଷଣରେ ସେମାନଙ୍କ ଦକ୍ଷତା ଏବଂ ଜ୍ଞାନ ବୃଦ୍ଧି କରିଛି। ଓଜଉର ପଦକ୍ଷେପଗୁଡିକ ଓଡିଶାର ରାସ୍ତା ନେଟୱାର୍କ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି। କିଛି ପ୍ରମୁଖ ଲାଭ ମ୍ନରେ ଅନ୍ତର୍ଭୁକ୍ତ। ୧. ଉନ୍ନତ ସଂଯୋଗୀକରଣ : ଓଜଉର ପ୍ରୟାସ ରାଜ୍ୟରେ ଉନ୍ନତ ସଂଯୋଗୀକରଣ ଆଣିଛି, ଅନେକ ଗ୍ରାମ ଏବଂ ସହର ଜାତୀୟ ରାଜପଥ ନେଟୱାର୍କ ସହିତ ସଂଯୋଗ ହୋଇଛି। ୨. ପରିବେଶ ସମୟ ହ୍ରାସ : ଭାରତମାଳା ପରିଯୋଜନା ଅଧୀନରେ ଜାତୀୟ ରାଜପଥଗୁଡିକରେ ଉନ୍ନତିକରଣ ରାଜ୍ୟର ପ୍ରମୁଖ ସହର ଏବଂ ସହର ମ୍ନରେ ଯାତ୍ରା ସମୟ ହ୍ରାସ କରିଛି। ୩. ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି : ଉନ୍ନତ ସଡକ ଭିତିଭୂମି ଯୋଗୁଁ ରାଜ୍ୟରେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି, ଅନେକ ବ୍ୟବସାୟ ଏବଂ ଶିଳ୍ପ ଓଡିଶାରେ କାର୍ଯ୍ୟ ପ୍ରତିଷ୍ଠା କରିଛନ୍ତି। ୪. ଉନ୍ନତ ସଡକ ସୁରକ୍ଷା : ଓଜଉର ସଡକ ସୁରକ୍ଷା ପଦକ୍ଷେପ ରାଜ୍ୟରେ ସଡକ ଦୁର୍ଘଟଣା ଏବଂ ମୃତ୍ୟୁହାର ହ୍ରାସ କରିବାରେ ସହାୟକ ହୋଇଛି।

# ଓଡ଼ିଶାର ଖଣିଜ ପାଣ୍ଠି ଓ ଅଣ୍ଟି ନିଆଁ

## ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ନୂଆପଡ଼ା ନିର୍ବାଚନ ଘୋ ଘା। ଆଉ କିଛି ତଥାକଥିତ ରାଜନୈତିକ ତୁମ୍ବିତୋଫାନ ଭିତରେ ରାଜ୍ୟ ରାଜନୀତି ସହିତ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ଖବର ଗଣମାଧ୍ୟମର ଉହାଡ଼ରେ ରହିଯାଇଛି। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆସିବା ପରେ ପ୍ରଗତିର ବନ୍ୟା କୁଆଡ଼େ ଚାରିଆଡ଼କୁ ପ୍ରଭାବିତ କରିଛି ବୋଲି କେହି କେହି କହୁଛନ୍ତି। ତେବେ ନିକଟରେ ସୁପ୍ରିମକୋର୍ଟର ଏକ ଘଟଣା ଆମେ ଏଠାରେ ଉଠାଇବାକୁ ଚାହୁଁଛୁ ସହୃଦୟ ପାଠକମାନଙ୍କ ପାଖରେ। ପ୍ରକାରାନ୍ତରେ କହିବା ପାଇଁ ଗଲେ ଏହା ହିଁ ବଡ଼ ବିଡ଼ମ୍ବନା ଯେ, ନବୀନ ସରକାରଙ୍କ ପାପ ବୋଝକୁ ମୋହନ ସରକାର ଏବେ ବି ମୁଣ୍ଡେଇ ଚାଲିଛନ୍ତି। ସେଥିପାଇଁ ସୁପ୍ରିମକୋର୍ଟରୁ ଭର୍ତ୍ସନା ଶୁଣିବାକୁ ମିଳିଲା। ଓଡ଼ିଶାର ପ୍ରାଣ ହେଉଛି ଖଣି। ଖଣିରୁ ହିଁ ଓଡ଼ିଶାର ସର୍ବାଧିକ ରାଜସ୍ୱ ଆସିଥାଏ। ସର୍ବଭାରତୀୟ ସ୍ତରରେ ଖଣି ରାଜସ୍ୱ କ୍ଷେତ୍ରରେ ଓଡ଼ିଶା ଆଗୁଆ। ତେବେ ଏହି ଖଣିକୁ ଲୁଟ କରି କୋଟପତି ହେବା ପାଇଁ ଆଗ୍ରହ ବେଶି। ମୋହନ ସରକାର ଏ ଦିଗରେ ସୁପ୍ରିମକୋର୍ଟଙ୍କ ଆଦେଶ ପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବେ ବୋଲି ଆଶା କରୁଛୁ।

ଗତ ସପ୍ତାହରେ କୋଇଡ଼ାର ଜିଭିପିଆର ଖଣିରେ ଚଢ଼ାଉ କଲା ଇସ୍ପାତ ଓ ଖଣି ବିଭାଗ। ବେଆଇନ ଲୁହାପଥର ପରିବହନ ଅଭିଯୋଗ ଉପରେ ଥିଲା ଏହି ଚଢ଼ାଉ। ଏହା ପୂର୍ବରୁ ରାଜ୍ୟର ଅନେକ ଖଣିରେ ବେଆଇନ ଚଢ଼ଉ ହୋଇଛି ଏବଂ କ୍ଷତି ପୂରଣ ପାଇଁ ନିର୍ଦ୍ଦେଶ ମଧ୍ୟ ଦିଆହୋଇଛି। ସଂଯୋଗକୁ ସେହି ଦିନ ସୁପ୍ରିମକୋର୍ଟ ଖଣି ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କୁ କଡ଼ା ଭର୍ତ୍ସନା କଲେ। ସୁପ୍ରିମକୋର୍ଟ ଶୁଣାଣି ସହ କୋଇଡ଼ାରେ ଚଢ଼ାଉର କିଛି ସମ୍ପର୍କ ଅଛି କି ନାହିଁ ଜଣାନାହିଁ। କିନ୍ତୁ ଏକଥା ସ୍ପଷ୍ଟ ଭାବେ ଜଣାଅଛି ଯେ, ନବୀନ ସରକାର କରିଥିବା ପାପକୁ ମୋହନ ସରକାର ନିଜ କାନ୍ଧରେ ଏବେ ବି ବୋହି ଚାଲିଛନ୍ତି। ସେଥିପାଇଁ ସୁପ୍ରିମକୋର୍ଟଙ୍କ ଅସନ୍ତୋଷର ଶିକାର ହେବାକୁ ପଡ଼ିଲା ଓଡ଼ିଶାକୁ। ୨୦୧୭ରେ ସୁପ୍ରିମକୋର୍ଟ ୧୩୧ ଖଣି ମାଲିକଙ୍କ ବେଆଇନ ଖଣି କାର୍ଯ୍ୟ ଲାଗି ପାଖାପାଖି ୨୦ ହଜାର କୋଟି ଟଙ୍କା କ୍ଷତିପୂରଣ ଆଦାୟ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଡିସେମ୍ବର ୩୧ ସୁଦ୍ଧା ଏହା ଆଦାୟ କରିବା ପାଇଁ ନିର୍ଦ୍ଦେଶ ଥିଲା। ସେହି ରାୟ ପରିପ୍ରେକ୍ଷୀରେ ଜିଲ୍ଲା ଖଣିଜ ପାଣ୍ଠି କଥା ଉଠିଥିଲା। ଜିଲ୍ଲାରେ ପାରିପାର୍ଶ୍ୱିକ ବିକାଶ ନିମନ୍ତେ ଡିଏମଏଫ ଗଠନ ପ୍ରକ୍ରିୟା ଆରମ୍ଭ ହେଲା। ଓଡ଼ିଶାରେ ଯେଉଁ ମେଗା ଖଣି ଦୁର୍ନୀତି ହୋଇଥିଲା ତାହାର ମୁଖ୍ୟ ପୃଷ୍ଠପୋଷକ ଥିଲେ ନବୀନ ସରକାର। ଏକଥା ଜଷ୍ଟିସ ଏମ ବି ଶାହା ତାଙ୍କ ରିପୋର୍ଟରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। ଜଷ୍ଟିସ ଶାହା ଲେଖିଛନ୍ତି ଯେ, ଭାରତର ସବୁଠୁ ବଡ଼ ଖଣି ଦୁର୍ନୀତି ଓଡ଼ିଶାରେ ଘଟିଛି। ଦୁର୍ନୀତିର ପରିମାଣ ପ୍ରାୟ ୬୦ ହଜାର କୋଟି ଟଙ୍କା। ଏତେ ବଡ଼ ମେଗା ଦୁର୍ନୀତି ବିନା ସରକାରୀ ପୃଷ୍ଠପୋଷକତା ଏବଂ ବାବୁ ମାନଙ୍କ ସହାୟତାରେ କଦାପି ସମ୍ଭବ ହୋଇନଥାନ୍ତା। ଜଷ୍ଟିସ ଶାହା ଓଡ଼ିଶା ମେଗା ଖଣି ଦୁର୍ନୀତିର ସିବିଆଇ ତଦନ୍ତ ପାଇଁ କେନ୍ଦ୍ରକୁ ସୁପାରିଶ କରିଥିଲେ। ତେବେ ତଦନ୍ତ ରିପୋର୍ଟ ଇଛାକୃତ ଭାବେ ଶୀତଳ ଭଣ୍ଡାରରେ ପଡ଼ି ରହିଲା ନା ଏହାକୁ ପଡ଼ି ରହିବା ପାଇଁ କୌଣସି ପେଞ୍ଚ ବା ବ୍ୟବସ୍ଥା କରାଗଲା ତାହା ଅନେକଙ୍କ ପାଇଁ ଅଜଣା ରହିଗଲା।

ଆରମ୍ଭରୁ ଖଣି ଦୁର୍ନୀତିର ସିବିଆଇ ତଦନ୍ତ ପ୍ରସ୍ତାବକୁ ନବୀନ ସରକାର ଓ ବିଜୁ ଜନତା ଦଳ ବିରୋଧ କରୁଥିଲା। ବିରୋଧ କରିବା ସ୍ୱାଭାବିକ ଥିଲା। କାରଣ ସରକାରଙ୍କ ପ୍ରୋତ୍ସାହନରେ ବାବୁମାନଙ୍କ ସହାୟତାରେ ଖଣି ଲୁଟ ଚାଲିଥିଲା। ସିବିଆଇ ତଦନ୍ତ ହୋଇଥିଲେ ସେହିମାନେ ହିଁ ବନ୍ଧା ହୋଇଥାନ୍ତେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଦାଲତକୁ ଘୋଷଡ଼ା ହୋଇଥାନ୍ତେ। ଏଣୁ ନାନା ଫନ୍ଦିଫିକର କରାଗଲା। କିଛି ଆତ୍ମଘୋଷିତ ସାମାଜିକ କର୍ମୀ ଓ ରାଜ୍ୟ ସ୍ୱାର୍ଥବାଦୀ ଏନଜିଟିକୁ ଯାଇ ସିବିଆଇ ତଦନ୍ତ ଦାବିକୁ ଦୁର୍ବଳ କରିବାକୁ ଲାଗିଥିଲେ। ଶେଷରେ ମୋଦୀ ସରକାର ସିବିଆଇ ତଦନ୍ତ ଆଦେଶ ଦେଲେ ନାହିଁ। କାରଣ ମୋଦୀଙ୍କୁ ଭଲ ଭାବେ ଜଣାଥିବ। ସେ ଯେଉଁ ଅଜଣା 'କାରଣ' ଅନେକଙ୍କୁ ଜଣା ଥିଲେ ମଧ୍ୟ ଆମେ ଏଠାରେ ଉଲ୍ଲେଖ କରିବା ପାଇଁ ଚାହୁଁନୁ। ଖାଲି ଗୋଟିଏ ସ୍ପଷ୍ଟକଥା ବିଜେଡ଼ି-ବିଜେପି ଭିତରେ ଏକ ପ୍ରକାର ମିଳିଭଗତ ଯୋଡ଼ି ରହିଥିଲା। ଯାହା ଏଯାବତ୍ ବି ରହିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏଣେ ସୁପ୍ରିମକୋର୍ଟ ୨୦୧୭ ମସିହାରେ ଖିଲାପକାରୀ ଖଣି ମାଲିକଙ୍କୁ ଏକ ପ୍ରକାର ରକ୍ଷା କରିଦେଲେ ଓ ପ୍ରାୟ ୨୦ ହଜାର କୋଟି ଟଙ୍କାର କ୍ଷତିପୂରଣ ଆଦାୟ କରିବା ପାଇଁ ଆଦେଶ ଦେଲେ। ରାଜ୍ୟକୁ ଲୁଟିଥିବା ଖଣି ମାଲିକମାନେ ଜେଲ ଯିବାରୁ ବର୍ତ୍ତିଗଲେ। ରାଜ୍ୟ ସରକାର ସିବିଆଇ ତଦନ୍ତ ଦାବିକୁ ଭଣ୍ଡୁର କରିବା ପାଇଁ ୨୭ଟି କମ୍ପାନୀ ଉପରେ ୫୮ ହଜାର କୋଟି ଟଙ୍କା ଜରିମାନା ଲଗାଇଥିଲେ। କିନ୍ତୁ ଏମିତି ବ୍ୟବସ୍ଥା ନବୀନ ସରକାର କରିଥିଲେ ଯେ, ଅଧିକାଂଶ ସଂସ୍ଥା ଜରିମାନା ଦେଲେ ନାହିଁ। ସୁପ୍ରିମକୋର୍ଟକୁ ଗଲେ । ସୁପ୍ରିମକୋର୍ଟଙ୍କ ରିହାତି ସତ୍ତ୍ୱେ ଆହୁରି ୨୭୦୦ କୋଟି ଟଙ୍କା ଆଦାୟ ହୋଇପାରିଲା ନାହିଁ। ସିଏଜି ତାଙ୍କ ରିପୋର୍ଟରେ ସୁଧ ସହ ପ୍ରାୟ ୪ ହଜାର କୋଟି ଟଙ୍କା ଅନାଦେୟ ପଡ଼ିଛି ବୋଲି ରିପୋର୍ଟ ଉଲ୍ଲେଖ କରିଛନ୍ତି।

ବିଡ଼ମ୍ବନା ଯେ, ନବୀନ ସରକାରଙ୍କ ପାପ ବୋଝକୁ ମୋହନ ସରକାର ଏବେ ବି ମୁଣ୍ଡେଇ ଚାଲିଛନ୍ତି। ସେଥିପାଇଁ ସୁପ୍ରିମକୋର୍ଟରୁ ଭର୍ତ୍ସନା ଶୁଣିବାକୁ ମିଳିଲା। ଓଡ଼ିଶାର ପ୍ରାଣ ହେଉଛି ଖଣି। ଖଣି ଲୁଟ କରି କୋଟପତି ହେବା ପାଇଁ ଆଗ୍ରହ ବେଶି। ମୋହନ ସରକାର ଏ ଦିଗରେ ସୁପ୍ରିମକୋର୍ଟଙ୍କ ଆଦେଶ ପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବେ ବୋଲି ଆଶା କରୁଛୁ। ତଥାକଥିତ ଡବଲ ଇଞ୍ଜିନ ସରକାରର ନେତୃତ୍ୱ ନେଉଥିବା ମୋହନ ସରକାର ଯଦି ଭାବୁଥିବେ ସବୁ ଓଡ଼ିଆ ଲୋକ ଅନ୍ଧ - ମୁକ ଓ ବଧିର ତାହା ଭାବିବା ଭୁଲ। ଓଡ଼ିଶାର ବିକାଶରେ ଖଣି ରାଜସ୍ୱ ସିଂହଭାଗ ଦାୟିତ୍ୱ ନିର୍ବାହ କରିଥାଏ। ତେଣୁ ଏ କ୍ଷେତ୍ରରେ ନିର୍ବାଚନ ପୂର୍ବରୁ ଭାଷଣ ମାରିଥିବା ଓଡ଼ିଶାର ବିଜେପି ସରକାର ଅନ୍ତତଃ ନ୍ୟାୟାଳୟର ବିଧି ବ୍ୟବସ୍ଥାକୁ ସମ୍ମାନ ଦିଅନ୍ତୁ ଏବଂ ବିରୋଧୀଙ୍କ ପାପର ନିଆଁ ନିଜ ଅଣ୍ଟିରେ ନପୁରାନ୍ତୁ। ଓଡ଼ିଆରେ ଏକ କଥା ଅଛି - 'ଅଣ୍ଟି ନିଆଁ ସବୁକିଛି ଧ୍ୱଂସ କରେ'।

ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ
E-mail : drbichitranandaacharya@gmail.com

# ଓଡ଼ିଶା ପୁଲିସରେ ବ୍ରେନ୍ ମ୍ୟାପିଂ, ଡିଏନଏ ପରୀକ୍ଷା

## ଯୁଧିଷ୍ଠିର ମହାରଣା

ଅପରାଧିଙ୍କୁ ଚିହ୍ନଟ କରିବା, ସେମାନଙ୍କୁ ଧରିବା ଓ ଶେଷରେ ଅଦାଲତରେ ସେମାନଙ୍କୁ ଦଣ୍ଡିତ କରିବାର ବ୍ୟବସ୍ଥା ପାଇଁ ପୁଲିସକୁ ଅନେକ ପରିଶ୍ରମ କରିବାକୁ ପଡ଼ିଥାଏ। ଦଣ୍ଡ ବିଧାନ ବ୍ୟବସ୍ଥାରେ ବ୍ରେନ ମ୍ୟାପିଂ ଓ ଡିଏନଏ ପରୀକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବିଶେଷ। ତେବେ ବଡ଼ ଖୁସିର କଥା ଓଡ଼ିଶା ପୁଲିସରେ ବ୍ରେନ ମ୍ୟାପିଂ ଓ ଅତ୍ୟାଧୁନିକ ନେକ୍ସଟ ଜେନେରେସନ ସିକ୍ୱେସିଂ ମାଧ୍ୟମରେ ଡିଏନଏ ପରୀକ୍ଷା ପାଇଁ ତଦନ୍ତକାରୀ ଅଧିକାରୀଙ୍କୁ ଅଭିଯୁକ୍ତଙ୍କୁ ନେଇ ଆଉ ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ। ଭୁବନେଶ୍ୱର ରସୁଲଗଡ଼ସ୍ଥିତ ରାଜ୍ୟ ଫରେନସିକ୍ ସାଇନ୍ସ ଲାବରେଟୋରିରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଛି।

ପୂର୍ବରୁ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତଙ୍କୁ ବ୍ରେନ ମ୍ୟାପିଂ ପାଇଁ ଗୁଜୁରାଟ ଗାନ୍ଧୀନଗରରେ ଥିବା ଫରେନସିକ୍ ସାଇନ୍ସ ଲାବରେଟୋରିକୁ ପଠାଯାଉଥିଲା। ସେହିଭଳି ଅତ୍ୟାଧୁନିକ ଡିଏନଏ ପ୍ରୋଫାଇଲିଂ ପାଇଁ ହାଇଦ୍ରାବାଦ ପଠାଯାଉଥିଲା। ନେକ୍ସଟ ଜେନେରେସନ ସିକ୍ୱେସିଂ ଯନ୍ତ୍ରାଂଶ ମାଧ୍ୟମରେ ଅତ୍ୟାଧୁନିକ ଡିଏନଏ ପରୀକ୍ଷା କରାଯାଉଛି। ସାଧାରଣତଃ ଡିଏନଏ ଦୁଇ ପ୍ରକାର କରାଯାଇଥାଏ। ଜଣେ ମୃତକଙ୍କ ଡିଏନଏ ସହିତ ତାଙ୍କ ବାପା, ମା'ଙ୍କ ଡିଏନଏ ମେଳ କରିବା ପାଇଁ ସାଧାରଣ ଡିଏନଏ ପ୍ରୋଫାଇଲିଂ କୌଶଳ ବ୍ୟବହାର କରାଯାଏ। ଯାହାକି ପୂର୍ବରୁ ରସୁଲଗଡ଼ରେ ଥିଲା। କିନ୍ତୁ ଏବେ ଆସିଥିବା ନେକ୍ସଟ ଜେନେରେସନ ସିକ୍ୱେସିଂ ଯନ୍ତ୍ରାଂଶ ଭିନ୍ନ ଧରଣର। ଯଦି ଜଣେ ମୃତକଙ୍କର କେହି ଅଭିଭାବକ ନାହାନ୍ତି, କିନ୍ତୁ ତାଙ୍କର ଭାଇ ଭଉଣୀ ଅଛନ୍ତି, ସେ କ୍ଷେତ୍ରରେ ଏହି ଏନଜିଏସ ଯନ୍ତ୍ରାଂଶ ମାଧ୍ୟମରେ ଡିଏନଏ ପରୀକ୍ଷା କରାଯାଏ।

ସେହିଭଳି ବ୍ରେନ ମ୍ୟାପିଂ ବ୍ୟବସ୍ଥାରେ ପରୀକ୍ଷା ସମୟରେ ଅଭିଯୁକ୍ତଙ୍କୁ ପ୍ରଶ୍ନ ପଚରା ଯାଏନି କି ତାଙ୍କୁ ଅଚେତ କରାଯାଏନି। ପଲିଗ୍ରାଫରେ ଧୋକା ଦେବାର ସମ୍ଭାବନା ରହିଛି। ନାର୍କୋ ଟେଷ୍ଟରେ ଜୀବନ ପ୍ରତି ବିପଦ ରହିଥାଏ। କିନ୍ତୁ ବ୍ରେନ ମ୍ୟାପିଂରେ ସେଭଳି ହେବାର ନାହିଁ। ଭାରତରେ ୨୦୦୫ରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଥିବା କୁହାଯାଏ। ବ୍ରେନ ମ୍ୟାପିଂ ସମୟରେ ଅଭିଯୁକ୍ତଙ୍କୁ ଅପରାଧ ସମ୍ପର୍କିତ ଫଟୋ, ଭିଡ଼ିଓ କିମ୍ବା ଅପରାଧ ସହିତ ସମ୍ପର୍କ ରଖୁଥିବା ଧ୍ୱନି ଶୁଣାଯାଇଥାଏ। ଅଭିଯୁକ୍ତଙ୍କ ମସ୍ତିଷ୍କରେ ଏକ ସ୍ୱତନ୍ତ୍ର ହେଲମେଟ ପିନ୍ଧାଯାଏ। ଏଥିରେ ୩୨ଟି ତାର ଲାଗିଥାଏ। ଏହାରି ମାଧ୍ୟମରେ ବ୍ରେନ ୱେବକୁ ଜଣେ ଡାକ୍ତର ଅନୁଧ୍ୟାନ କରିଥାନ୍ତି। ଏଥିପାଇଁ ଡେଲ୍ଟା, ଥିଟା, ଆଲଫା, ବିଟା ଭଳି ଚାରି ପ୍ରକାର ତରଙ୍ଗ ବ୍ୟବହାର କରାଯାଏ। ଏଥିପାଇଁ ଇଲେକ୍ଟ୍ରୋଏନସେଫାଲୋଗ୍ରାମର ବ୍ୟବହାର କରାଯାଏ।

ଅଭିଯୁକ୍ତ ଜଣକ ଅପରାଧ ସମ୍ପର୍କରେ ଏହି ସମୟରେ କ'ଣ ଭାବୁଛି, ଏହାକୁ ନେଇ ଅପରାଧୀର ମାନସିକ ସ୍ଥିତିକୁ ଅନୁଧ୍ୟାନ କରାଯାଇଥାଏ। ଯଦି ଅଭିଯୁକ୍ତ ଜଣକ ନିର୍ଦ୍ଦୋଷ ତେବେ ଏହି ଫଟୋ, ଭିଡ଼ିଓ ଓ ଧ୍ୱନିକୁ ଚିହ୍ନି ପାରିନଥାଏ। କିନ୍ତୁ ଅଭିଯୁକ୍ତ ଜଣକ ପ୍ରକୃତରେ ଏହି ମାନସିକ ସ୍ତରରେ ଏହାର ପରିବର୍ତ୍ତନ ହୋଇଥାଏ। ଏହି ପରିବର୍ତ୍ତନକୁ ହିଁ ବ୍ରେନ ମ୍ୟାପିଂରେ ଠାବ କରାଯାଇଥାଏ। ହାଇପ୍ରୋଫାଇଲ ହତ୍ୟାକାଣ୍ଡ କିମ୍ବା ଆପରାଧିକ କାର୍ଯ୍ୟକଳାପରେ ସନ୍ଦିଗ୍ଧ କିମ୍ବା ଗିରଫ ଅଭିଯୁକ୍ତଙ୍କ ଏହି ବ୍ରେନ ମ୍ୟାପିଂ କରାଯାଇଥାଏ। ଏହି ଅତ୍ୟାଧୁନିକ ବ୍ୟବସ୍ଥା ଏଣିକି ଓଡ଼ିଶା ପୁଲିସରେ ତଦନ୍ତକାରୀ ଅଧିକାରୀଙ୍କ ପାଇଁ ସହାୟକ ହେବ ବୋଲି କୁହାଯାଉଛି। ଓଡ଼ିଶା ପୁଲିସ ପାଇଁ ଓଡ଼ିଶାରେ ହିଁ ଏହି ବ୍ୟବସ୍ଥା ଆପଣାଇବା ଦ୍ୱାରା ସମୟ ନଷ୍ଟ ହେବନାହିଁ ଏବଂ ସେହିପରି ଅର୍ଥ ନଷ୍ଟ ସହିତ ଯିବା ଆସିବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରିବାକୁ ପଡ଼ିବ ନାହିଁ। ଯାହାଦ୍ୱାରା ଖୁବ କମ ଦିନ ଭିତରେ ବ୍ରେନ ମ୍ୟାପିଂ ଓ ଡିଏନଏ ପରୀକ୍ଷା ରିପୋର୍ଟ ମାନ୍ୟବର ନ୍ୟାୟାଳୟଙ୍କ ପାଖରେ ପହଞ୍ଚି ପାରିବ। ଏ କ୍ଷେତ୍ରରେ ଦଣ୍ଡବିଧାନ ବ୍ୟବସ୍ଥା ଓ ନ୍ୟାୟ ପ୍ରକ୍ରିୟାକରଣ ବ୍ୟବସ୍ଥା ମଧ୍ୟ ତ୍ୱରାନ୍ୱିତ ହୋଇପାରିବ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮,
E-mail : judhister009moharana@gmail.com

# ପ୍ରଥମାଷ୍ଟମୀ

## ବିକ୍ରମ ମହାପାତ୍ର

ପ୍ରଥମାଷ୍ଟମୀ ବା ପଢୁଆଷ୍ଟମୀ ଓଡ଼ିଶାର ଏକ ପାରମ୍ପରିକ ପର୍ବ । ଓଡ଼ିଆ ପାଞ୍ଜି ଅନୁସାରେ ମାର୍ଗଶିର ମାସ କୃଷ୍ଣପକ୍ଷର ଅଷ୍ଟମୀ ତିଥିରେ ଏହି ପର୍ବ ପାଳିତ ହୋଇଥାଏ । ଏହି ଦିନ ବଂଶର ପ୍ରଥମ ଜାତ ସନ୍ତାନ ବା ଜ୍ୟେଷ୍ଠ ପୁତ୍ର/ପୁତ୍ରୀଙ୍କର ନବବସ୍ତ୍ର ପରିଧାନ, ବନ୍ଦାପନା ଆଦି ହୁଏ । ଏହା ଲିଙ୍ଗରାଜ ମହାପ୍ରଭୁଙ୍କର ଗୋଟିଏ ଯାତ୍ରା ଦିବସ । ଏହି ଦିନରେ ପରିବାରର ଜ୍ୟେଷ୍ଠ ସନ୍ତାନଙ୍କ ସୁଖ ସମୃଦ୍ଧି ଓ ଦୀର୍ଘ ଜୀବନ କାମନା କରି ପୂଜାବିଧି ଅନୁଷ୍ଠିତ ହୋଇଥାଏ । ମା'ମାନେ ଷଠୀ ଦେବୀଙ୍କର ପୂଜାର୍ଚ୍ଚନା କରିଥାନ୍ତି । ପଞ୍ଚପଲ୍ଲବ ଓ ପଞ୍ଚଶସ୍ୟରେ କଳସପୂଜା ଓ ବରୁଣ ପୂଜା ହୋଇଥାଏ । ମାର୍ଗଶୀର ମାସକୁ କେତେକ ଗଣନାକାର ଏବଂ ଐତିହାସିକ ବର୍ଷର ପ୍ରଥମ ମାସ ଭାବେ ଗ୍ରହଣ କରୁଥିବାରୁ ଏହି ମାର୍ଗଶୀର ମାସର ପ୍ରଥମ ଅଷ୍ଟମୀକୁ ପ୍ରଥମାଷ୍ଟମୀ ବୋଲି କୁହାଯାଏ । ସବୁ ମାସ ଭିତରେ ମାର୍ଗଶୀର ଶ୍ରେଷ୍ଠ ବୋଲି ଗୀତାରେ ଭଗବାନ ଶ୍ରୀକୃଷ୍ଣ - 'ମାର୍ଗଶୀର୍ଷୋଽହମ ଋତୁନାଂ କୁସୁମାକରଃ' । ଶ୍ରୀମଦ୍ ଭାଗବତ ଗୀତାରେ ଉଲ୍ଲେଖ ରହିଛି - 'ସମ୍ବତ୍ସରୋଽସ୍ମ୍ୟ ନିମିଷ୍ୟ ମୃତୂଳାଂ ମଧୁମାଧବୈ, ମାସନାଂ ମାର୍ଗଶିର୍ଷୋଽହଂ ନକ୍ଷତ୍ରାଣାଂତ୍ୱଭିଜିତ୍ ।' ଅର୍ଥାତ୍ ନିମେଷ ରହିତମାନଙ୍କର ମୁଁ ସମ୍ବତ୍ସର, ଋତୁମାନଙ୍କର ମୁଁ ମଧୁମାଧବ, ମାସାମାଙ୍କର ମାର୍ଗଶୀର ଓ ନକ୍ଷତ୍ରମାନଙ୍କର ଅଭିଜିତ୍ ।

ଜ୍ୟେଷ୍ଠ ପୁତ୍ର କିମ୍ବା କନ୍ୟାଙ୍କୁ ନୂତନ ବସ୍ତ୍ର ପିନ୍ଧାଇ ଦିଅଁଙ୍କ ଆଗରେ ପିଢ଼ା ଉପରେ ବସାଇ ମା'ମାନେ ବନ୍ଦାପନା କରିଥାନ୍ତି । ନବବସ୍ତ୍ର ପରିଧାନ ଓ ବନ୍ଦାପନାର ଏହି ବିଶେଷ ବିଧିକୁ ପଢୁଆଁ ହେବା କହିଥାନ୍ତି । ପରମ୍ପରା ଅନୁଯାୟୀ ଏହି ଦିନ ଜ୍ୟେଷ୍ଠ ସନ୍ତାନ ପିନ୍ଧୁଥିବା ବସ୍ତ୍ର ମାମୁଁ ଘରୁ ଆସିଥାଏ । ଏଣ୍ଡୁରି ପିଠା ପ୍ରଥମାଷ୍ଟମୀର ବିଶେଷତ୍ୱ । ଏହି ପିଠା ପାଇଁ ହଳଦୀ ପତ୍ରର ବ୍ୟବହାର କରାଯାଇଥାଏ । ହଳଦୀ ପତ୍ରରେ ପ୍ରସ୍ତୁତ ଏଣ୍ଡୁରି ପିଠା ପଢୁଆଁ ହୋଇଥିବା ସନ୍ତାନକୁ ଖାଇବାକୁ ଦିଆଯାଏ । ମନ୍ଦିର ମାଳିନୀ ନଗରୀ ଭୁବନେଶ୍ୱରରେ ବିରାଜିତ ଲିଙ୍ଗରାଜ ମହାପ୍ରଭୁ ଏହି ଦିନ ତାଙ୍କ ମାମୁଁଘର ରୂପେ ପରିଚିତ କପାଳିମଠକୁ ପଢୁଆଁ ହେବା ପାଇଁ ଯାଇଥାନ୍ତି ।

ଓଡ଼ିଆ ମାଟି, ପାଣି, ପବନରେ ସବୁଠି ସବୁକ୍ଷେତ୍ରରେ ପ୍ରଥମ ପ୍ରଥା ସମାଜର ପଥପ୍ରଦର୍ଶକ ତଥା ଦିଗଦର୍ଶକ ମାନଙ୍କୁ ସମ୍ମାନ ଓ ପୂଜ୍ୟପୂଜାର ମର୍ଯ୍ୟାଦା ଦିଆଯାଇଥାଏ । ପରିବାରର ପ୍ରଥମ ଅର୍ଥାତ ଜ୍ୟେଷ୍ଠ ସନ୍ତାନକୁ ଶ୍ରଦ୍ଧା ଓ ସମ୍ମାନ କରିବା କ୍ଷେତ୍ରରେ ସେମାନଙ୍କ ପ୍ରତି ପରିବାରର ଗୁରୁ ଦାୟିତ୍ୱ ସମ୍ପର୍କରେ ସୂଚିତ କରିବା ମଧ୍ୟ ହେଉଛି ଅନ୍ୟତମ ଏହାର ଭାବାର୍ଥ । ତେବେ ଯାହାହେଉନା କାହିଁକି ପ୍ରଥମାଷ୍ଟମୀରେ ସକାଳର ପ୍ରଥମ ସୂର୍ଯ୍ୟର ପୁଲକରେ ଜ୍ୟେଷ୍ଠ ସନ୍ତାନକୁ ସ୍ନାନ ଓ ଦେବାଳୟରେ ଠାକୁରଙ୍କ କୃପାପ୍ରାପ୍ତି ସହ ସମସ୍ତଙ୍କ ଶୁଭାଶ୍ରୀବାଦ ନେବା ଚେତନା ହେଉଛି ଓଡ଼ିଆ ପ୍ରଥମାଷ୍ଟମୀରେ ମୂଳଭିତ୍ତି ।

'ଆନନ୍ଦ ଜ୍ୟୋସ୍ନା', ଚଣ୍ଡୀମନ୍ଦିର ମାର୍ଗ, ଚଣ୍ଡୀଛକ, କଟକ

# ଦୀପଶିଖା ଆମ ସୁର ସାର

## ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଅସୁର ସେହି ମାନେ, ଯେଉଁ ମାନେ ଅଜ୍ଞାନୀ, ଭୋଗ ପାଇଁ, ଯେଉଁମାନେ ଶୃଙ୍ଖଳା ଜ୍ଞାନ ରହିତ, ଯେଉଁମାନେ ଭାବନ୍ତି ଗାଁ ଜୋରରେ ସବୁକିଛି ହାସଲ କରିହେବ, ଜୀବନଟା ଖାଲି ଉପଭୋଗ ସମୟର ଏକ ଏକକ। ଅଢ଼େଇଦିନ ଜୀବନ, ପୁଣି ପାଣି ଫୋଟକା ପରି ଜୀବନ। ଏହା ଅଜ୍ଞାନୀ ମାନଙ୍କୁ ସ୍ୱ ସ୍ୱ ଶରୀରରେ ଥିବା ଉହ୍ୟ ଷଡ଼ରିପୁର ପ୍ରଭାବରେ ପର ପୀଡ଼ଣ କରାଇ ବଞ୍ଚିବାର ମୋହ ଦିଏ। ଧରାଟା ତାଙ୍କ ପାଇଁ ସରା। ନା ଏହା ନୁହେଁ ଏହା ଭୁଲ, ମହାଭୁଲ। ଅମୃତର ସନ୍ତାନ ହେବାକୁ ହେବ। ଏହାର ଦେବ ପ୍ରେରଣା। ଏହାର ଧ୍ରୁବ ସମ୍ବିଧାନ ଅଛି। ଏହା ସୁର ମାର୍ଗ। ମାର୍ଗଟି ସରଳ ନୁହେଁ ଜିଗ ଜାଗ ମାତ୍ର ସୁର ଗୁରୁ ସର୍ଦ୍ଦାରୀରେ ଲାଇନ ସରଳ ଦେଖାଯାଏ। ଗୁରୁମାନେ ସଂସାର ଖେଳ ପଡ଼ିଆର କୋଚ, ରେଫରୀ, ସେ ଜୀବନକୁ ଗୋଲରେ, ଅଜ୍ଞାନୀ ଅସୁରାମିରୁ ସୁରରେ ପହଞ୍ଚାଇ ପାରନ୍ତି। ବିଶ୍ୱ ନିୟନ୍ତ୍ରଣାକାରୀ ସ୍ରଷ୍ଟା ପ୍ରଜାପତି ବ୍ରହ୍ମା କ୍ଷୀଣୟୁ, ମନୁଷ୍ୟ ଶରୀରରେ ସୁର ଅସୁର ଭାବନା ଭରି ଗଢ଼ିଛନ୍ତି। ସୁର ଭାବର ମନୁଷ୍ୟଙ୍କୁ ସେ ତାଙ୍କ ସହଚର କରି ସୃଷ୍ଟିକୁ ସୁନ୍ଦର, ଦୀର୍ଘସ୍ଥାୟୀ ପାଇଁ ଚେଷ୍ଟା କରି ଚାଲିଛନ୍ତି। ଏଥିରେ ଅନେକ ଏମିତି ସମୟକୁ ଅବତୀର୍ଣ୍ଣ। ଇନ୍ଦ୍ର ଏକ ପଦ, ସୁରଙ୍କ ରାଜା, ସୁନାଶିର, ଶିରରେ ମୁକୁଟ ମୁକୁଟ କୀର୍ତ୍ତୀର ଉଦଘୋଷ, ଯେ ମୁହଁକୁ ସୁନ୍ଦର କରିଥାଏ କାର୍ଯ୍ୟକୁ ବାଣୀକୁ ବି ସୁନ୍ଦର କରିଥାଏ। ସାରସ୍ୱତ ସାଧକମାନେ ସରସ୍ୱତୀ ମାଆଙ୍କ ଗେହ୍ଲା ସନ୍ତାନ ସନ୍ତତି।

ସରସ୍ୱତୀଙ୍କ ଦେଉଳ ମନ୍ଦିର ବିଧିବଦ୍ଧ ଭାବରେ କେଉଁଠି ନାହିଁ, ଅଛି ବାଣୀ ବିହାର ସ୍କୁଲୀ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟ। ଏଥିରେ ଦେବୀମା ସେବାକୁ ଅଛନ୍ତି ପାହ୍ୟା ପାହ୍ୟା ଶିକ୍ଷା ଦାନକାରୀ, ସରସ୍ୱତୀମାଙ୍କୁ ପ୍ରାପ୍ତି କରାଇ ଅଜ୍ଞାନୀ ଅସୁରମାର୍ଗରୁ ସୁରମାର୍ଗକୁ ନେଇ ଯିବା ବ୍ୟକ୍ତିବିଶେଷ ସୃଷ୍ଟି କରୁଛନ୍ତି ଶାସ୍ତ ବାକରେ। ଏମାନେ ସରସ୍ୱତୀ ପୁତ୍ର, ଜ୍ଞାନଦୀପ୍ତ ଜ୍ୟୋତିସ୍ମାନ ଦିବ୍ୟଜ୍ୟୋତି। ଏଇଥିରୁ ଆମ ଭାଇ ସାର୍ବଜାନୀନ ସାଇବାବାଙ୍କ ଉପାସକ ସୁରେନ୍ଦ୍ର ଭାଇ, ସଂକ୍ଷିପ୍ତରେ ସୁରଭାଇ। ସେ ଜଣେ ପ୍ରଧାନ ଶିକ୍ଷକ ଭାବରେ ଦାୟିତ୍ୱ ଭଲଭାବରେ ନିଭାଇବା ସହିତ ସମାଜର ବିଶେଷ ଆକର୍ଷଣ। ସତ୍ୟ ସାଇ ବାବାଙ୍କ ବାଣୀ ଆଦର୍ଶ ଦର୍ଶନ ଆଦି ମାର୍ଗରେ ଏକ ଦିଗଦର୍ଶକ ଜ୍ୟୋତି ସ୍ୱରୂପ ଥିଲେ। ତାଙ୍କର ପରିବାରକୁ ସାଇ ପରିବାରରେ ସାମିଲ କରିଥିଲେ। ତାଙ୍କ ପୁଅଝିଅଙ୍କ ସଦୃଶ ତତ ବୟସର ଭିନ୍ନ ପରିବାରର ପୁଅ ଝିଅଙ୍କୁ ସେହି ଅନୁଶାସନ ସ୍ନେହ ମମତାରେ ବାନ୍ଧି ରଖିବାକୁ ବୁଝାପଡୁଥିଲା। ସାଇବାବାଙ୍କ ଆଶ୍ରମ ସେ ଏପରି ଜଡ଼ିତ ଥିଲେ ଯେ ଖୋଦ ଯହିଁରେ ତାଙ୍କର ଗତି ଭୁକ୍ତି ମୁକ୍ତିର ସାଇବାବା ହିଁ ସବୁକିଛିରେ ଆସିଯାଇଥିଲେ। ତାଙ୍କର ବନ୍ଧୁତା ସମ୍ଭାଷଣରେ, ଆଶୀର୍ବଚନରେ, ଚିଠି ଶିରୋନାମରେ, ସେଇ ବାବାନାମ ସାଇରାମ ଉଦଘୋଷ ସଦା ରହୁଥିଲା। ତାଙ୍କ ଜାତକରେ ବହୁ ମୂଲ୍ୟବାନ ଗ୍ରହସ୍ଥିତି ଥିଲା, ଲଗ୍ନରେ ଚର ରାଶିରେ ଲଗ୍ନ ସ୍ଫୁଟ ସହ ଗୁରୁ ସ୍ଫୁଟ ସମାନ ରହିଥିଲା। ଦିଗବଳୀ ବୃହସ୍ପତି ତାଙ୍କ ଜୀବନକୁ ପୂର୍ଣ୍ଣ ଆଧ୍ୟାତ୍ମିକ ମାର୍ଗରେ ନେଇ ଯିବାକୁ ଗୁରୁପ୍ରେରଣା ଦେବା ସହ ବୃତ୍ତି ଆରମ୍ଭ ଶିକ୍ଷକତା ଦିଗକୁ ନେଇଥିଲା। ବଡ଼ ଭାଇର କାରକ ବୃହସ୍ପତି, ସେ ବର୍ଷିଆନ ବଡ଼ଭାଇ ସମସ୍ତଙ୍କର ହୋଇ ଯାଇଥିଲେ ଚର ରାଶିରେ ୧, ୪, ୭, ୧୦ର ସମ୍ବନ୍ଧକୁ ଅବତାର ଜନ୍ମ ଦିଏ। ମାତ୍ର ବହୁ ବଳବାନ ଗ୍ରହ ହେବା ଦରକାର ଏପରି ନଥିଲେ ଯୁଗ ଅବତାରଙ୍କ ସାନ୍ନିଧ ସୃଷ୍ଟି କରେ, ଏହା ଠିକ ସେପରି ଧନୁଜନ୍ମ ରାଶି ମାଲିକ ଧନରୁ ଏକାଦଶରେ ଶୁଭ ଗ୍ରହଶୁକ୍ର ରାଶିରେ ଲଗ୍ନ ସାମ ଥିବାରୁ ୧୦ମ ପତି ଚନ୍ଦ୍ରଦଶାରେ ତାଙ୍କୁ ୩୬ ବର୍ଷ ଠାରୁ ଏପରି ସ୍ତରକୁ ଭିଡ଼ିଥିଲା। ସାଇବାବାଙ୍କ ପରି ତାଙ୍କର ସହସ୍ର ଚନ୍ଦ୍ର ଦର୍ଶନ ହୋଇଛି। ତାଙ୍କର ଉତ୍ତମ ଘର କଟକ ସହରରେ ସେ ନିର୍ମାଣ କରିଥିଲେ ବି ପିତୃ ଭିଟାମାଟି ଛାଡ଼ି ନଥିଲେ ଏପରିକି ତାଙ୍କର ଦେହାନ୍ତ ପରେ ତାଙ୍କର ସବଳ ପୁତ୍ରମାନେ ଶ୍ରୀକ୍ଷେତ୍ର ପୁରୀ ମହୋଦଧି ତଟ ସ୍ୱର୍ଗ ଦ୍ୱାର ସଂସ୍କାରକୁ ନେବାକୁ ଏକ ଅଦୃଶ୍ୟ ଇଙ୍ଗିତ ବାରଣ କରିଦେଲା।

ଶେଷରେ ତାଙ୍କ ପିତାମାତାଙ୍କ ଶେଷ କୃତ୍ୟ ଘର ପାଖ ଶ୍ମଶାନରେ ସଂସ୍କାର କରାଗଲା, ସେ ସ୍ୱଗ୍ରାମକୁ ଅତି ଭଲ ପାଉଥିଲେ, ସେ ବିଭୁତି ପ୍ରିୟ ନିତ୍ୟ ସାଇବାବାଙ୍କ ବିଭୁତି ମଥାରେ ଲଗାଉଥିଲେ ଜିହ୍ୱା ଆସ୍ୱାଦନ କରୁଥିଲେ। ଭସ୍ମସ୍ନାନ ସ୍ନାନ ମଧ୍ୟରେ ଅନ୍ୟତମ, ଯେପରି ଗଙ୍ଗା ସ୍ନାନ, ମନ୍ତ୍ର ସ୍ନାନ। ସେ ପୁଣି ଶେଷରେ ଜୁଇ ଜ୍ୟୋତିରେ କ୍ରାବ୍ୟ ଅଗ୍ନିରେ ଭସ୍ମ ବିଭୁତି ହୋଇଗଲେ। ସାଇ ବିଭୁତି ପୁଷ୍ଟ ଶରୀର ତାଙ୍କର ବିଭୁତିମୟ ହୋଇଗଲା। ତାଙ୍କ ଗ୍ରାମର ଭୂମି ସେ ବିଭୁତି ସ୍ୱାଭାବିକ ପବନରେ ଭୂଷିତ ହୋଇଯାଇଛି। ଜ୍ୟୋତି ବିଭୁତି ସବୁ ଭଗବାନ ଶିବଙ୍କ ସମ୍ବନ୍ଧ, ଆଉ ସିରିଡ଼ିସାଇ, ସତ୍ୟସାଇ ବିଭୁତି ଉଦି ସମ୍ବନ୍ଧ, ପୁରାଣ ଲେଖା ନଥିଲେ ବି ଗୁରୁ ମାନେ ହିଁ ବ୍ରହ୍ମା ବିଷ୍ଣୁ ମହେଶ୍ୱର, ଏ ତିନି ଦତ୍ତାତ୍ରେୟ, ଏମାନେ ସେଇ ଦତ୍ତାତ୍ରୟ ଅବତାର ସାଇଭକ୍ତ ମାନଙ୍କୁ ବୁଝାଇବାକୁ ପଡ଼େ ନାହିଁ। ଭାଇ ଆଗେଇ ଯାଆନ୍ତୁ ସେ ସାଇଲୋକକୁ ଯାଆନ୍ତୁ ସେଠାରେ ପରମ ବିଶ୍ରାମ କରନ୍ତୁ ଆମକୁ ଅଦୃଶ୍ୟରେ ମାର୍ଗ ଦର୍ଶାନ୍ତୁ, ସଦା କଲ୍ୟାଣ କରନ୍ତୁ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

## ବାହାରାଗଡ ପଞ୍ଚାୟରେ ଟାଙ୍କୁଯୋଡା ଗ୍ରାମକୁ ସାମିଲ କରିବାକୁ ଦାବି

କେନ୍ଦୁଝର, (ମହାଭାରତ): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ହୁଣ୍ଡା ପଞ୍ଚାୟତ ର ଟାଙ୍କୁଯୋଡା ଗ୍ରାମକୁ ବାଂଶପାଳ ବ୍ଲକ ବାହାରାଗଡ ପଞ୍ଚାୟତରେ ସାମିଲ କରିବାକୁ ଜିଲ୍ଲାପାଳ ଙ୍କୁ ଦାବିପତ୍ର ଦିଆଯାଇଛି । ଉଲ୍ଲେଖଯୋଗ୍ୟ ଯେ ହରିଚନ୍ଦନପୁର ବ୍ଲକ ହୁଣ୍ଡା ପଞ୍ଚାୟତ ରେ ଅନ୍ତର୍ଭୁକ୍ତ ଥିବାରୁ ବ୍ଲକ ଯିବାକୁ ୨୫କିଲୋମିଟର ଦୂରତା ହେଉଛି ।ଫଳରେ ରାସନ ଓ



ଭତ୍ତା ସମେତ ସଭା ଅନ୍ୟାନ୍ୟ କାମରେ ପଞ୍ଚାୟତ ଯିବାକୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଟାଙ୍କୁଯୋଡା ନିକଟସ୍ଥ ବାରାହାଗଡ ପଞ୍ଚାୟତ ୧କିଲୋମିଟର ଦୂରତାରେ ରହିଥିବାରୁ ସମସ୍ତ ପ୍ରକାର ସୁବିଧା ଲୋକ ଙ୍କୁ ଉପଲବ୍ଧ ହୋଇ ପାରିବ ବୋଲି ଅଭିଯୋଗରେ ଦର୍ଶାଯାଇଛି ।ଅନ୍ୟପଟେ ସ୍ଥାନୀୟ ଅଞ୍ଚଳର ଗ୍ରାମ ଗୁଡିକ ବାରାହାଗଡ ପଞ୍ଚାୟତ ରେ ସାମିଲ ଅଛି ।ତେବେ ମଝିଭାଗରେ ଟାଙ୍କୁଯୋଡା ଗାଁ ରହିଥିବାରୁ ବାରାହାଗଡ ପଞ୍ଚାୟତ ରେ ସାମିଲ କରିବାକୁ ଦାବି ହୋଇଛି ।ଆଜି ୱାର୍ଡ ସଭ୍ୟା ବୀଣାପାଣି ନାଏକ, ସୁଦର୍ଶନ ପରିଡା, ଲୋକନାଥ ପରିଡା, ଟଙ୍କଧର ପରିଡା,ଭଗବାନ ନାଏକ,ବାଦୁ ନାଏକ, ମିତ୍ରଭାନୁ ନାଏକ, ଭାଗବତ ନାଏକ,ଚକ୍ରଧର ପରିଡା,ମିତ୍ରଭାନୁ ପରିଡା,ବିଜୁ ନାଏକ,ଶୁସାନ୍ତ ପରିଡା,ଧରଣୀ ପରିଡା,ନିର ଖମାଣିଆଁ,ରମେଶ ବାରିକ୍,ସାଧୁ ନାଏକ,ସନା ବାରିକ୍ ପ୍ରମୁଖ ଗ୍ରାମବାସୀ ଜିଲ୍ଲାପାଳ ଙ୍କୁ ଦାବିପତ୍ର ଦେବା ସହ ଡିପିଓ ଓ ମୁଖ୍ୟମନ୍ତ୍ରୀ ଙ୍କୁ ଅଭିଯୋଗ କରିଛନ୍ତି ।

## ବୈରାଟପୁର ପ୍ରିମିଅର ଲିଗ୍ : ଯଶସୀ ଫାଇଟରକୁ ମାତ ଦେଇ ବିଜୟ ହେଲା ଏସଏସ ଫାଇଟର




ଉଦଳା, (ମହାଭାରତ) : ବୈରାଟପୁର ପ୍ରିମିଓର ଲିଗ ୨୦୨୫ ସିଜିନ-୧ ଟୁର୍ନାମେଣ୍ଟ ର ଆଜି ସପ୍ତମ ଦିନ ମ୍ୟାଚ ରେ ଚିଲ୍ଲ ବ୍ରୋ ଏବଂ ମା ଦୁର୍ଗା ଫାଇଟର ମଧ୍ୟ ରେ ଅନୁଷ୍ଠିତ ହୋଇଥିବା ବେଳେ ଚିଲ ବ୍ରୋ ମ୍ୟାଚକୁ ଜିତିନେଇଥିଲା । ଅନ୍ୟ ଏକ ମ୍ୟାଚ ରେ ଯଶସୀ ଫାଇଟର ଏବଂ ଏସଏସ ଫାଇଟର ମଧ୍ୟ ରେ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମେ ଏସଏସ ଫାଇଟର ବ୍ୟାଟିଂ କରି ୧୪ ଓଭର ୧ ବଲ ରେ ୧୪୧ ରନ କରି ଓଲ ଅଉଟ ହୋଇଯାଇଥିଲା ପରେ ଯଶସୀ ଫାଇଟର ୧୫ ଓଭର ରେ ୧୩୩ ରନ ସଂଗ୍ରହ କରି ମ୍ୟାଚ କୁ ହାରିଯାଇଥିଲ । ଏସଏସ ଫାଇଟର ପକ୍ଷରୁ ଦୀପକ ବେହେରା ୭ ବଲ ରେ ୧୬ରନ କରିଥିବା ବେଳେ ୨ଓଭର ବୋଲିଂ କରି ୩ଗୋଟି ଉଇକେଟ ନେବା ସହ ଆଜିର ମ୍ୟାନ ଅଫ ଦା ମ୍ୟାଚ ପୁରସ୍କୃତ ହୋଇଥିଲେ । ଆଜିର ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଉଦଳା ନିର୍ବାଚନ ମଣ୍ଡଳି ର ବିଜେପି ର ଯୁବ ନେତା ତଥା କପ୍ତିପଦା ବିକାଶ ମଞ୍ଚ ର ନବ ନିଯୁକ୍ତ ଅଧ୍ୟକ୍ଷ କଲ୍ଲୋଳ ସିଂ ଯୋଗ ଦେଇ ମ୍ୟାନ ଅଫ ଦା ମ୍ୟାଚ ଏବଂ ଗୁରୁପ୍ରିତ ମିଶ୍ର ସୁପର ସିକ୍ସ ଟ୍ରଫି ପ୍ରଦାନ କରିଥିଲେ । ଆଜିର ଖେଳ ପରିଚାଳନା ରେ ପ୍ରଭାକର ନାୟକ ଏବଂ କମଳାକାନ୍ତ ମିଶ୍ର ସହଯୋଗ କରିଥିବା ବେଳେ ଅଭିଷେକ ଧାରା ବିବରଣୀ ପ୍ରଦାନ କରିଥିଲେ । ଆଜିର କାର୍ଯ୍ୟକ୍ରମ ର ବିପିଏଲ ର ଉପଦେଷ୍ଟା ରାଜୁ ମିଶ୍ର, ସରୂପ ମହାପାତ୍ର, ଯୋଗେଶ ବେହେରା, ହିମାଂଶୁ ବେହେରା ରୁଦ୍ରନାରୟଣ ରଣା, ଦୀପକ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ପୋଡି ହୋଇ ସାତ ବର୍ଷର ଛାତ୍ରୀ ଗୁରୁତର

କେନ୍ଦୁଝର, ୧୧।୧୧ :କେନ୍ଦୁଝର ଜିଲାର ଡୁମୁରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ଛାତ୍ରୀନିବାସ ରେ ଥିବା ଜଣେ ଦ୍ୱିତୀୟ ଶ୍ରେଣୀରେ ଛାତ୍ରୀ ପୋଡି ହୋଇ ଗୁରୁତ୍ତର ଅବସ୍ଥାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଗୁରୁତର ଛାତ୍ରୀ ସାତ ବର୍ଷର ଜୟନ୍ତୀ ପିତା ମୁଣ୍ଡା ଙ୍କ ପିତା ଟୁଟୁ ମୁଣ୍ଡା ଓ ମାଆ ରିତା ମୁଣ୍ଡା ଉଭୟ ମୂଳ ଲାଗି ପରିବାର ପ୍ରତିପୋଷଣ କରନ୍ତି। ସେ ୨୦ ପ୍ରତିଶତ ଜଳି ଯାଇଥିବା ଜଣାପଡ଼ିଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନନ୍ତ ଚରଣ ମୁର୍ମୁ ଖବର ପାଇବା ପରେ ତୁରନ୍ତ ନାବାଳିକା ଛାତ୍ରୀକୁ ଡୁମୁରିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଶିଶୁକୁ ଡାକ୍ତର ଛାତ୍ରୀଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଥିବା ଜଣାପଡିଛି। ଏହି ଘଟଣା ସୋମବାର ସନ୍ଧ୍ୟା ୬:୩୦ ସମୟରେ ହୋଇଥିବାରୁ ପାଠପଢ଼ା ସମୟରେ ସାତବର୍ଷର ଶିଶୁ କିପରି ରୋଷେଇ ଘରକୁ ଗଲା ତାହା ସନ୍ଦେହ ସୃଷ୍ଟି କରୁଥିବା ଅଭିଭାବକ କହିଛନ୍ତି। ତେବେ ଏହି ଅଭିଯୋଗକୁ ପ୍ରଧାନ ଶିକ୍ଷକ ମୁର୍ମୁ ଖଣ୍ଡନ କରୁଥିବା ବେଳେ ଶିଶୁକୁ କୌଣସି ବ୍ୟକ୍ତିଗତ କାର୍ଯ୍ୟରେ ରୋଷେଇ ଘରକୁ ଡକା ଯାଇଥିଲା ଅଥବା କେହି ପିଲାଙ୍କ ଯତ୍ନ ଠିକ ଭାବରେ ନେଉ ନଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ବେଆଇନ ବାଲି ଗାଡି ଜବତ

ହାଟଡିହୀ, (ମହାଭାରତ) : କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅନ୍ତର୍ଗତ ବୈତରଣୀ ନଦୀର ବିଭିନ୍ନ ସ୍ଥାନରୁ ବେଆଇନ ବାଲି ପରିବହନ କରୁଥିବା ୧୯ ଟି ବାଲି ଗାଡିକୁ ଆନନ୍ଦପୁର ଏସଡିପିଓ ପ୍ରଶାନ୍ତ ବେହେରା ଜବତ କରିଛନ୍ତି । ସେଥିମଧ୍ୟରୁ ୧୮ ଟି ହାଇୱା ଏବଂ ଗୋଟିଏ ଟ୍ରାକ୍ଟର ଅଛି ୧ ଖବର ପାଇ ଗତ ସୋମବାର ବିଳମ୍ବିତ ରାତିରେ ଏସଡିପିଓ ବେହେରା ଏବଂ ସ୍ଥାନୀୟ ନନ୍ଦିପଦା ପୋଲିସ ସମଣା -ଅଣା ରାସ୍ତାର ଗୁହାଳଗଡିଆ ଛକ ନିକଟରେ ପହଞ୍ଚି ଥିଲେ । ସେହି ଛକ ଦେଇ ଯାଉଥିବା ବାଲି ଗାଡି ଗୁଡିକୁ ଅଟକାଇ ଯାଞ୍ଚ କରିଥିଲେ ।କିନ୍ତୁ ରାତି ସମୟ



ହୋଇଥିବାରୁ ସମସ୍ତ ଗାଡି ଡ୍ରାଇଭର ଫେରାର ହୋଇଯାଇଥିଲେ । ଗାଡି ଗୁଡିକୁ ନନ୍ଦିପଦା ଥାନା ନିକଟକୁ ଅଣାଯାଇଛି। ଅଦ୍ୟାବଧି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିବା ଜଣାପଡିଛି । ଏସଡିପିଓ ବେହେରା କହିଛନ୍ତି ଯେ ବେଆଇନ ବାଲି ପରିବହନ କରୁଥିବା ୧୮ ଟି ଗାଡି ଜବତ ହୋଇଛି ।ଡ୍ରାଇଭର ମାନେ ଫେରାର ଅଛନ୍ତି । ଥାନାରେ ୧୮ ଟି ମାମଲା ରୁଜୁ ହେବ । ଆଗକୁ ଆହୁରି ଚଢ଼ାଉ ହେବ। ।

## ବଦଳିଛି ପୂଜା କିନ୍ତୁ ବଦଳୁନି ମାନସିକତା

ହାଟଡିହି, (ମହାଭାରତ) : ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି ହାଟଡିହି ବ୍ଲକ ଅଣା ଛକ ନିକଟରେ। ସୂଚନା ଅନୁଯାୟୀ ଗଜଲକ୍ଷ୍ମୀ ପୂଜା କମିଟି ଗୁଡିକ ମା ଲକ୍ଷ୍ମୀ ଙ୍କୁ ପୂଜା କରି ନିଜର ନିଜର ବାଣିଜ୍ୟ କାରବାରକୁ ବୃଦ୍ଧି କରିଛନ୍ତି। କିନ୍ତୁ ଲକ୍ଷ୍ମୀଙ୍କ ବିସର୍ଜନ କୁ ପ୍ରାୟ ଦୁଇ ମାସ ପୁରୀ ଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପାର୍ଶ୍ୱ ଦେବୀ ଙ୍କୁ ଗଛ ଉପରେ ଝୁଲି ରହିଥିବା ଦେଖିବାକୁ ମିଳିଛି । ଏହି ଚିତ୍ର ଏହି ଭଦ୍ର ସମାଜ କୌଣସି ଲୋକଙ୍କ ଆଖିରେ ଆସୁନଥିବା ବେଳେ ପ୍ରତିଦିନ ସେହି ଗଛ ମୂଳରେ ଅଧିକାଂଶ କଲେଜ ଛାତ୍ରୀ ରହୁ ଦେଖିବାକୁ ମିଳୁଛି। ଯେଉଁ ଧାର୍ମିକ ପରମ୍ପରା ଅନୁଯାୟୀ ଜଣେ ମାଆ ଭାବରେ ବିଭିନ୍ନ ରୂପରେ ପୂଜା କରାଯାଏ ଏବେ ଏହି ମୂର୍ତ୍ତି କୁ ଅର୍ଦ୍ଧଭଗ୍ନ ଓ ନଗ୍ନ କରି ଏମିତି ସର୍ବସାଧାରଣ ରେ ଗୋଡ ହାତ ବାନ୍ଧି ଝୁଲାଇ ରଖିବା ସତରେ ନାରୀ ମାନଙ୍କ ପାଇଁ ଏହା କଣ ଲଜ୍ୟା



ନୁହେଁ କି ବିଚାର ଆପଣଙ୍କର। ଏହି ଖବର ପ୍ରସାରିତ ହେବା ପରେ ଭୁଲକୁ ଠିକ୍ ନକଲେ ସମାଜ ରେ ନାରୀ ଙ୍କୁ ଅସମ୍ମାନ ସହ ବାର୍ଷିକ ପୂଜା କରିବା ଏକ ମନୋରଞ୍ଜନ ଓ ରୋଜଗାର ସଦୃଶ ହେବ।

## ମଶାଲ ଯାତ୍ରା ସହ ପ୍ରଥମ ଶମ୍ଭୁ ମେମୋରିଆଲ ଦିବାରାତ୍ର ଅନ୍ତଃଜିଲ୍ଲା କ୍ରିକେଟ ପ୍ରତିଯୋଗିତା ଆରମ୍ଭ



କଳାହାଣ୍ଡି, (ମହାଭାରତ) : ଭବାନୀପାଟଣା ସହରର ପ୍ରତିଷ୍ଠିତ କ୍ରିକେଟ କ୍ଲବ 'ଅଲ ଷ୍ଟାର କ୍ରିକେଟ କ୍ଲବ ' ଆୟୋଜିତ ପ୍ରଥମ ଶମ୍ଭୁ ମେମୋରିଆଲ ଦିବାରାତ୍ର ଅନ୍ତଃଜିଲ୍ଲା କ୍ରିକେଟ ପ୍ରତିଯୋଗିତା ସ୍ଥାନୀୟ ଐତିହାସିକ ଲାଲ ବହାଦୁର ଶାସ୍ତ୍ରୀ ଖେଳ ପଡିଆ ଠାରେ ଉଦଘାଟିତ ହୋଇଯାଇଅଛି । ପ୍ରଥମେ ଏକ ବିରାଟ ଶୋଭାଯାତ୍ରାରେ ଘୁମୁରା ଏବଂ ପ୍ରତିଯୋଗିତା ର ବିଜେତା ଓ ଉପବିଜେତା କପ ରଖାଯାଇଥିବା ଏକ ସୁସଜ୍ଜିତ ଅଟୋ କାର ସହ ଆୟୋଜକ ଦଳର ସମସ୍ତ କର୍ମକର୍ତ୍ତାଙ୍କ ସହ ମା ମାଣିକେଶ୍ୱରୀଙ୍କ ମନ୍ଦିରରୁ ମଶାଲ ରାଲି ସହ ଷ୍ଟାଚୁ ଛକ, ମାଣିକେଶ୍ୱରୀ ଛକ ଦେଇ ଲାଲ ବହାଦୁର ଶାସ୍ତ୍ରୀ ଖେଳ ପଡିଆ ଠାରେ ପହଂଚିଥିଲେ। ଏହି ରାଲିରେ ଆୟୋଜକ ଦଳର ସଭାପତି କୁନାଲ ବେହେରା, ସମ୍ପାଦକ ପ୍ରଶାନ୍ତ ମିଶ୍ର, ଉପସଭାପତି ନିହାର ମିଶ୍ର, କଳାହାଣ୍ଡି ବ୍ୟାଡ଼ମିଣ୍ଟନ ସଂଘର ସଭାପତି ପ୍ରଦୀପ କୁମାର ଦାସ, ଯୁବ ସମାଜସେବୀ ଚିତ୍ତରଞ୍ଜନ ପାତ୍ର ଏବଂ ଶୈଳେଶ କୁମାର ଙ୍କ ସମେତ ଆୟୋଜକ ଦଳର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ଓ ଏହାପରେ ପ୍ରତିଯୋଗିତା ର ଉଦଘାଟନୀ ପର୍ବ ଆରମ୍ଭ ହୋଇଥିଲା। ଉଦଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓ ଉପସ୍ଥିତ ରହିଥିବାବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ପ୍ରଗତି ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ୍ୟ ଅଜୟ ପଣ୍ଡା ଏବଂ କଳାହାଣ୍ଡି ବ୍ୟାଡ଼ମିଣ୍ଟନ ସଂଘର ସଭାପତି ପ୍ରଦୀପ କୁମାର ଦାସ ମଂଚାସୀନ ରହିଥିଲେ । ଆୟୋଜକ ଦଳର ସଭାପତି କୁନାଲ ବେହେରା, ଉପସଭାପତି ନିହାର ରଞ୍ଜନ ମିଶ୍ର ମଧ୍ୟ ମଂଚାସୀନ ରହିଥିବାବେଳେ ସୁଧାଂଶୁ ନାଏକ କାର୍ଯ୍ୟକ୍ରମ ଟିକୁ ପରିଚାଳନା କରିଥିଲେ । ପ୍ରଥମେ ସମସ୍ତ ଅତିଥିମାନଙ୍କ ଦ୍ୱାରା ଦ୍ୱୀପ ପ୍ରଜ୍ୱଳନ କଲାପରେ ସ୍ୱର୍ଗତ ଶମ୍ଭୁ ଚନ୍ଦନଙ୍କ ଧର୍ମପତ୍ନୀଙ୍କ ଦ୍ୱାରା ମୁଖ୍ୟ ଅତିଥି କଳାହାଣ୍ଡି ମହାରାଜାଙ୍କ ଅନୁମୋଦନ କ୍ରମେ ସମ୍ମାନିତ ଅତିଥିମାନଙ୍କ ଉପସ୍ଥିତିରେ ରିବନ କାଟି ପ୍ରତିଯୋଗିତାଟିକୁ ଅନୁଷ୍ଠାନିକ ଭାବରେ ଉଦଘାଟନ କରାଯାଇଥିଲା। ମଞ୍ଚରେ ଉପସ୍ଥିତି ସମସ୍ତ ଅତିଥି ସ୍ୱର୍ଗତ ଶମ୍ଭୁ ଚନ୍ଦନଙ୍କ ଅମର ଆତ୍ମା ପାଇଁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞ୍ୟାପନ କରିବା ସହ ଆୟୋଜକ ଦଳ ତଥା ଉଦଘାଟନୀ ମ୍ୟାଚର ଦୁଇଟି ଦଳର ସମସ୍ତ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇ ଉତ୍ସାହିତ କରିଥିଲେ । ଏହାପରେ ପଡିଆରେ ଉପସ୍ଥିତ ଦୁଇଟି ଦଳର ସମସ୍ତ ଖେଳାଳୀମାନଙ୍କୁ ସମସ୍ତ ଅତିଥି କରମର୍ଦ୍ଦନ କଲାପରେ ସ୍ୱର୍ଗତ ଶମ୍ଭୁ ଭାଇର ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ପାଇଁ ନିରବ ପ୍ରାର୍ଥନା କରିଥିଲେ । ଏହାପରେ ପଡିଆ ମଧ୍ୟରେ ସାମୁହିକ ଜାତୀୟ ସଂଗୀତ ଗାନ କରାଯାଇଥିଲା। ଉପସ୍ଥିତ ରହିଥିବା ସ୍ୱର୍ଗତ ଶମ୍ଭୁ ଙ୍କ ପରିବାରବର୍ଗଙ୍କୁ ସମସ୍ତ ଅତିଥି ସମବେଦନା ଜ୍ଞ୍ୟାପନ କରିଥିଲେ । ଉଦଘାଟନୀ ଦିବସର ପ୍ରଥମ ମ୍ୟାଚରେ ସନସାଇନ କ୍ରିକେଟ କ୍ଲବ ଏବଂ କଳାହାଣ୍ଡି ଟାଇଗର ମଧ୍ୟରେ ପ୍ରତିଯୋଗିତା ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ୟୁନିକ ୧୧,ମଦନପୁର ରାମପୁର ଏବଂ ର୍କ ବ୍ଲାଷ୍ଟର ରାୟଗଡା ମଧ୍ୟରେ ପ୍ରତିଯୋଗିତା ହୋଇଥିଲା । ଆଗାମୀ ସେମିଫାଇନାଲ ଏବଂ ଫାଇନାଲ ମ୍ୟାଚ ଆସନ୍ତା ୧୬ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ରାତ୍ର ସମୟରେ ହେବାକୁଥିବାବେଳେ ଫାଇନାଲ ମ୍ୟାଚରେ ମାନ୍ୟବର ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସ ଉପସ୍ଥିତ ରହି ସମୟ ଦେବେବୋଲି ଯାହା ଆମ ପାଖରେ ସୂଚନା ଅଛି ।

ଆୟୋଜକ ଦଳର ଅନ୍ୟମାନଙ୍କ ମଧ୍ୟରୁ ସମ୍ପାଦକ ପ୍ରଶାନ୍ତ ମିଶ୍ର, କୋଷାଧ୍ୟକ୍ଷ୍ୟ ମୋହିତ ପଣ୍ଡା( ଚନ୍ଦନ ), ଯୁଗ୍ମ ସମ୍ପାଦକ ପିଣ୍ଟୁ ମିଶ୍ର, ସେଖ ଅର୍ସଦ, ସମ୍ବିତ ବେହେରା, ମାନସ ବଡ଼ଜେନା, ଚିତ୍ତରଞ୍ଜନ ବେହେରା, ମନୋଜ ସିଂ(ଫଗ୍ଗୀ ), ସତୀଶ ବେହେରା, ନିଲୁ ପଣ୍ଡା, ଆଦିଲ, ରବୀନ୍ଦ୍ର, ମୁନା,ବୁଟ, ସାଗର, ସୋନୁ, ଶିବ, ଜିମୂତ, ବାପି, ରାଜେଶ, ଲିଙ୍ଗ, ସନ୍ତୋଷ, ବର୍ଣ୍ଣି, ଅଶୋକ ଏବଂ ଅନ୍ୟାନ୍ୟ ସଦସ୍ୟଗଣ ବିଭିନ୍ନ ଦାୟିତ୍ୱମାନ ନେଇ ସହଯୋଗ କରିଥିଲେ ।

## ମନ୍ଥା ବାତ୍ୟା ପରେ ଚାଷୀ କୁଳ ସମସ୍ୟା ଦୁଇ ଗଣିତ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲାରେ ବର୍ତ୍ତମାନ୍ ଚାଷୀ ଧାନ ଚାଷ କରି ସମସ୍ୟା ଦୁଇ ଗୁଣିତ କରିଛି। ବାତ୍ୟା ମନ୍ଥା ଦ୍ୱାରା ଚାଷୀଙ୍କ ର ଫସଲ ନଷ୍ଟ ହୋଇଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟ କ୍ଷତି ଆକଳନ କରାଯାଇଛି। ଚାଷୀ ଙ୍କୁ ପ୍ରଦାନ କରାଯିବ କିନ୍ତୁ ଚାଷୀ ବର୍ତ୍ତମାନ୍ ଦ୍ୟାନ୍ଦ ରେ ପଡ଼ି ଯାଇଛି ଯଦି ଚାଷୀ କ୍ଷୟ କ୍ଷତି ପାଇବେ ତେବେ ମଣ୍ଡି କୁ ଦେଇ ପାରିବେ ନାହିଁ ସେହି ଜମି ର ଧାନ ଚାଷୀ କହିବା।ହେଲ। ଯାହା କିଛି ବାହାରିବ ତାହା କଣ କରିବୁ ମଣ୍ଡିରେ ନ ଦେଇ କଣ ବାହାରେ ବିକ୍ରି କରିବକୁ ପଡ଼ିବକି ଏହି ଭଳି ବିଭିନ୍ନ ପ୍ରଶ୍ନ ଚାଷୀ ଙ୍କ ମନରେ ପ୍ରଶ୍ନ କିନ୍ତୁ ଚାଷୀ ଙ୍କୁ ଚଳିତ ବର୍ଷ ରାଜସ୍ୱ ବିଭାଗ ଯେ ଉଁ ଜମିରେକ୍ଷୟ କ୍ଷତି ପାଇଥିବା ଚାଷୀ ମଣ୍ଡିରେ ଦେଇ ପାରିବେ ନାହିଁ ବୋଲି କହୁଥିବା ବେଳେ ଗତବର୍ଷ ମଣ୍ଡି ରେ କିପରି ଚାଷୀ ଙ୍କ ଧାନ ନିଆ ଯାଇଛି ବୋଲି ଅଭିଯୋଗ ହୋଇଛି । ଚଳିତ ବର୍ଷ କଣ ନିୟମ ଅଲଗା କି ବୋଲି ପ୍ରଶ୍ନ କରିଛନ୍ତି। ଏପରିକି ବିହନ କୁ ଦେଇଥିବା ଚାଷୀ ମଧ୍ୟ ମଣ୍ଡିରେ ଦେଇଥିବା ଅଭିଯୋଗ ହୋଇଛି। ଏପଟେ ରାଜସ୍ୱ ବିଭାଗ ପକ୍ଷ ରୁ ସଚେତନତା ର ଅଭାବ ଯୋଗୁଁ ଏହି ଭଳି ପରି ସ୍ଥିତି ସୃଷ୍ଟି ହୋଇଛି ବୋଲି ସାଧାରଣ ରେ ମତ ପ୍ରକାଶ ପାଇଛି।

## ଗୋଟିଏ ଘରକୁ ଦେଖେଇ ଦୁଇଟା ଘରର ଟଙ୍କା ହରିଲୁଟ୍

ଆଙ୍କର-ସରକାର ଗରିବ, ଖଟିଖିଆ,ଦିନ ମୁଲିଆ ତଥା ନିତାନ୍ତ ଗରିବ ଶ୍ରେଣୀର ଜନସାଧାରଣଙ୍କ ମୁଣ୍ଡରେ ଖଣ୍ଡେ ଖଣ୍ଡେ ଛାତ ଯୋଗେଇ ଦେବା ଉଦେଶ୍ୟରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା କରିଛନ୍ତି । ହେଲେ ସବୁ ଯୋଜନା ଭଳି ଏହି ଯୋଜନା ମଧ୍ୟ ହରିଲୁଟ ହେଉଥିବା ଘଟଣା ଏବେ ସାମ୍ନାକୁ ଆସିଛି ।ଏଭଳି ଏକ ଅଭିଯୋଗ ଆସିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କାଶିନୀପଦର ପଂଚାୟତ ଅନ୍ତର୍ଗତ ମାଝୀପଡା ଗ୍ରାମରୁ । ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରେ ଉକ୍ତ ଗ୍ରାମର ଦୁଇ ହିତାଧିକାରୀ ମାଣିକ ପାତ୍ର ଓ ସୁଶାନ୍ତି ପାତ୍ରଙ୍କ ନାମରେ ଆର୍ଥିକ ବର୍ଷ ୨୦୨୧-୨୨ରେ ଦୁଇଟା ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଘର ମଞ୍ଜୁରୀ ହୋଇଛି । ହେଲେ ଘର କିନ୍ତୁ ଗୋଟିଏ ତିଆରି ହୋଇଛି । ଯାହା ଏବେ ସର୍ବସାଧାରଣଙ୍କ ପାଇଁ ବିରାଟ ପ୍ରଶ୍ନବାଚୀ ? ବଡ଼ଭାଇର ସ୍ତ୍ରୀ ସୁଶାନ୍ତି ପାତ୍ର ଘର ସମ୍ପୂର୍ଣ୍ଣ କରି ସମସ୍ତ ଟଙ୍କା ଉଠେଇ ସାରିଥିବା ବେଳେ ସାନଭାଇର ସ୍ତ୍ରୀ ଘର ନକରି ୨ କିସ୍ତିର ଟଙ୍କା ଉଠେଇ ସାରିଲାଣି । ସରକାରଙ୍କ ନିୟମ ମୁତାବକ ଦୁଇ ହିତାଧିକାରୀଙ୍କ ପାଇଁ ଦୁଇଟା ଜାଗା



ଚିହ୍ନଟ କରାଯିବା ପରେ ଦୁଇଟା ଜିଓଟେକ କରାଯିବା କଥା ଓ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ(ପିଇଓ ) କିସ୍ତି ଟଙ୍କା ମଞ୍ଜୁର ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣେଇବା ପୂର୍ବରୁ ନିଜେ ହିତାଧିକାରୀଙ୍କ ଘରେ ପହଂଚି କାମ କେଉଁ ଲେବେଲ ରେ ପହଂଚିଛି ତାହା ତଦାରଖ କରି ବିଲ ପାରିତ କରିବାକୁ ଉପରିସ୍ଥ ଅଧିକାରୀଙ୍କୁ ଜଣେଇବା କଥା, ହେଲେ ଏଠାରେ ସେମିତି କିଛି ହୋଇନି । ଏଠାରେ ସ୍ପଷ୍ଟ ଜଣାପଡୁଛି କି ପିଇଓ ମହାଶୟ କିଛି ହାତଗୁଞ୍ଜା ପାଇ ଏଭଳି କାର୍ଯ୍ୟ କରିଛନ୍ତି ।ଗୋଟେ ଘରର ସାମ୍ନାରେ ଜଣେ ହିତାଧିକାରୀଙ୍କ ଓ ପଛପଟେ ଜଣେ ହିତାଧିକାରୀଙ୍କ ନା ଲେଖିଦେଇ ଦୁଇଟା ଘରର ଟଙ୍କା ଉଠେଇ ଦେଇଥିବା ସ୍ପଷ୍ଟ ଜଣାପଡୁଛି ।କାହିଁକି ନା ହିତାଧିକାରୀ ୨ଜଣ ଅଛନ୍ତି ସତ, ହେଲେ ଘର କେବଳ ଗୋଟେ ହିଁ ରହିଛି ଓ ଉକ୍ତ ଘରର ଆଗପଟେ ଜଣେ ହିତାଧିକାରୀଙ୍କ ନାମ ଲେଖା ଯାଇଥିବା ବେଳେ ପଛପଟେ ଆଉଜଣେ ହିତାଧିକାରୀଙ୍କ ନା ଲେଖାଯାଇଛି ।ଏଇଠୁ ସ୍ପଷ୍ଟ ଜଣାପଡୁଛି କି, ବିଡ଼ିଓ, ପିଇଓ ଓ ଜିଆରଏସ ଙ୍କ ମିଳିଭଗତ ଯୋଗୁଁ ଏଭଳି ଏକ ମହା ଘୋଟାଲା ସମ୍ଭବ ହୋଇଛି ।ଯେଉଁ ବ୍ୟକ୍ତି ଘରର ଜିଓଟ୍ୟାଗ କରୁଥିଲା ସେ କଣ ଗୋଟେ ସ୍ଥାନରେ ଦୁଇଟା ଜିଓଟ୍ୟାଗ କରିଛି କି ? ଯଦି କରିଛି ଏକଥା ପିଇଓ ମହାଶୟ ଜାଣି ପାରିଲେନି କେମିତି ? ଗୋଟେ ଘରେ ଦୁଇଟା ଘରର ବିଲ କେମିତି ହେଲା ? ଏଭଳି ଅନେକ ପ୍ରଶ୍ନ ଏବେ ଜନସାଧାରଣ କରୁଛନ୍ତି ।ଯେଉଁ ପ୍ରଶ୍ନ ସବୁର ସନ୍ତୋଷ ଜନକ ଉତ୍ତର ପ୍ରଶାସନ ପାଖରେ ନାହିଁ ।ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ବିଡ଼ିଓ, ପିଇଓ ଓ ଜିଆରଏସ ଙ୍କ ସହିତ ଫୋନରେ ଯୋଗାଯୋଗ କରାଯାଇଥିଲେ ହେଁ କେହି ହେଲେ ଏ ପ୍ରସଙ୍ଗରେ ସନ୍ତୋଷ ଜନକ ଉତ୍ତର ଦେଲେ ନାହିଁ ।କିଏ କହୁଛି ମୁଁ ଏ ବିଷୟରେ ଜାଣିନଥିଲି ତ ଆଉ କିଏ କହୁଛି ଆଗରୁ ଜଣେଇଥିଲେ କଣ ଗୋଟେ ପଦକ୍ଷେପ ନିଆଯାଇ ପାରିଥାନ୍ତା ।ଏବେ ନେଡିଗୁଡ଼ କହୁଣୀ କୁ ବୋହିଗଲାଣି, ଏବେ ଆଉ କିଛି କରାଯାଇ ପାରିବନି । ପୁଣି ପିଇଓ ମହାଶୟ କହୁଛନ୍ତି ଲାଷ୍ଟ ବିଲ ହୋଲଡ଼ କରିଛୁ ।ତେବେ ମଧ୍ୟମ ଶ୍ରେଣୀର ଲୋକେ ସରକାରୀ ଅଧିକାରୀ ଓ କର୍ମଚାରୀ ମାନଙ୍କ ସହିତ ଶଳାସୁତୁରା ହୋଇ ଗୋଟିଏ ଘରକୁ ବାରମ୍ବାର ଦେଖେଇ ୨ଟା ୩ଟା ଘରର ଟଙ୍କା ମାରି ଖାଇଯାଉଥିବା ବେଳେ ଯୋଗ୍ୟ ହିତାଧିକାରୀ ମାନେ ଭଗବାନ ଭରଷାରେ ପଡି ରହିଛନ୍ତି ।ତେଣୁ ଫିରିଙ୍ଗିଆ ବ୍ଲକରେ ଏହି ଯୋଜନାର ସଫଳ ରୂପାୟନ ପାଇଁ ଜିଲ୍ଲା ପ୍ରଶାସନ ଏ ପ୍ରସଙ୍ଗ ଉପରେ ହସ୍ତକ୍ଷେପ କରିବା ସହିତ ଯୋଜନା ହରିଲୁଟ କରୁଥିବା ବ୍ୟକ୍ତି ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବୀ କରିଛନ୍ତି ।

## ପାରଳା ଆଦର୍ଶ ଥାନା ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ



-ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ଏହି ଅବସରରେ ରାଜପ୍ରାସାଦ ସମ୍ମୁଖରୁ ପାରଳାଖେମୁଣ୍ଡି ଆଦର୍ଶ ଥାନା ପର୍ଯ୍ୟନ୍ତ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା ।ଏହି ପଦଯାତ୍ରାରେ କଲେଜର ଛାତ୍ର, ଛାତ୍ରୀ, ବୃଦ୍ଧିଜିବି, ପୋଲିସ କର୍ମଚାରୀ,ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ ଉପସ୍ଥିତ ରହି ପଦଯାତ୍ରାରେ ସାମିଲ ହୋଇଥିଲେ ।ଏହା ପରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନ ମାଝୀ,ଗଜପତି ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା,ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ଲିଡ଼ ବ୍ୟାଙ୍କ ମେନେଜର, ଜିଲ୍ଲା ବନଖଣ୍ଡ ଅଧିକାରୀ କେ ନାଗରାଜୁ,ଡି ଏସ୍ ପି ଅମିତାଭ ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।ଜନସାଧାରଣ କିଭଳି ବର୍ତ୍ତମାନ ସାଇବର ଠକାମୀର ଶିକାର ହେଉଛନ୍ତି । କିଭଳି ଏଥିରୁ ବଞ୍ଚିତ ହେବେ ତା ଉପରେ ମଞ୍ଚାସିନ ଅତିଥି ମାନେ ସଚେତନତା କରାଇଥିଲେ ।ଏହି କାର୍ଯ୍ୟକ୍ରମରେ ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡି ଏସ୍ ପି ଅମିତାଭ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଉଦଳା ବ୍ଲକ ପରିସରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଆୟୋଜିତ

ଉଦଳା (ମହାଭାରତ ): ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଓଡିଶା ସରକାରଙ୍କ ଆନୁକୁଲ୍ୟରେ ଏବଂ ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀଙ୍କ ପୃଷ୍ଠପୋଷକତାରେ ଉଦଳା ବ୍ଲକ ପରିସରରେ ଆୟୋଜିତ ଏହି ମେଳାକୁ ଉଦଳାର ମାନ୍ୟବର ବିଧାୟକ ଭାସ୍କର ମଢେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଫିତାକାଟି ଉଦଘାଟନ କରିଥିଲେ । ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥ ଭାବେ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ, ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ବିଡିଓ ଉଦଳା ସମରଜ୍ଜି କର, ସହକାରୀ ନିର୍ଦ୍ଦେଶକ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଡା. ଗୀତାଞ୍ଜଳି ଦାସ, ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଅଧିକାରୀ ମାନସ ରଞ୍ଜନ ସାହୁ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. କୁନ୍ଦନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସଭା କାର୍ଯ୍ୟ ପ୍ରାରମ୍ଭରେ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ବ୍ୟାଚ୍ ପ୍ରଦାନ କରାଯାଇଥିଲା, ତତପରେ ସମସ୍ତ ଅତିଥି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଧୂପ ଓ ପୁଷ୍ପ ଅର୍ପଣ କରିବା ପରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏବଂ ତତପରେ ମାନ୍ୟବର ମନ୍ତ୍ରୀଙ୍କ ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା । ଗୋଷ୍ଠୀ ଉନ୍ନୟନ



ଅଧିକାରୀ ସମରଜିତ କରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥି ଗଣ ତାଙ୍କର ବକ୍ତବ୍ୟ ରଖିବା ପରିପ୍ରେକ୍ଷୀରେ ବ୍ଲକର ଉପାନ୍ତ ଅଞ୍ଚଳକୁ ଯାଇ ଜନସଚେତନତା ମାଧ୍ୟମରେ ନୂତନ ଚାଷୀ ସୃଷ୍ଟି କରିବା ପାଇଁ ପଦକ୍ଷେପ ନେବାକୁ ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ସାରା ରାଜ୍ୟରେ ଅକ୍ଟୋବର ୨୪ ରୁ ନଭେମ୍ବର ୧୫ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନୂତନ ଜ୍ଞାନ କୌଶଳରେ ଚାଷ କରି ଚାଷିମାନେ ଲାଭବାନ ହେବା ଏବଂ ସରକାରୀ ଯୋଜନା ବାବଦରେ ଅବଗତ ହୋଇ ଏହାର ଲାଭ ଉଠାଇବା । ପୂର୍ବରୁ ଏହା ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ଆୟୋଜିତ ହେଉଥିବା ସ୍ଥଳେ ବର୍ତ୍ତମାନର ସରକାରଙ୍କ ତରଫରୁ ଏହା ସମସ୍ତ ବ୍ଲକ ସ୍ତରରେ ଆୟୋଜନ କରାଯାଉଛି । ସର୍ବଶେଷରେ ଶ୍ରେଷ୍ଠ ପ୍ରାଣୀପାଳକ ଭାବେ ପ୍ରକାଶ ନାୟକ(ଭୀମତାଳି), ଜୟର । ମ ହାଁସଦା(କୋଚିକାଡିହା) ମଞ୍ଜୁଲତ । ସାହୁ(ଛୋଟରାୟପୁର), ସିନ୍ଦୂର ଗୌରା ସ୍ୱୟଂ ସହାୟକ ଗୋଷ୍ଠୀ ଦୁଗୁଧା, ମତ୍ସ୍ୟ ଚାଷ ପାଇଁ ମନୋରଞ୍ଜନ ଦାସ, ରାଢୋ, କସ୍ତୁରୀ ପୋଥାଳ ଚୁଳିଆପୋଷି, ସକୁନ୍ତଳା ସେଠୀ ଖୁଣ୍ଟାପାଳ ଏବଂ ଜୀବନଦୀପ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମଉଦାଙ୍କୁ ପୁରସ୍କୃତ କରାଯିବା ପରେ ମଇଁଷି ପାଳନ ପାଇଁ ସସ୍ମିତା ପ୍ରଧାନ, ଚୁଳିଆପୋଷି, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ପାଇଁ ସସ୍ମିତା ମହାକୁଡ, ଅଠଣଗାଁ ସବିତା ପ୍ରଧାନ, ଚୁଳିଆପୋଷିଙ୍କୁ କାର୍ଯ୍ୟାଦେଶ ବଣ୍ଟନ ତଥା କୁକୁଡା ଚାଷ ପାଇଁ ଦିଲ୍ଲୀପ ଦାସ, କୋଚିକାଡିହା, କାମଧେନୁ ଯୋଜନା ପାଇଁ ଗୀତାଞ୍ଜଳି ମହାନ୍ତ, ଶ୍ରୀଦାମଚନ୍ଦ୍ରପୁରଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଇଥିଲା । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ଶରତ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଆୟୋଜିତ ହୋଇଥିବା ବେଳେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିବା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନଙ୍କ ଠାରୁ ପ୍ରକାଶ ।

## ମହିଳା ଙ୍କ ଅନ୍ତରଙ୍ଗ ଭିଡ଼ିଓ ଭାଇରଲ, ବନ୍ଧା ହେଲା ପ୍ରେମିକ

କାକଟପୁର(ମହାଭାରତ) : କାକଟପୁର ଥାନା ଅଧୀନରେ ଘଟିଛି ଏକ ଅଭାବନୀୟ ଘଟଣା, ଜଣେ ପ୍ରେମିକ ତାଙ୍କ ମହିଳା ବାନ୍ଧବୀ ଙ୍କ ପ୍ରେମ ସମ୍ପର୍କ କୁ ନେଇ ରଖିଥିବା ଅନ୍ତରଙ୍ଗ ଭିଡ଼ିଓ ସୋସିଆଲ ମିଡ଼ିଆ ରେ ଭାଇରଲ କରିଛନ୍ତି, କାକଟପୁର ଥାନା ରୁ ମିଳିଥିବା ସୂଚନା ଅନୁସାରେ ଯୁବକ ଜଣଙ୍କ ହେଲେ ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ସୋରଭା ପଞ୍ଚାୟତ ପୋଦନା ଗ୍ରାମ ର ବିଜ୍ଞାନ ଦଳାଇ ଙ୍କ ୨୦ ବର୍ଷୀୟ ପୁଅ ଗୁଡୁ ଦଳାଇ ବା ବଣ୍ଟି, କାକଟପୁର ଥାନା ଅଧୀନରେ ରେ ଗୋଟେ ଯୁବତୀ ଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ, ହ୍ୱାଟ୍ସଆପ ଭିଡିଓ କଲ୍ ରେ ଯୁବତୀ ଙ୍କ ସହ କଥା ହୋଇ ଯୁବତୀ ଙ୍କ ବିନା ଅନୁମତି ରେ ତାଙ୍କ ର କିଛି ବ୍ୟକ୍ତିଗତ ଫୋଟୋ ଓ ଭିଡ଼ିଓ ସ୍କ୍ରିନ ରେକର୍ଡ ମାଧ୍ୟମ ରେ ରଖିଥିଲେ, ଯୁବତୀ ଙ୍କ ଇଚ୍ଛା ବିରୁଦ୍ଧରେ ଯୁବକ ତାଙ୍କ ସହିତ ଅନେକ ଥର, ଶାରୀରିକ ସମ୍ପର୍କ ମଧ୍ୟ ରଖିଥିଲେ,ଯେତେବେଳେ ଯୁବତୀ ଙ୍କ ପରିବାର ଲୋକ ଏ ବାବଦରେ ଜାଣିଲେ ଉକ୍ତ ଯୁବକ ସହିତ ସମ୍ପୂର୍ଣ୍ଣ ସମ୍ପର୍କ ଭାଙ୍ଗି କଥା ବନ୍ଦ କରିବାକୁ, କିନ୍ତୁ ନଭେମ୍ବର ୩ ତାରିଖ ରେ ଅଭିଯୋଗକାରି ଜାଣିବାକୁ ପାଇଲେ ତାଙ୍କ ଅନ୍ତରଙ୍ଗ ଭିଡ଼ିଓ ଓ ଫୋଟୋ ସାମାଜିକ ଗଣମାଧ୍ୟମ ରେ ଭାଇରଲ ହୋଇଛି, ଯାହାକି ଫଳରେ ଅଭିଯୋଗ କାରୀ ଓ ତାଙ୍କ ପରିବାର ସମାଜ ରେ ବଦନାମ ହୋଇଛନ୍ତି, ଯାହାକୁ ନେଇ କାକଟପୁର ଥାନା ରେ ଏ ବାବଦରେ ଏକ ଅଭିଯୋଗ ହୋଇଥିଲା, ଅଭିଯୋଗ କୁ ଭିତ୍ତି କରି କାକଟପୁର ଥାନା ରେ କେଶ ନମ୍ବର ୩୧୮/୨୫ ରେ ପଞ୍ଜିକରଣ କରାଯାଇ ୧୦ ତାରିଖ ଦିନ ଉକ୍ତ ଯୁବକ କୁ ଗିରଫ କରାଯାଇ ଉଭୟ ଅପରାଧୀ ଓ ଯୁବତୀ ଙ୍କ ଡାକ୍ତରୀ ମାଇନା କରାଯାଇ ଗୁଡୁ ଦଳାଇ ଙ୍କୁ କୋର୍ଟ ଚାଲାଣ କରାଯାଇଛି, ବର୍ତ୍ତମାନ ଜୁଡ଼ିସିଆଲ କଷ୍ଟଡି ରେ ରଖାଯାଇ ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ପୋଲିସ ତରଫରୁ ତଦନ୍ତ ଜାରୀ ରହିଛି, ଯାହାକୁ ନେଇ ସୂଚନା ଦେଇଛନ୍ତି କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁ ।

## ଛେଳିଗଡ଼ ବୁଡି ଅଞ୍ଚଳ ବିସ୍ଥାପିତ ସଂଗ୍ରାମ ସମିତି ପକ୍ଷରୁ ବିଭିଓ ଦାବୀ ନେଇ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ



- ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଛେଳିଗଡ଼ ବୁଡି ଅଞ୍ଚଳ ବିସ୍ଥାପିତ ସଂଗ୍ରାମ ସମିତି ପକ୍ଷରୁ ଆଜି ସଭାପତି ଚୈତନ୍ୟ ସାହୁଙ୍କ ନେତୃତ୍ୱରେ ବିଭିଓ ଦାବୀ ନେଇ ଜିଲ୍ଲାପାଳଙ୍କୁ ୧୫ ଦଫା ଦାବି ନେଇ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି। ଛେଳିଗଡ଼ ମଧ୍ୟମ ଜଳ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେବାକୁ ଥିବା ପାଞ୍ଚ ଗୋଟି ଆଦିବାସୀ ରାଜସ୍ୱ ଗ୍ରାମ ପଞ୍ଚାୟତଙ୍କ ପୁନର୍ବାର ବିଚାର ଅଧିନିୟମ ଆଣିବା ନିମନ୍ତେ ଦରଖାସ୍ତ ପ୍ରଦାନ କରାଯାଇଛି ।ଗଜପତି ଜିଲ୍ଲାର ଆର ଉଦୟଗିରି ବ୍ଲକ ଛେଳିଗଡ଼ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କାକିଲି, ତିଲି ଗାଁ, ବିଦ୍ୟାଧର ପୁର, ଚିଆ ପଦର ଓ ସୁଗୁବା ଏହି ୫ ଗୋଟି ଗ୍ରାମ ଛେଳିଗଡ଼ ମଧ୍ୟମ ଜଳ ପ୍ରକଳ୍ପ ବିସ୍ଥାପିତ ହେବାକୁ ଥିବା ୫ ଗୋଟି ଗ୍ରାମର ଆଦିବାସୀ ପରିବାରଙ୍କୁ ଆଜି ସୁଦ୍ଧା ଉଚିତ ମୂଲ୍ୟରେ କ୍ଷତିପୂରଣ ପାଇ ପାରିନାହାନ୍ତି ବୋଲି ଦାବି କରିଛନ୍ତି ।କ୍ଷତି ଗ୍ରସ୍ଥ ଜମି ଗୁଡିକ ଚିହ୍ନଟ କରି ସର୍ବ ସାଧାରଣ ଙ୍କ ଅବଗତି ନିମନ୍ତେ ରଜଖ ଲାଇନ ଜମିରେ ଚିହ୍ନଟ କରାଯାଉ ।ଜଙ୍ଗଲ ଜମି କ୍ଷତିପୁରାଣ,ପ୍ରତି ପରିବାରକୁ ଚାଷ ଜମି ପ୍ରଦାନ ଏହିଭଳି ୧୫ ଦଫା ଦାବି ନେଇ ଜିଲ୍ଲା ପାଳ ଙ୍କୁ ପ୍ରଦାନ କରିଛନ୍ତି।

## ଦଶପଲ୍ଲା ପୋଲିସ ପକ୍ଷରୁ ସାଇବର ନିରାପଦ ଶିବିର-୨୦୨୫ ଅନୁଷ୍ଠିତ

ଦଶପଲ୍ଲା,(ମହାଭାରତ): ଦିନକୁ ଦିନ ବୃଦ୍ଧି ପାଉଥିବା ସାଇବର ଠକେଇ, ଅନଲାଇନ ଅପରାଧ ଓ ଡିଜିଟାଲ ଅର୍ଥନୀତି ବିଷୟରେ ସଚେତନତା ନିମନ୍ତେ ଦଶପଲ୍ଲା ପୋଲିସ ବିଭାଗ ପକ୍ଷରୁ ମଙ୍ଗଳବାର ଦିନ ଏକ ସାଇବର ନିରାପଦ ଶିବିର-୨୦୨୫ ତ୍ରିନାଥ ବଜାର ସ୍ଥିତ ମେଳିଆ ତୋଟା ଠାରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଆଡିଶନାଲ ଏସପି ସୁବାଷ ଚନ୍ଦ୍ର ପଣ୍ଡା, ଏସଡ଼ିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ , ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା, ଏନ ଏ ସି ଅଧ୍ୟକ୍ଷା ପୁନମ ପ୍ରିୟଦର୍ଶିନୀ, ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣବନ୍ଧୁ ବେହେରାଙ୍କ ସହିତ ସାଂସଦ ଙ୍କ ଏନ ଏ ସି ଏବଂ ବ୍ଲକ ପ୍ରତିନିଧି, କାଉନସିଲର ଓ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡା ଶିବିରକୁ ସଂଯୋଜନା କରିଥିବା ବେଳେ ପୁଷ୍ପାଞ୍ଜଳି ଗୋଛି ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ।ଶିବିରରେ ସାଇବର ଠକେଇର କାରଣ ଓ ନିରାକରଣ ସମ୍ବନ୍ଧରେ ସବିଶେଷ ଅବଗତ କରାଯାଇଥିଲାୟ ଠକେଇ ଘଟିଲେ ୧୯୩୦ ହେଲ୍ପଲାଇନକୁ ତୁରନ୍ତ ଫୋନ କରିବା କିମ୍ବା ପୋର୍ଟାଲ ମାଧ୍ୟମରେ ଅଭିଯୋଗ ଦାୟର କରିବା ପାଇଁ ପରାମର୍ଶ ଦିଆଯାଇଥିଲା।

## ଦରମା ନ ମିଳିବାରୁ ଆତ୍ମାହୁତି ଉଦ୍ୟମ



ଅନୁଗୋଳ:( ମହାଭାରତ):ନାଲକୋ ଥାନା ଅନ୍ତର୍ଗତ ନାଲକୋ ସ୍ମେଲଟର ଗେଟ୍ ସମ୍ମୁଖରେ ଆଜି ଦେଖିବାକୁ ମିଳିଥିଲା ହାଇଡ୍ରାମା । ସୂଚନା ଯେ, ନାଲକୋ ରେ ଥିବା କେ.ଟି.ସି. ଠିକା ସଂସ୍ଥାରେ ବିଶ୍ୱରଞ୍ଜନ ସାମଲ ଦୀର୍ଘ ଦୀନ ହେବ କାର୍ଯ୍ୟ କରନ୍ତି ।ଠିକ ସେ କାର୍ଯ୍ୟ କରିଲେ ମଧ୍ୟ ଦରମା ଠିକ୍ ସେ ମିଳୁନାହିଁ ବୋଲି ଅଭିଯୋଗ କରିଛନ୍ତି। ବିଶ୍ୱରଞ୍ଜନ ସବୁ ମାସରେ ଏହି ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏ ବିଷୟରେ କାହାକୁ କହିଲେ ଚାକିରିରୁ ବାହାର କରି ଦେବାକୁ ଧମକ ଦେଉଥିଲେ। ବାରମ୍ବାର ଏଭଳି ଘଟୁଥିବାରୁ ଅତିଷ୍ଠ ହୋଇ ଏହି ଚରମ ନିଷ୍ପତି ନେଇଥିଲେ ବିଶ୍ୱରଞ୍ଜନ ।ଯାହା ଫଳରେ ଆଜି ନାଲକୋ ସ୍ମେଲଟର ଗେଟ୍ ସମ୍ମୁଖରେ ବିଶ୍ୱରଞ୍ଜନ ପେଟ୍ରୋଲ ଢାଳି ଉଦ୍ୟମ କରିଥିଲେ। ରାସ୍ତାରେ ଯାଉଥିବା ପଥଚାରୀ ଏବଂ ଖବର ପାଇ ନାଲକୋ ସୁରକ୍ଷାକର୍ମୀ ଆସି ଉଦ୍ଧାର କରିଥିଲେ । ନାଲକୋ ଅଧିକାରୀ ଆସି ବିଶ୍ୱରଞ୍ଜନଙ୍କୁ ନିଜ ହେପାଜତକୁ ନେବା ସହ ବୁଝାସୁଝା କରୁଛନ୍ତି ।କିଛି ନାଲକୋ ଅଧିକାରୀ ସାମ୍ବାଦିକମାନଙ୍କୁ ଫଟୋ ଉଠାଇବା ପାଇଁ ବାରଣ କରିଥିଲେ ଏବଂ ଯେଉଁ ଫଟୋ ଉଠାଇଛନ୍ତି ତାହାକୁ ଡିଲେଟ୍ କରିବାକୁ ବାଧ୍ୟ କରିଥିଲେ। ନାଲକୋର ଦାଦାଗିରିକୁ ସାଧାରଣରେ ନା ପସନ୍ଦ କରିଛନ୍ତି।

## ବେଆଇନ ବାଲି ପରିବହନ ବେଳେ ମାଡି ବସିଲା ପୋଲିସ, ୨ ହାଇୱା ଗାଡି ଜବତ

କେନ୍ଦୁଝର,(ମହାଭାରତ) : ବେଆଇନ ବାଲି ପରିବହନ ବେଳେ ଟାଉନ ପୋଲିସ ୨ ଟି ବାଲି ବୋଝେଇ ହାଇୱା ଗାଡି ଜବ୍ଦ କରିଛି। ଗତକାଲି ବିଳମ୍ବିତ ରାତିରେ କେନ୍ଦୁଝର ସହର ଦେଇ ଯିବାବେଳେ ପୋଲିସ ପେଟ୍ରୋଲିଂ ଗାଡି ୨ ଟି ବାଲି ଗାଡି ଜବ୍ଦ କରିଥିଲା । ବାଲି ଗାଡିରେ ଟ୍ରାନଜିଟ ପାସ ନଥିବାରୁ ହାଇୱା ଗାଡି ଦୁଇଟି କୁ ଜବ୍ଦ କରାଯାଇଛି ।ବାଲିଗାଡି ଠାରୁ ୪୦୦୦୦ ଟଙ୍କା ଓ ଟିପ୍ପ ଗାଡି ରୁ ୬୦୦୦୦ ଟଙ୍କା ର ଫାଇନ କରାଯାଇଛି। କେନ୍ଦୁଝର ସହରକୁ ପ୍ରତ୍ୟେକ ଦିନ ବହୁ ସଂଖ୍ୟାରେ ଚୋରା ବାଲି ବିଭିନ୍ନ ସ୍ଥାନକୁ ଯୋଗାଣ ହେଉଛି । ଚୋରା ବାଲି ବ୍ୟବସାୟ କରି ମାଫିଆମାନେ ମାଲେମାଲ ହେଉଥିବାବେଳେ ସରକାରଙ୍କ ବ୍ୟାପକ ରାଜସ୍ୱହାନୀ ହେଉଛି । ପୋଲିସ ଓ ଖଣି ବିଭାଗ କେନ୍ଦୁଝର ସହରରେ ବେଆଇନ ଭାବେ ଚାଲିଥିବା ଷ୍ଟକ ୟାର୍ଡ ଯାଂଚ କରି ପଦକ୍ଷେପ ନେବାକୁ ଦାବୀ ହୋଇଛି।

## କଣ୍ଡରା ଟୋଲ ପ୍ଲାଜା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ, ୮ ଘଣ୍ଟା ଧରି ଖୋଲା ରହିଲା ଫାଟକ



କେନ୍ଦୁଝର, (ମହାଭାରତ): ରିମୁଳି ଠାରୁ ରାଜାମୁଣ୍ଡା ଯାଇଥିବା ୫୨୦ନଂ ଜାତୀୟ ରାଜପଥରରେ ଅବସ୍ଥିତ କଣ୍ଡରା ଟୋଲ ପ୍ଲାଜା କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ଦୀର୍ଘ ୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଟୋଲ ପ୍ଲାଜା ଖୋଲା ରହିଥିଲା । ଫଳରେ ସମସ୍ତ ଯାନ ବାହାନ ନିଶୁଳ୍କ ଭାବରେ ଯାତାୟାତ କରୁଥିଲେ । କର୍ମଚାରୀଙ୍କ ସହିତ ଆଲୋଚନା ପରେ ଏହି ଆନ୍ଦୋଳନ ପ୍ରତ୍ୟାହୃତ ହେବା ସହ ଟୋଲ ପ୍ଲାଜା ସ୍ୱାଭାବିକ ଭାବେ କାର୍ଯ୍ୟ କରିଥିଲା । ଏହି ଟୋଲ ପ୍ଲାଜାଟିରେ ସ୍ଥାନୀୟ ଅଞ୍ଚଳର ୩୯ଜଣ କର୍ମଚାରୀ ଥିବା ବେଳେ ଟୋଲ ପ୍ଲାଜାଟିକୁ ଠିକାରେ ନେଇଥିବା ଠିକାଦାର ଶଶିକାନ୍ତ ଜେନାଙ୍କ ପକ୍ଷରୁ ୨୫ଜଣ କର୍ମଚାରୀ ନିୟୋଜିତ ଅଛନ୍ତି । ଏହି ଟୋଲ ପ୍ଲାଜାଟିକୁ ପୂର୍ବରୁ ସ୍କାଇଲାର୍କ କମ୍ପାନୀ ଠିକାରେ ନେଇଥିବା ବେଳେ ଏହାର ମିଆଦ ସରିବା ପରେ ଏହାକୁ ଶଶିକାନ୍ତ ଜେନା ନୂତନ ଠିକାଦାର ଭାବେ ନିଯୁକ୍ତ ହୋଇଥିଲେ । ପୂର୍ବରୁ ଏଥିରେ କାର୍ଯ୍ୟରତ କର୍ମଚାରୀମାନେ ୧୪୫୦୦ ଟଙ୍କା ମାସିକ ଦରମା ପାଉଥିବା ବେଳେ ସେମାନଙ୍କୁ ନୂତନ କମ୍ପାନୀ ଆଉ ୫ଶହ ଟଙ୍କା ଅଧିକା ଦେଇ ୧୫ ହଜାର ଟଙ୍କା ମାସିକ ଦେବା ପାଇଁ ଚୁକ୍ତି କରିଥିଲା । ତେବେ ପ୍ରଥମ ଦରମା ଦେବା ସମୟରେ କର୍ମଚାରୀମାନଙ୍କୁ ୧୩୭୦୦ଟଙ୍କା ପ୍ରଦାନ କରିବାରୁ କର୍ମଚାରୀମାନେ ଏହାକୁ ଗ୍ରହଣ କରିନଥିଲେ । ଏହା ସହିତ କର୍ମଚାରୀମାନେ ଅଭିଯୋଗ କରିଥିଲେ ଯେ, ଦୈନିକ ୮ ଘଣ୍ଟା ବଦଳରେ ସେମାନଙ୍କୁ ୧୨ ଘଣ୍ଟା କାମ କରିବାକୁ ବାଧ୍ୟ କରାଯାଉଛି । ସେହିପରି ସେମାନଙ୍କର ୯ମାସର ପିଏଫ ପୂର୍ବ କମ୍ପାନୀ ଜମା କରିନଥିବା ମଧ୍ୟ ମଜଦୁର ସଂଘର ଅର୍ଜୁନ ଚନ୍ଦ୍ର ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ତେବେ ଦୀର୍ଘ ୮ ଘଣ୍ଟାର ବନ୍ଦ ପରେ ଟୋଲ ପ୍ଲାଜାର ମ୍ୟାନେଜର ଚନ୍ଦ୍ର ସେଖର ସାମଲ ଠିକାଦାରଙ୍କ ସହ ଆଲୋଚନା କରି ଏହି ସମସ୍ୟାର ସମାଧାନ କରିଥିବା ଜଣାପଡିଛି । ଫଳରେ ଟୋଲ ପ୍ଲାଜାର କାର୍ଯ୍ୟ ସ୍ୱାଭାବିକ ହୋଇଛି ।

## କଳାପାଟ ଠାକୁରାଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି ବୈଠକ



ଗଣିଆ,(ମହାଭାରତ): ସିଦ୍ଧପୁରୁଷ ବାବା ରାମଦାସଙ୍କ ୭୫ ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ଗଣିଆ ନିକଟସ୍ଥ ମଣିଭଦ୍ରା ପାହାଡ଼ ପାଦଦେଶରେ ଅବସ୍ଥିତ ମା କଳାପାଟ ଠାକୁରାଣୀଙ୍କ ପୀଠରେ ନଭେମ୍ବର ୨୩ ତାରିଖ ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ ଏଥିନେଇ ନୟାଗଡ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ କରାଯାଇଥିଲା । ଉକ୍ତ ବୈଠକରେ ଜିଲ୍ଲାର ସମସ୍ତ ପ୍ରଶାସନିକ ଅଧିକାରୀ ଯୋଗଦାନ କରିଥିଲେ ଓ ସ୍ଥାନୀୟ ପରିଚାଳନା କମିଟି ଏବଂ ଟ୍ରଷ୍ଟିର ସଦସ୍ୟମାନେ ଉପସ୍ଥିତ ଥିଲେ । ସମସ୍ତ ବିଭାଗୀୟ ଅଧିକାରୀ ସମ୍ପୂର୍ଣ୍ଣ ସହଯୋଗ ଦେବାପାଇଁ ନିଜ ନିଜର ମତ ପ୍ରକାଶ କରିଛନ୍ତି। ତେବେ ଉକ୍ତ ଯାତ୍ରାରେ ଲକ୍ଷାଧିକ ଜନସମାଗମ ହେଉଥିବାରୁ ଗଣିଆ ରୁ ମା କଳାପାଟ ପୀଠ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି । ରାସ୍ତା ଖରାପ ଥିବାରୁ ଏ ନେଇ ଆଲୋଚନା ହୋଇଥିଲା ଓ ତୁରନ୍ତ ରାସ୍ତା ମରାମତି କରିବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଗତ ଦିନରେ ଗଣମାଧ୍ୟମ ରେ ଖବର ପ୍ରସାରଣ ହେବାପରେବି ସୁଧୁରି ପାରିଲା ନାହିଁ, ଉପରିସ୍ଥ ଅଧିକାରୀ ଙ୍କ କଥା ମାନୁଛି କିଏ? ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ହଜାର ହଜାର ଲୋକ ଯିବାଆସିବା କରିଥାନ୍ତି । ଯାତ୍ରା ସମୟରେ ଭକ୍ତଙ୍କ ଅବସ୍ଥା ଯାହା ହେଲେ ପ୍ରଶାସନିକ ଅଧିକାରୀଙ୍କ ବା କଣ ଯାଉଛି ? କାହିଁକି ବେଖାତିର ମନୋଭାବ ତାହା ଗଣିଆ ବାସୀ ଜାଣିବାକୁ ଚାହୁଁଛନ୍ତି। ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉ ନ ଥିବାରୁ ଅଧିକାରୀ ଙ୍କ ବେପରୁଆ ମନୋଭାବ ବଢିଯାଉଛି ତେବେ ଏଥିପାଇଁ ଦାୟୀ କିଏ ତାହା ଦେଖିବାର ବାକି ରହିଲା ? ଜନସାଧାରଣ ଙ୍କୁ ମା କଳାପାଟ ସାହା ବୋଲି ସାଧାରଣରେ ଆଲୋଚନା ହେଉଛି।

## ଜାତୀୟ ସେବା ଯୋଜନା ପକ୍ଷରୁ ପୋଷ୍ୟଗ୍ରାମରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ବାଣପୁର: ( ମହାଭାରତ ) ଗୋଦାବରୀଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଓ କ୍ୟୁଅରବେ ଇ-କ୍ଲିନିକ ର ମିଳିତ ପ୍ରୟାସରେ ଜାତୀୟ ସେବା ଯୋଜନା ର ପୋଷ୍ୟଗ୍ରାମ ରାଣୀପଡା ହରିଜନ ସାହି ରେ ମଙ୍ଗଳବାର ଦିନ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ କ୍ୟୁଅରବେ ଇ-କ୍ଲିନିକ ବାଲୁଗାଁ ଶାଖା ପରିଚାଳକ ଶ୍ରୀଯୁକ୍ତ ବିଚିତ୍ର କୁମାର ସାହୁ ଓ ଫାର୍ମାସିଷ୍ଟ ଶ୍ରୀଯୁକ୍ତ ଅନିଲ୍ କୁମାର ସାହୁ ଯୋଗଦେଇ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନଙ୍କୁ ସୁସ୍ଥ ରହିବା ପାଇଁ ପରାମର୍ଶ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଡା ଶୁରପ୍ରତାପ ନରେନ୍ଦ୍ର ସିଂହ ବର୍ମା ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିବା ସହିତ ଏହିପ୍ରକାର ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରିବାପାଇଁ ଆହ୍ୱାନ ଦେଇଥିଲେ। ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ନିକଟସ୍ଥ ଗ୍ରାମ କୁ ଯାଇ ଘର ଘର ବୁଲି ଲୋକମାନଙ୍କୁ ଶିବିର ବିଷୟରେ ଅବଗତ କରାଇବା ସହିତ ତାଙ୍କୁ ଶିବିର ପର୍ଯ୍ୟନ୍ତ ଆଣିବାରେ ମୁଖ୍ୟଭୂମିକା ଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ସଂପୂର୍ଣ୍ଣ ହେବା ପରେ ସମସ୍ତଙ୍କୁ ହାଲୁକା ସ୍ନାକ୍ସ ସହିତ ଗ୍ଲୁକୋଜ ବଣ୍ଟନ କରାଯାଇଥିଲା ।ଏହି ଦିନିକିଆ ଶିବିରରେ ପ୍ରାୟ ୫୦ ରୁ ଅଧିକ ଲୋକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ ।ଏହି କାର୍ଯ୍ୟକ୍ରମ ଟି ଗୋଦାବରୀଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ଶ୍ରୀଯୁକ୍ତ ଜୟନ୍ତ କୁମାର ବିହାରୀ ଓ ମହାବିଦ୍ୟାଳୟର ଭାରପ୍ରାପ୍ତ ମୁଖ୍ୟକିରାଣୀ ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ସାହୁଙ୍କ ମିଳିତ ପ୍ରୟାସ ରେ ସୁଚାରୁରୂପେ ସମ୍ପାଦିତ ହୋଇଥିଲା।

## ପାରାଦୀପ କଲେଜ ଏନସିସି ଓ ଆଲୁମୁନି ଆସୋସିଏସନ ସମ୍ବର୍ଦ୍ଧିତ

ପାରାଦୀପ(ମହାଭାରତ): ପାରାଦୀପ କଲେଜ ଏନସିସି ଏଲୁମୁନି ଅସୋସିଏସନ୍ ସମାଜ ସେବା ଓ ସଚେତନତା କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ପାଇଁ ବାଲିଯାତ୍ରା ମହୋତ୍ସବରେ ସମ୍ମାନିତ ହୋଇଛନ୍ତି। ଏହି ମହୋତ୍ସବ ସମୟରେ ଏନସିସି ଏବଂ ଏନସିସି ଆଲୁମୁନି ଅସୋସିଏସନ ପକ୍ଷରୁ ଡ୍ରଗ୍ସ ବିରୋଧୀ ଅଭିଯାନ, ସଡକ ସୁରକ୍ଷା ସଚେତନତା, ସାଇବର ସୁରକ୍ଷା ସଚେତନତା ଓ ଭିଜିଲାନ୍ସ ସଚେତନତା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ କରିଆସୁଛନ୍ତି । ସରକାରୀ ଯୋଜନାଗୁଡ଼ିକୁ ଲୋକଙ୍କ ମଧ୍ୟରେ ପହଞ୍ଚାଇବାରେ ମହ□ପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛନ୍ତି ।ଏହି ଅନୁଷ୍ଠାନ ନିରନ୍ତର ସମାଜ ସେବା, ବୃକ୍ଷରୋପଣ, ରକ୍ତଦାନ ଶିବିର, ଗ୍ରୀଷ୍ମକାଳରେ ଦହି-



ପାଣି ବଣ୍ଟନ ଏବଂ ପ୍ରତି ରବିବାର ସମୁଦ୍ରତଟ ସଫେଇ ଅଭିଯାନ ନିୟମିତ ବ୍ୟବଧାନରେ କରିଆସୁଛି ଯାହା ଏହି ସଂଗଠନକୁ ଅଞ୍ଚଳରେ ସମ୍ମାନ ଓ ଖ୍ୟାତି ଆଣି ଦେଇଛି। ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର କୃତଜ୍ଞତା ବ୍ୟକ୍ତ କରି କହିଛନ୍ତି ଯେ, ଏହି ସମ୍ମାନ ଆମର ସମସ୍ତ କ୍ୟାଡେଟ ଓ ଆଲୁମୁନି ସଦସ୍ୟଙ୍କୁ ଆଗାମୀ ଦିନରେ ଅଧିକରୁ ଅଧିକ ସମାଜସେବା କରିବା ପାଇଁ ପ୍ରେରିତ କରିବ। ସେ ବାଲିଯାତ୍ରା ମହୋତ୍ସବ କମିଟିର ଅଧ୍ୟକ୍ଷ ଓ ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ, ଉପାଧ୍ୟକ୍ଷ ଓ ପାରାଦୀପ ଏ.ଡି.ଏମ. ନିରଞ୍ଜନ ବେହେରା ଏବଂ ପାରାଦୀପ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏବଂ ଆସନ୍ତା ୨୧ ନଭେମ୍ବର ରେ ପାରାଦୀପ କଲେଜ ରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ପାଇଁ ଆମନ୍ତ୍ରଣ କରିଛନ୍ତି ।

# ବିହାରରେ ପୁଣି ଏନ୍‌ଡିଏ: ୧୩୦ରୁ ୧୬୭ ଆସନ ଜିତିପାରେ, ରେକର୍ଡ ୬୮.୮୮% ମତଦାନ



ନୂଆଦିଲ୍ଲୀ: ବିହାରରେ ଶାସକ ଏନ୍‌ଡିଏ ମେଣ୍ଟ ପୁଣିଥରେ ବଡ଼ ବିଜୟ ହାସଲ କରିବ। ୯ଟି ସଂସ୍ଥାର 'ବୁଥ୍ ବାହୁଡ଼ା ମତ' ଅନୁଯାୟୀ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟ ୨୦୨୫ ବିହାର ବିଧାନସଭା ନିର୍ବାଚନରେ ଐତିହାସିକ ବିଜୟ ହାସଲ କରିବ। ଅଧିକାଂଶ ଏକ୍‌ଜିଟ୍ ପୋଲ ଅନୁଯାୟୀ ନିର୍ବାଚନ ହୋଇଥିବା ୨୪୩ ଆସନରୁ ଏନ୍‌ଡିଏ ମେଣ୍ଟ ୧୩୦ରୁ ୧୬୭ ଆସନରେ ଜିତିବ। ଏହାର ଫଳସ୍ୱରୂପ ଆର୍‌ଜେଡି-କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମହାମେଣ୍ଟର ବିହାରରେ କ୍ଷମତାକୁ ଫେରିବା ସ୍ୱପ୍ନ ସାକାର ହେବନାହିଁ। ମହାମେଣ୍ଟକୁ ୭୦ରୁ ୧୦୮ ଆସନ ମିଳିବ ବୋଲି ଏକ୍‌ଜିଟ ପୋଲ୍‌ରେ ଆକଳନ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି(ଜେଏସ୍‌ପି) ବିହାର ନିର୍ବାଚନରେ କୌଣସି ପ୍ରଭାବ ପକାଇ ପାରିନାହିଁ। ଜନ ସୁରାଜ ପାର୍ଟି କିଙ୍ଗ୍ ମେକର ହେବ ବୋଲି ବିବେଚନା କରାଯାଉଥିଲା। କିନ୍ତୁ ବିହାର ନିର୍ବାଚନରେ କିଶୋରଙ୍କ ଦଳ କୌଣସି ବିଶେଷ ସଫଳତା ହାସଲ କରିବ ନାହିଁ ବୋଲି ପ୍ରାୟ ସମସ୍ତ ଏକ୍‌ଜିଟ୍ ପୋଲ କହୁଛି। ଅଧିକାଂଶ ସଂସ୍ଥା ଜନ ସୁରାଜ ପାର୍ଟିକୁ ୦-୫ ଆସନ ଦେଇଛନ୍ତି।

ଦୈନିକ ଭାସ୍କର ବୁଥ୍ ବାହୁଡ଼ା ମତ ଅନୁଯାୟୀ ଏନ୍‌ଡିଏ ୧୪୫ରୁ ୧୬୦ ଆସନରେ ବିଜୟୀ ହେବ ଏବଂ ମହାମେଣ୍ଟ ୭୩ରୁ ୯୧ ଆସନ ଜିତିବ। ମାଟ୍ରିଜ୍ ଆକଳନ ଅନୁଯାୟୀ ଏନ୍‌ଡିଏକୁ ୧୪୭ରୁ ୧୬୭ ଆସନ ଏବଂ ମହାମେଣ୍ଟକୁ ୭୦ରୁ୯୦ ଆସନ ମିଳିବ। ପିପୁଲ୍ସ ଇନ୍‌ସାଇଟ୍ ଏବଂ ପିପୁଲ୍ସ ପଲ୍ସ ବୁଥ ବାହୁଡ଼ା ମତ ମଧ୍ୟ ବିଜେପି ଏବଂ ଜେଡିୟୁ ପୁଣିଥରେ କ୍ଷମତାକୁ ଫେରିବ ବୋଲି କହିଛି। ପିପୁଲ୍ସ ଇନସାଇଟ୍ ଏନ୍‌ଡିଏ ମେଣ୍ଟକୁ ୧୩୩ରୁ ୧୪୮ ଆସନ ଏବଂ ମହାମେଣ୍ଟକୁ ୮୭-୧୦୨ ଆସନରେ ବିଜୟ ମିଳିବ ବୋଲି ଆକଳନ କରିଛି। ପିପୁଲ୍ସ ପଲ୍ସ ପୋଲ୍ କହିଛି ଯେ ଏନ୍‌ଡିଏ ମେଣ୍ଟ ୧୩୩ରୁ ୧୫୯ ଆସନ ଏବଂ ମହାମେଣ୍ଟ ୭୫-୧୦୧ ଆସନରେ ଜିତିବ । ଜେଭିସି ଅନୁଯାୟୀ ଏନ୍‌ଡିଏ ୧୩୫ରୁ ୧୫୦ ଆସନରେ ଜିତିବ ଏବଂ ମହାମେଣ୍ଟ ୮୮ରୁ ୧୦୩ ଆସନରେ ଜିତିବ। ପି-ମାର୍କ ଏନ୍‌ଡିଏ ମେଣ୍ଟ ୧୪୨-୧୬୨, ମହାମେଣ୍ଟ ୮୦-୯୮, ଜନ ସୁରାଜ ପାର୍ଟି ୧-୪ ଏବଂ ଅନ୍ୟାନ୍ୟ ୧୦ ଆସନରେ ଜିତିବ ବୋଲି ଆକଳନ କରିଛି। ପୋଲଷ୍ଟ୍ରାଟ୍ ବୁଥ୍ ବାହୁଡ଼ା ମତ ଅନୁଯାୟୀ ଏନଡିଏ ମେଣ୍ଟ ୧୩୩ରୁ ୧୪୮ ଆସନ , ମହାମେଣ୍ଟ ୮୭ରୁ ୧୦୨ ଏବଂ ଅନ୍ୟାନ୍ୟ ୩ରୁ ୫ ଆସନରେ ଜିତିବେ। ଡିବି ରିସର୍ଚ୍ଚ ବୁଥ୍ ବାହୁଡ଼ା ମତ ଏନଡିଏକୁ ୧୩୭ରୁ ୧୫୨ ଏବଂ ମହାମେଣ୍ଟକୁ ୮୩-୯୮ ଆସନ ଦେଇଛି। ଚାଣକ୍ୟ ଷ୍ଟ୍ରାଟେଜିସ୍ ଏନ୍‌ଡିଏ ମେଣ୍ଟକୁ ୧୩୦ରୁ ୧୩୮ ଏବଂ ମହାମେଣ୍ଟ ୧୦୦ରୁ ୧୦୮ ଆସନରେ ଜିତିବ ବୋଲି ଆକଳନ କରିଛି।

ଏକ୍‌ଜିଟ୍ ପୋଲ ଆକଳନରୁ ଜଣାପଡ଼ିଛି ଯେ ବିହାରରେ ବିଜେପି ଏକକ ବୃହତ୍ତମ ଦଳ ହେବ। ଦୈନିକ ଭାସ୍କର ଏକଜିଟ୍ ପୋଲ୍ ଅନୁଯାୟୀ ପ୍ରଶାନ୍ତ କିଶୋରଙ୍କୁ ବିହାରରେ ଶୂନ ଆସନ ମିଳିବ। ମାଟ୍ରିଜ୍ ଏବଂ ପିପୁଲ୍ସ ଇନସାଇଟ୍ କିଶୋରଙ୍କ ପାଇଁ ସର୍ବାଧିକ ୨ଟି ଆସନ ଆକଳନ କରିଛନ୍ତି। ତେବେ ପିପୁଲ୍ସ ପଲ୍ସ ପ୍ରଶାନ୍ତ କିଶୋରଙ୍କୁ ୫ଟି ଆସନ ଦେଇଛି। ଜେଭିସି ଜନ ସୁରାଜ ମାତ୍ର ଗୋଟିଏ ଆସନରେ ଜିତିବ ବୋଲି ଆକଳନ କରିଛି। ଉଲ୍ଲେଖଯୋଗ୍ୟ, ବିହାରରେ ୨୪୩ ଆସନରେ ଭୋଟ୍ ଗ୍ରହଣ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧୨୧ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୨୨ ଆସନରେ ଭୋଟ୍ ଗ୍ରହଣ ହୋଇଛି। ନଭେମ୍ବର ୧୪ରେ ଫଳାଫଳ ଆସିବ।

ପାଟନା: ବିହାରରେ ଚୂଡ଼ାନ୍ତ ପର୍ଯ୍ୟାୟ ମତଦାନ ଆଜି ସନ୍ଧ୍ୟା ୬ଟାରେ ଶେଷ ହୋଇଛି। ନିର୍ବାଚନ କମିସନଙ୍କ ତଥ୍ୟ ଅନୁଯାୟୀ ସନ୍ଧ୍ୟା ୫ଟା ସୁଦ୍ଧା ମତଦାନ ପ୍ରତିଶତ ୬୮.୮୮ ରହିଛି। ଏହା ହେଉଛି ବିହାରରେ ରେକର୍ଡ ମତଦାନ। କିଶନଗଞ୍ଜରେ ସର୍ବାଧିକ ମତଦାନ ପ୍ରତିଶତ ୭୬.୨୬ ଥିବାବେଳେ କଟିହାରରେ ୭୫.୨୩ ପ୍ରତିଶତ, ପୁର୍ନିଆରେ ୭୩.୭୯ ପ୍ରତିଶତ ରହିଛି। ଦିଲ୍ଲୀ ବିସ୍ଫୋରଣକୁ ଦୃଷ୍ଟିରେ ରଖି ଆଜି ବିହାରରେ ନେପାଳ ସହ ସୀମା ବନ୍ଦ କରାଯାଇଥିଲା। ବିହାର ପୁଲିସ ଡିଜି ବିନୟ କୁମାର କହିଛନ୍ତି, ଶାନ୍ତିପୂର୍ଣ୍ଣ ନିର୍ବାଚନ ସୁନିଶ୍ଚିତ କରିବାପାଇଁ ଏହି କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥିଲା। ଶେଷ ପର୍ଯ୍ୟାୟରେ ଆଜି ୧୨୨ ଆସନରେ ଭୋଟ୍ ଗ୍ରହଣ ହୋଇଥିବା ବେଳେ ଏହି ପର୍ଯ୍ୟାୟରେ ୧୩୦୨ ପ୍ରାର୍ଥୀ ନିର୍ବାଚନ ଲଢ଼ିଛନ୍ତି। ଏଥି ମଧ୍ୟରୁ ୧୩୬ ଜଣ ମହିଳା ପ୍ରାର୍ଥୀ ଅଛନ୍ତି। ୪୫,୩୯୯ ବୁଥ୍‌ରେ ଆଜି ଭୋଟ୍ ଗ୍ରହଣ ହୋଇଛି। ଏହି ପର୍ଯ୍ୟାୟରେ ଯୋଗ୍ୟ ଭୋଟର ସଂଖ୍ୟା ୩.୭୦ କୋଟି ଏବଂ ଏଥି ମଧ୍ୟରୁ ୧.୯୫ କୋଟି ହେଉଛନ୍ତି ପୁରୁଷ ଏବଂ ୧.୭୪ କୋଟି ହେଉଛନ୍ତି ମହିଳା। ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ କ୍ୟାବିନେଟର ୧୨ ଜଣ ମନ୍ତ୍ରୀ ଶେଷ ପର୍ଯ୍ୟାୟରେ ନିର୍ବାଚନ ଲଢୁଥିଲେ। ଆଜି ମୋତିହାରୀ ନିର୍ବାଚନମଣ୍ଡଳୀରେ ବିଭିନ୍ନ ସ୍ଥାନରେ ୨ ଜଣ ଲୋକ ବିଜେପି ଚିହ୍ନ ଦେଖାଇବା ଘଟଣାରେ ଗିରଫ ହୋଇଛନ୍ତି। ଇତିମଧ୍ୟରେ ବିଜେପି ଆରଜେଡି ବିରୋଧରେ ଅଭିଯୋଗ କରିଛି। ଆରଜେଡି ବିଭ୍ରାନ୍ତିକର ସୋସିଆଲ ମିଡିଆ ପୋଷ୍ଟ କରି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଛି ବୋଲି ବିଜେପି ଅଭିଯୋଗ କରିଛି।

# ଆତ୍ମଘାତୀ ବିସ୍ଫୋରଣ ପଛରେ ଜୈସ ସ୍ଲିପର ସେଲ୍





ନୂଆଦିଲ୍ଲୀ: ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ନିକଟରେ ଗତକାଲି ସନ୍ଧ୍ୟାରେ ହୋଇଥିବା ଭୟାନକ ବିସ୍ଫୋରଣ ଏକ ଆତ୍ମଘାତୀ ଆତଙ୍କୀ ଆକ୍ରମଣ ବୋଲି ଆଜି ଦିଲ୍ଲୀ ପୁଲିସ ସ୍ପଷ୍ଟ କରିଛି। ପାକିସ୍ତାନରୁ ପରିଚାଳିତ ହେଉଥିବା ଆତଙ୍କବାଦୀ ସଙ୍ଗଠନ ଜୈସ-ଏ-ମହମ୍ମଦର ଫରିଦାବାଦ ମଡ୍ୟୁଲ୍ ଏହି ଆକ୍ରମଣ କରିଛି ବୋଲି ତଦନ୍ତରୁ ଜଣାପଡ଼ିଛି। ଜୈସର ସ୍ଲିପର ସେଲ୍ ଆତଙ୍କୀମାନେ ବିପୁଳ ପରିମାଣର ଆମୋନିୟମ୍ ନାଇଟ୍ରେଟ୍ ଏବଂ ଡିଟୋନେଟର ବ୍ୟବହାର କରି ଏହି ବିସ୍ଫୋରଣ ଘଟାଇଛନ୍ତି। ଆମୋନିୟମ୍ ନାଇଟ୍ରେଟ୍‌କୁ ଏଭଳି ପ୍ରଚଣ୍ଡ ଅସ୍ତ୍ରରେ ପରିଣତ କରି ଆତ୍ମଘାତୀ ଆକ୍ରମଣ କରାଯିବା ଭାରତରେ ପ୍ରଥମ ବୋଲି କୁହାଯାଇଛି।

ଆଜି ସୁରକ୍ଷା ଏଜେନ୍ସିମାନେ ଆନ୍ତଃରାଜ୍ୟ ଆତଙ୍କବାଦୀ ମଡ୍ୟୁଲ୍ ?ର ପରିବହନ ଏବଂ ସାମଗ୍ରୀ ହାସଲ କରାଯିବା ନେଟ୍‌ୱର୍କକୁ ଠାବ କରିବା ପାଇଁ ବଡ଼ଧରଣର ପ୍ରୟାସ ଆରମ୍ଭ କରିଛନ୍ତି। ଦିଲ୍ଲୀ, ହରିୟାଣା, ଉତ୍ତରପ୍ରଦେଶ, ଗୁଜରାଟ ଏବଂ ଜମ୍ମୁକାଶ୍ମୀରର ଅନେକ ସ୍ଥାନରେ ଚଢ଼ଉ ଜାରି ରହିଥିବା ବେଳେ ୨୦ରୁ ଅଧିକ ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇଛି। କାର୍ ବିସ୍ଫୋରଣର ତଦନ୍ତ ଆଜି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)। ଗ୍ରହଣ କରିଛି। କେନ୍ଦ୍ର ଗୃହ ମନ୍ତ୍ରାଳୟ ଏହି ନିଷ୍ପତ୍ତି ନେଇ ତଦନ୍ତ ଦାୟିତ୍ୱ ଏନ୍‌ଆଇଏକୁ ହସ୍ତାନ୍ତର କରିଛି। ଗୃହମନ୍ତ୍ରୀ ଅମିତ ଶାହ ଆଜି ଏକ ଉଚ୍ଚସ୍ତରୀୟ ବୈଠକ କରି ଏହି ନିଷ୍ପତ୍ତି ଘୋଷଣା କରିଥିଲେ। ବର୍ତ୍ତମାନ ତଦନ୍ତକାରୀ ସଂସ୍ଥା ଘଟଣାସ୍ଥଳରୁ ବିସ୍ଫୋରଣ ସମ୍ପର୍କରେ ସୂଚନା ସଂଗ୍ରହ କରୁଛନ୍ତି। ଗୃହମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ସୁରକ୍ଷା ସମୀକ୍ଷା ବୈଠକରେ କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ, ଇଣ୍ଟେଲିଜେନ୍ସ ବ୍ୟୁରୋ (ଆଇବି) ନିର୍ଦ୍ଦେଶକ ତପନ ଡେକା, ଦିଲ୍ଲୀ ପୁଲିସ କମିସନର ସତୀଶ ଗୋଲଚା ଏବଂ ଏନ୍‌ଆଇଏ ମହାନିର୍ଦ୍ଦେଶକ ସଦାନନ୍ଦ ବସନ୍ତ ଦାତେ ଯୋଗ ଦେଇଥିଲେ।

ଦିଲ୍ଲୀ ପୁଲିସ ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନ ଓ ବିସ୍ଫୋରକ ଆଇନର ଧାରା ଅନୁଯାୟୀ ଏଫ୍‌ଆଇଆର୍ ରୁଜୁ କରିଛି। ଏହା ବ୍ୟତୀତ ଜାତୀୟ ରାଜଧାନୀର ଅନେକ ସ୍ଥାନରେ ଚଢ଼ଉ କରାଯାଇଛି। ପ୍ରାଥମିକ ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ଲାଲକିଲ୍ଲା ନିକଟରେ ବିସ୍ଫୋରଣ ଘଟିଥିବା କାର୍‌ର ଚାଳକ ଫରିଦାବାଦ ଆତଙ୍କବାଦୀ ମଡ୍ୟୁଲ୍‌ର ଅନ୍ୟତମ ମୁଖ୍ୟ ସଂଚାଳକ ଥିଲା ବୋଲି ପ୍ରମାଣ ମିଳିଛି।

ସୂଚନା ମୁତାବକ, ପୁଲୱାମା ବାସିନ୍ଦା ତଥା ପେସାରେ ଡାକ୍ତର ମହମ୍ମଦ ଉମର ଲାଲକିଲ୍ଲା ମେଟ୍ରୋ ଷ୍ଟେସନ ନିକଟସ୍ଥ ପାର୍କିଂ ଅଞ୍ଚଳରେ ବିସ୍ଫୋରଣରେ ବ୍ୟବହୃତ ହୁଣ୍ଡାଇ ଆଇ-୨୦ କାର୍ ଚଳାଉଥିଲେ। ଲାଲକିଲ୍ଲା ନିକଟରେ ବିସ୍ଫୋରଣ ଘଟିଥିବା କାର୍ ଚଳାଉଥିବା ବ୍ୟକ୍ତିର ପ୍ରଥମ ଫଟୋ ସେହି ଅଞ୍ଚଳର ସିସିଟିଭି ଫୁଟେଜରେ ସାମନାକୁ ଆସିବା ପରେ ଖୋଳତାଡ଼ରୁ ତା'ର ପରିଚୟ ମିଳିଥିଲା। ବିସ୍ଫୋରଣ ପୂର୍ବରୁ ପ୍ରାୟ ୧୧ ଘଣ୍ଟା ଧରି ମହମ୍ମଦ ଉମରର ଗତିବିଧି ସଂକ୍ରାନ୍ତ ଅନେକ ପ୍ରମାଣ ହସ୍ତଗତ ହୋଇଛି। ତଦନ୍ତକାରୀ ସଂସ୍ଥାମାନେ ଉକ୍ତ କାର୍ର ଚାଳକ ଫରିଦାବାଦ ଅଲ୍ ଫଲାହ ହସ୍ପିଟାଲର ଡାକ୍ତର ମହମ୍ମଦ ଉମର (ଉମର ନବୀ) ବୋଲି ସ୍ପଷ୍ଟ କରିଛନ୍ତି। ଉମର ଓ ତା'ର ସହଯୋଗୀମାନେ ବିପୁଳ ପରିମାଣର ଆମୋନିୟମ୍ ନାଇଟ୍ରେଟ୍ ବ୍ୟବହାର କରି ଏହାକୁ ଏକ ଭୟାନକ କାର୍ର ବିସ୍ଫୋରଣର ମାଧ୍ୟମ କରିଥିଲେ।

ଆମୋନିୟମ୍ ନାଇଟ୍ରେଟ୍ ଓ ଡିଟୋନେଟର ବ୍ୟବହାର ପ୍ରମାଣ ମିଳିଲା

ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣରେ ଆମୋନିୟମ୍ ନାଇଟ୍ରେଟ୍, ଇନ୍ଧନ ତେଲ ଓ ଡିଟୋନେଟର ବ୍ୟବହାର ହୋଇଛି। ପ୍ରାଥମିକ ତଦନ୍ତରୁ ଦିଲ୍ଲୀ ବିସ୍ଫୋରଣ ଓ ଫରିଦାବାଦ ଆତଙ୍କୀ ମଡ୍ୟୁଲ୍ ମଧ୍ୟରେ ଲିଙ୍କ୍ ଥିବା ନେଇ ସୂଚନା ମିଳିଛି, ଯେଉଁଠାରୁ ୩୬୦ କିଲୋଗ୍ରାମ୍ ଆମୋନିୟମ୍ ନାଇଟ୍ରେଟ୍ ଜବତ କରାଯାଇଥିଲା। ସୋମବାର ସନ୍ଧ୍ୟାରେ ଜାତୀୟ ରାଜଧାନୀରେ ଏକ ବିସ୍ଫୋରଣରେ ଅତି କମ୍‌ରେ ୧୨ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୨୫ ଜଣ ଆହତ ହୋଇଛନ୍ତି। ଅଧିକାରୀମାନେ କହିଛନ୍ତି ଯେ, ବିସ୍ଫୋରଣ ସମୟରେ କାରଟି ଧୀର ବେଗରେ ଗତି କରୁଥିଲା ଏବଂ ଲାଲକିଲ୍ଲା ନିକଟରେ ଏକ ଟ୍ରାଫିକ୍ ସିଗନାଲରେ ଅଟକିବା ପରେ ବିସ୍ଫୋରଣ ହୋଇଥିଲା, ଯାହାଫଳରେ ଆଖପାଖରେ ଥିବା ଅନେକ ଗାଡ଼ି ଜଳିଯାଇଥିଲା।

# ଜୈସର ମହିଳା ଶାଖା ଦାୟିତ୍ୱରେ ଥିଲେ ଗିରଫ ୟୁପି ଡାକ୍ତର



ନୂଆଦିଲ୍ଲୀ: ଦିଲ୍ଲୀ ନିକଟସ୍ଥ ଫରିଦାବାଦରେ ବିପୁଳ ବିସ୍ଫୋରକ ଜବତ ମାମଲାରେ ଗିରଫ ହୋଇଥିବା ଲକ୍ଷ୍ନୌର ଜଣେ ମହିଳା ଡାକ୍ତର ଶାହୀନ୍ ଶାହିଦଙ୍କୁ ଭାରତରେ ପାକିସ୍ତାନର ଆତଙ୍କବାଦୀ ସଂଗଠନ ଜୈସ-ଏ-ମହମ୍ମଦର ମହିଳା ଶାଖା ପ୍ରତିଷ୍ଠା ଦାୟିତ୍ୱ ଦିଆଯାଇଥିଲା। ଏହି ସଂଗଠନର ମୁଖ୍ୟ ହେଉଛି ଜେଇଏମ୍ ପ୍ରତିଷ୍ଠାତା ମାସୁଦ ଆଝାରର ଭଉଣୀ ସାଦିଆ ଆଝାର। ସାଦିଆର ସ୍ୱାମୀ ୟୁସୁଫ୍ ଆଝାର କାନ୍ଦାହାର ଅପହରଣର ମାଷ୍ଟରମାଇଣ୍ଡ ଥିଲା ଏବଂ ମେ ୭ରେ ଅପରେସନ୍ ସିନ୍ଦୂର ସମୟରେ ତାର ମୃତ୍ୟୁ ହୋଇଥିଲା। ଶାହୀନ୍ ଶାହିଦ୍ ଲକ୍ଷ୍ନୌର ଲାଲ୍ ବାଗର ବାସିନ୍ଦା। ଫରିଦାବାଦରେ ଜେଇଏମ୍‌ର ଆତଙ୍କବାଦୀ ମଡ୍ୟୁଲ୍‌ର ପର୍ଦ୍ଦାଫାସ ହେବା ପରେ ତାକୁ ଗିରଫ କରାଯାଇଥିଲା ଏବଂ ତା' କାରରୁ ଏକ ଆସଲ୍ଟ ରାଇଫଲ୍ ଜବତ କରାଯାଇଥିଲା। ଶାହୀନ୍ ଅଲ୍-ଫଲାହ ବିଶ୍ୱବିଦ୍ୟାଳୟର ଅଂଶ ଏବଂ ଫରିଦାବାଦରେ ଦୁଇଟି ଭଡ଼ା କୋଠରିରୁ ୨,୯୦୦ କିଲୋଗ୍ରାମ୍ ବିସ୍ଫୋରକ ଓ ଦହନ ସାମଗ୍ରୀ ଜବତ ମାମଲାରେ ଗିରଫ ହୋଇଥିବା କାଶ୍ମୀରୀ ଡାକ୍ତର ମୁଜାମିଲ୍ ଗନାଇ ଓରଫ୍ ମୁସାଇବ ସହ ତା'ର ଘନିଷ୍ଠ ସମ୍ପର୍କ ଥିବା ଜଣାଯାଇଛି। ଜମ୍ମୁ-କାଶ୍ମୀର ପୁଲୱାମାର ମୂଳ ବାସିନ୍ଦା ମୁଜାମିଲ୍ ଦିଲ୍ଲୀଠାରୁ ପ୍ରାୟ ୪୫ କିଲୋମିଟର ଦୂରରେ ଥିବା ଧୌଜସ୍ଥିତ ଅଲ୍ ଫଲାହ ବିଶ୍ୱବିଦ୍ୟାଳୟରେ ଡାକ୍ତର ଥିଲା। ଜୈସ-ଏ-ମହମ୍ମଦର ସମର୍ଥନରେ ଶ୍ରୀନଗରରେ ଲଗାଯାଇଥିବା ପୋଷ୍ଟର ସହ ଜଡିତ ମାମଲାରେ ଜମ୍ମୁ-କାଶ୍ମୀର ପୁଲିସ ତାକୁ ୱାଣ୍ଟେଡ୍ ପର୍ସନ୍ ଭାବରେ ନାମିତ କରିବା ପରେ ତାକୁ ଗିରଫ କରାଯାଇଥିଲା। ଅନୁସନ୍ଧାନକାରୀମାନେ ଜାଣିବାକୁ ପାଇଛନ୍ତି ଯେ ଏକ ଆସଲ୍ଟ ରାଇଫଲ, ପିସ୍ତଲ ଓ ଗୁଳିଗୋଳା ରଖିବା ପାଇଁ ବ୍ୟବହୃତ ଏକ କାର୍ ଶାହୀନ ଶାହିଦର ଥିଲା। ପୁଲିସ ମୁଜାମିଲ୍ ?କୁ ପଚରାଉଚରା କରିବା ପରେ ଫରିଦାବାଦର କୋଡ୍ ଏଚ୍‌ଆର୍-୫୧ ସହିତ ଲାଇସେନ୍ସ ପ୍ଲେଟ୍ ଥିବା ମାରୁତି ସୁଜୁକି ସ୍ୱିଫ୍ଟକୁ ଖୋଜାଯାଇଥିଲା। ତା'ର ସୂଚନା ପୁଲିସକୁ ଆମୋନିୟମ୍ ନାଇଟ୍ରେଟ୍, ୨୦ ଟାଇମର୍ ଓ ଅନ୍ୟାନ୍ୟ ବିସ୍ଫୋରକ ସାମଗ୍ରୀର ଏକ ବିପୁଳ ଭଣ୍ଡାର ଖୋଜିବାରେ ସାହାଯ୍ୟ କରିଥିଲା। ଭାରତର ଅପରେସନ୍ ସିନ୍ଦୂର ସମୟରେ ବିରାଟ ଝଟକା ଖାଇଥିବା ଜୈସ-ଏ-ମହମ୍ମଦ ଭାରତ ସମେତ ଅନ୍ୟ ଦେଶରେ ଏହାର ପଦଚିହ୍ନକୁ ପୁନର୍ଜୀବିତ କରିବା ପାଇଁ ଉଦ୍ୟମ ଜୋରଦାର କରିଥିଲା ଏବଂ ଅକ୍ଟୋବରରେ ଜମାତ-ଉଲ୍-ମୋମିନାତ ନାମକ ଏହାର ପ୍ରଥମ ମହିଳା ଶାଖା ଗଠନ କରିବାକୁ ଘୋଷଣା କରିଥିଲା। ମିଳିଥିବା ସୂଚନା ମୁତାବକ, ଅକ୍ଟୋବର ୮ ତାରିଖରୁ ପାକିସ୍ତାନର ବାହାବଲପୁରସ୍ଥିତ ମର୍କଜ ଉସମାନ୍-ଓ-ଅଲ୍ଲୀରେ ନୂତନ ୟୁନିଟ୍ ପାଇଁ ନିଯୁକ୍ତି ଆରମ୍ଭ ହୋଇଥିଲା। ମାସୁଦ ଆଝାରର ଭଉଣୀ ସାଦିଆ ଆଝାର ଏହି ଗୋଷ୍ଠୀର ନେତୃତ୍ୱ ନେଉଛି। ବିଶେଷ କରି ବାହାବଲପୁର, କରାଚି, ମୁଜାଫରାବାଦ, କୋଟଲି, ହରିପୁର ଓ ମାନସେରାରେ ଥିବା ଜୈସ କମାଣ୍ଡରଙ୍କ ପତ୍ନୀ ତଥା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାମାନଙ୍କୁ ଏଥିରେ ନିଯୁକ୍ତି ଦିଆଯାଉଛି।

## ଇସଲାମବାଦ କୋର୍ଟ ବାହାରେ ବିସ୍ଫୋରଣ

ଇସଲାମବାଦ : ପାକିସ୍ତାନର ରାଜଧାନୀ ଇସଲାମବାଦର ଜିଲ୍ଲା କୋର୍ଟ ବାହାରେ ଭୟଙ୍କର ବିସ୍ଫୋରଣ ହୋଇଛି । ବିସ୍ଫୋରଣରେ ଅତିକମରେ ୯ ଜଣଙ୍କ ଜୀବନ ଚାଲିଯାଇଥିବା ବେଳେ ୨୧ ଜଣ ଆହତ ହୋଇଛନ୍ତି । କୋର୍ଟ ପରିସରରେ ଥିବା ପାର୍କିଂ ଗାଡିରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଥିବା ପ୍ରାରମ୍ଭିକ ସୂଚନା ମିଳିଛି । କୋର୍ଟ ପରିସରରେ ଉଦ୍ଧାରକାରୀ ଟିମ୍ ପହଞ୍ଚିଛି । ଖବର ମୁତାବକ, ଇସଲାମବାଦ କୋର୍ଟ ପରିସରରେ ପାର୍କିଂ ସ୍ଥାନରେ ଥିବା ଏକ କାରରେ ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ପୋଲିସ ଲାଇନ୍ସ ମୁଖ୍ୟାଳୟ ପର୍ଯ୍ୟନ୍ତ ଶୁଣାଯାଇଥିଲା । ବିସ୍ଫୋରଣ ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା । ଘଟଣା ସ୍ଥଳରେ ଉଦ୍ଧାରକାରୀ ଦଳ ଏବଂ ସୁରକ୍ଷା କର୍ମୀ ପହଞ୍ଚିଛନ୍ତି । ବୋମା ନିଷ୍କ୍ରିୟକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚିଛନ୍ତି । ପାର୍କରେ ଥିବା ଅନ୍ୟ ଗାଡ଼ିକ୍ଷତିଗ୍ରସ୍ତ ହୋଇଛି । ସମସ୍ତ ଆହତଙ୍କୁ ପାକିସ୍ତାନର ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇସେନ୍ସଜ ହସପିଟାଲରେ ଭର୍ତ୍ତି କରାଯାଇଛି । ଏଠାରେ ଚିକିତ୍ସା ଜାରି ରହିଛି । ସୁରକ୍ଷା ଏଜେନ୍ସି ସ୍ଥାନୀୟ ଅଞ୍ଚଳକୁ ସିଲ୍ କରିଦେଇଛନ୍ତି । ପୋଲିସ ତଲାସୀ ଅଭିଯାନ ଆରମ୍ଭ କରିଛି ।

# ତୁର୍କୀର ସାମରିକ କାର୍ଗୋ ବିମାନ ଜର୍ଜିଆରେ ଦୁର୍ଘଟଣାଗ୍ରସ୍ତ; ୨୦ ମୃତ ଆଶଙ୍କା

ଅଙ୍କାରା: ତୁର୍କୀର ସି-୧୩୦ ସାମରିକ କାର୍ଗୋ ବିମାନ ଆଜି ଜର୍ଜିଆରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ସି-୧୩୦ ବିମାନ ଆଜି ଅଜରବେ ?ଜନରୁ ଉଡ଼ାଣ କରି ତୁର୍କୀକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଛି। ତୁର୍କୀ ପ୍ରତିରକ୍ଷା ମନ୍ତ୍ରାଳୟ ଏକ୍ସରେ ଏକ ପୋଷ୍ଟ୍ କରି ଏନେଇ ସୂଚନା ଦେଇଛି। ଦୁର୍ଘଟଣା ସମୟରେ ବିମାନରେ ୨୦ ଜଣ ଥିଲେ ଏବଂ ସମସ୍ତଙ୍କର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି।

ତୁର୍କୀ ରାଷ୍ଟ୍ରପତି ରେସିପ ତାୟିପ ଏର୍ଦୋଗାନ ମୃତକଙ୍କ ପାଇଁ ଶୋକ ପ୍ରକାଶ କରିଥିବା ବେଳେ କୌଣସି ମୃତ୍ୟୁ ସଂଖ୍ୟା କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ପଷ୍ଟ କରାଯାଇନାହିଁ। ଉଦ୍ଧାର ଅପରେସନ୍ ଜାରି ରହିଛି। ଅଜରବେ ଜନ ଏବଂ ଜର୍ଜିଆ କର୍ତ୍ତୃପକ୍ଷଙ୍କ ସହଯୋଗରେ ଏକ ସର୍ଚ୍ଚ ଏବଂ ଉଦ୍ଧାର ଅପରେସନ୍ ଆରମ୍ଭ ହୋଇଛି ବୋଲି ମନ୍ତ୍ରାଳୟ କହିଛି। ଜର୍ଜିଆ ଆଭ୍ୟନ୍ତରୀଣ ମନ୍ତ୍ରାଳୟ ଅନୁଯାୟୀ ଜର୍ଜିଆର ସିଙ୍ଘାଘି ଅଂଚଳରେ ବିମାନ ଦୁର୍ଘଟଣା ହୋଇଛି। ଅଜରବେ ଜନ ସୀମା ନିକଟରେ ଦୁର୍ଘଟଣା ହୋଇଛି। ଉକ୍ତ ଘଟଣା ?ରେ ତଦନ୍ତ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି।

# ବିସ୍ଫୋରଣ ପରେ ଲାଲ କିଲ୍ଲା ଗେଟ୍ ଏବଂ ମେଟ୍ରୋ ଷ୍ଟେସନ ବନ୍ଦ



ନୂଆଦିଲ୍ଲୀ : ବର୍ତ୍ତମାନ ଦିଲ୍ଲୀ ଲାଲ୍ କିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣ ଚହଳ ସୃଷ୍ଟି କରିଛି । ମୃତ୍ୟୁ ସଂଖ୍ୟା ବଢ଼ିବାରେ ମଧ୍ୟ ଲାଗିଛି । ଏହାରି ମଧ୍ୟରେ ଲାଲ କିଲ୍ଲା ଗେଟ୍ ଏବଂ ମେଟ୍ରୋ ଷ୍ଟେସନକୁ ନେଇ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି । ସୂଚନାନୁଯାୟୀ, ଲାଲକିଲ୍ଲାର ମେଟ୍ରୋ ଗେଟ୍ ୧ ଏବଂ ଗେଟ୍ ୪ କୁ ବନ୍ଦ କରିଦିଆଯାଇଛି । ଏଥିସହ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଘଟଣାସ୍ଥଳକୁ ଘେରାଉ କରିଛି । ସମସ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତି ନିଆଯାଇଛି । ଚଟ୍ଟା କଟରୁ ସୁଭାଷ ରୋଡକୁ ଯିବାକୁ ଅନୁମତି ଦିଆଯିବ ନାହିଁ । ଏହି କଟକଣା ସକାଳ ୬ଟାରୁ ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ବଳବତ୍ତର ରହିବ । ଯାତ୍ରୀମାନଙ୍କୁ ଅନ୍ୟ ବିକଳ୍ପ ରାସ୍ତାକୁ ବ୍ୟବହାର କରିବାକୁ ପରାମର୍ଶ ଦେଇଛି ଦିଲ୍ଲୀ ଟ୍ରାଫିକ ପୋଲିସ । ଏହି ଘଟଣା ପରେ ୩ ଦିନ ପାଇଁ ଲାଲକିଲ୍ଲାକୁ ବନ୍ଦ କରିବାକୁ ଇଝଓ ନିଷ୍ପତ୍ତି ନେଇଛି । ଅନ୍ୟପଟେ ଆଇଜିଆଇ ବିମାନବନ୍ଦର, ଇଣ୍ଡିଆ ଗେଟ୍, ସାଂସଦ ଭବନ ଏବଂ ସୀମାବର୍ତ୍ତୀ ଅଞ୍ଚଳଗୁଡିକରେ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ପୋଲିସ ଲୋକଙ୍କୁ ସେକୌଣସି ସନ୍ଦିଗ୍ଧ ଜିନିଷ କିମ୍ବା କାର୍ଯ୍ୟକଳାପ ସମ୍ପର୍କରେ ତୁରନ୍ତ ରିପୋର୍ଟ କରିବାକୁ ଅନୁରୋଧ କରିଛି ।

# ଡାଇମଣ୍ଡ ଗାର୍ଲ ଖୁସିଙ୍କ ମୃତ୍ୟୁ ପଛରେ ପ୍ରେମିକର ହାତ ଥିବା ଅଭିଯୋଗ





ଭୋପାଳ : ଛୋଟ ସହରରୁ ଆସି ମଡେଲିଂ କ୍ୟାରିଅରକୁ ବାଛିଥିଲେ ଖୁସି ଅହିରୱାର । କିନ୍ତୁ ତାଙ୍କ ସ୍ୱପ୍ନରେ ଯେମିତି କାହା ନଜର ଲାଗିଗଲା । କେଜାଣି କେମିତି ହଠାତ ଖୁସିଙ୍କ ଜୀବନ ଚାଲିଗଲା । ରହସ୍ୟଜନକ ଭାବେ ଖୁସିଙ୍କ ମୃତ୍ୟୁ ପରେ ଏବେ ପୋଲିସ ବି ଠୋସ୍ ପ୍ରମାଣ ଖୋଜିବାରେ ଲାଗି ପଡ଼ିଛି ।

ମଧ୍ୟପ୍ରଦେଶର ଭୋପାଳରେ ୨୧ ବର୍ଷୀୟା ମଡେଲ ଖୁସି ଅହିରୱାରଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ବଢୁଛି ଚର୍ଚ୍ଚା । ମୃତକଙ୍କ ପରିବାର ଖୁସିଙ୍କ ପ୍ରେମିକ କାସିମ ଅହମ୍ମଦଙ୍କ ନାଁରେ ହତ୍ୟା ଅଭିଯୋଗ ଆଣିଛନ୍ତି । ପୋଲିସ ପୋଷ୍ଟମର୍ଟମ କରି ମୃତଦେହ ପରିବାରକୁ ହସ୍ତାନ୍ତର କରିଛି । ମୃତଦେହକୁ ସାଗର ଜିଲ୍ଲାର ମଣ୍ଡି ବାମୋରା ଗାଁକୁ ନେଇଯାଇଛନ୍ତି ପରିବାର ଲୋକ, ଯେଉଁଠାରେ ତାଙ୍କର ଦାହ ସଂସ୍କାର କରାଯାଇଛି । ସେପଟେ ଅଭିଯୁକ୍ତ କାସିମ ବର୍ତ୍ତମାନ ପୋଲିସ ହେପାଜତରେ ଅଛି ଏବଂ ତାକୁ ପଚରାଉଚରା କରାଯାଉଛି । ଏସିପି ଆଦିତ୍ୟରାଜ ସିଂହ କହିଛନ୍ତି ଯେ ରବିବାର ବିଳମ୍ବିତ ରାତିରେ ଖୁସିଙ୍କ ପ୍ରେମିକ କାସିମ୍ ଏବଂ ବସ୍ କଣ୍ଡକ୍ଟର ଖୁସିଙ୍କୁ ନେଇ ଚିରାୟୁ ହସ୍ପିଟାଲରେ ପହଞ୍ଚିଥିଲେ, କିନ୍ତୁ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ମୃତ୍ୟୁବରଣ କରିଥିଲେ ଖୁସି । ସୂଚନା ପାଇବା ପରେ ଖଜୁରୀ ପୋଲିସ ଷ୍ଟେସନର ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଖୁସିଙ୍କ ପ୍ରେମିକ କାସିମ ଏବଂ ବସ୍ କଣ୍ଡକ୍ଟରଙ୍କୁ ଉପସ୍ଥିତ ଥିବା ଦେଖିଥିଲେ । ପରେ ମୃତଦେହକୁ ପୋଷ୍ଟମର୍ଟମ୍ ପାଇଁ ହମିଦିଆ ହସ୍ପିଟାଲକୁ ପଠାଯାଇଥିଲା ଏବଂ କାସିମଙ୍କୁ ହେପାଜତରେ ନେଇ ପଚରାଉଚରା କରାଯାଇଥିଲା। କାସିମ୍ ର କହିବା ଅନୁସାରେ ସେମାନେ ବସ୍ ?ରେ ଉଜ୍ଜୟିନୀରୁ ଭୋପାଳକୁ ଆସୁଥିଲେ । ଫାଣ୍ଡା ଟୋଲ୍ ନିକଟରେ ସେ ଖୁସିଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ କିନ୍ତୁ ଅଚେତ ଅବସ୍ଥାରେ ଥିଲେ ଖୁସି । ଏମିତିକି ତାଙ୍କ ଶରୀର ଥଣ୍ଡା ହୋଇଯାଇଥିଲା । ପରେ କାସିମ୍ ଏବଂ ବସ୍ କଣ୍ଡକ୍ଟର ଖୁସିଙ୍କୁ ଏକ ଅଟୋରେ ବସାଇ ଚିରାୟୁ ହସ୍ପିଟାଲକୁ ନେଇଥିଲେ, ଯେଉଁଠାରେ ଡାକ୍ତରମାନେ ଖୁସିଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ୍ ତଦନ୍ତରୁ ଜଣାପଡ଼ିଛି ଯେ ଖୁସି ପୂର୍ବରୁ ଏକ ବ୍ୟାଙ୍କରେ କାମ କରୁଥିଲେ, କିନ୍ତୁ ପରେ ଚାକିରି ଛାଡ଼ି ମଡେଲିଂ ଆରମ୍ଭ କରିଥିଲେ । କାସିମ୍ ଏବଂ ଖୁସି ପ୍ରାୟ ଦେଢ଼ରୁ ଦୁଇ ବର୍ଷ ଧରି ପରସ୍ପର ସହ ସମ୍ପର୍କରେ ଥିଲେ । ଏପଟେ ମୃତକଙ୍କ ପରିବାର ଖୁସିଙ୍କର ହତ୍ୟା ହୋଇଥିବା ନେଇ ଅଭିଯୋଗ କରିଛନ୍ତି, କାହିଁକି ନା ଖୁସିଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି । ଖୁସିଙ୍କ ଭଉଣୀଙ୍କ କହିବା ଅନୁଯାୟୀ, ତାଙ୍କ କାନ୍ଧ, ବେକ ଏବଂ ମୁହଁରେ କ୍ଷତ ଚିହ୍ନ ରହିଛି । ପରିବାର ଅଭିଯୋଗ କରିଛନ୍ତି ଯେ କାସିମ୍ ହିଁ ଖୁସିଙ୍କୁ ନିର୍ମମ ଭାବରେ ମାଡ଼ ମାରିଥିଲା, ଯାହା ଫଳରେ ଖୁସିଙ୍କର ମୃତ୍ୟୁ ହୋଇଛି । କହି ରଖୁଛୁ ଖୁସିଙ୍କର ତିନି ଭଉଣୀ ଥିବାବେଳେ ତାଙ୍କ ଭାଇଙ୍କର ପୂର୍ବରୁ ମୃତ୍ୟୁ ହୋଇସାରିଛି । ତାଙ୍କ ବାପାଙ୍କ ମାନସିକ ସ୍ୱାସ୍ଥ୍ୟବସ୍ଥା ଠିକ୍ ନାହିଁ । ଖୁସି ସୋସିଆଲ ମିଡିଆରେ ବହୁତ ଆକ୍ଟିଭ୍ ଥିଲେ । ଖୁସିଙ୍କର "ଡାଇମଣ୍ଡ ଗାର୍ଲ" ନାମକ ଏକ ଇନଷ୍ଟାଗ୍ରାମ ଆକାଉଣ୍ଟ ଥିଲା, ଯେଉଁଥିରେ ୧୨ ହଜାରରୁ ଅଧିକ ଫଲୋଅର୍ସ ଥିଲେ । ତାଙ୍କ ପ୍ରୋଫାଇଲରେ ମଡେଲିଂର ଅନେକ ଫଟୋ ଏବଂ ଭିଡିଓ ପୋଷ୍ଟ କରାଯାଇଥିଲା । ଛୋଟ ଗାଁରୁ ଆସି ଖୁସି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ନିଜ ସ୍ୱପ୍ନ ପୂରା କରିବା ପାଇଁ କଠିନ ପରିଶ୍ରମ କରୁଥିଲେ ଖୁସି । କିନ୍ତୁ ତାଙ୍କର ସବୁ ସ୍ୱପ୍ନ ଭାଙ୍ଗିଗଲା, ଆରପାରିକୁ ଚାଲିଗଲେ ଖୁସି । ତେବେ ମୃତ୍ୟୁର ସଠିକ୍ କାରଣ ଜାଣିବା ପାଇଁ ପୋଲିସ ଏବେ ପୋଷ୍ଟମର୍ଟମ ରିପୋର୍ଟକୁ ଅପେକ୍ଷା କରିଛି । ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ।

